# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17






ପୃଷ୍ଠା ୪ — ଡେନମାର୍କର ଭିକ୍ଟୋରିଆ କେଜର ଥେଲବିଗ୍ ମିସ୍ ୟୁନିଭର୍ସ ୨୦୨୪




# ସିଙ୍ଗାପୁର ସହ ବ୍ୟାବସାୟିକ ସମ୍ପର୍କର ନୂଆ ଯୁଗ

- ଓଡ଼ିଶାରେ ନିବେଶ କରିବ ସେମ୍ବକର୍ପ
- ଜୈବିକ ସାରରେ ପୁଂଜି ଖଟେଇବ ଓରିଣ୍ଡ ସିଙ୍ଗାପୁର

**ଭୁବନେଶ୍ୱର,୧୭।୧୧ (ସଂଚାର ବ୍ୟୁରୋ):** ସିଙ୍ଗାପୁରରେ ପ୍ରଥମ ଦିନର ଗସ୍ତରେ ପୁଂଜିନିବେଶକାରୀଙ୍କୁ ପ୍ରଭାବିତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଟିମ ଓଡ଼ିଶା। ଓଡ଼ିଶାରେ ପୁଂଜି ନିବେଶ କରିବାକୁ ବିଭିନ୍ନ ବହୁରାଷ୍ଟ୍ରୀୟ କମ୍ପାନୀର ମୁଖ୍ୟଙ୍କ ସହ ଆଲୋଚନା କରି ରାଜ୍ୟରେ ଥିବା ଶିଳ୍ପ ଅନୁକୂଳ ବାତାବରଣ ବାବଦରେ ଅବଗତ କରିଛନ୍ତି ମୁଖ୍ୟମନ୍ତ୍ରୀ। ପ୍ରଥମ ଦିନର ଆଲୋଚନା ପରେ ସେମ୍ବକର୍ପ ପକ୍ଷରୁ ରାଜ୍ୟରେ ଗ୍ରୀନ ଆମୋନିଆ ପ୍ଲାଣ୍ଟ ପ୍ରତିଷ୍ଠା ହେବ ବୋଲି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ।

ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଶିଳ୍ପ ସଚିବ ହେମନ୍ତ ଶର୍ମା ଓ ସିଙ୍ଗାପୁରରେ ଅବସ୍ଥାପିତ ରାଷ୍ଟ୍ରଦୂତ ଡକ୍ଟର ଶିଲ୍ପକ ଆମ୍ବୁଲେ ଶିଳ୍ପ ପ୍ରତିନିଧିଙ୍କ ସହ ଭାରତ-ସିଙ୍ଗାପୁର ବ୍ୟବସାୟୀକ ସମ୍ପର୍କ ନେଇ ଆଲୋଚନା କରିଛନ୍ତି। ଭାରତ-ସିଙ୍ଗାପୁର ମଧ୍ୟରେ ବ୍ୟବସାୟୀକ ସମ୍ପର୍କ ମଧ୍ୟରେ ଓଡ଼ିଶାର ଭୂମିକାକୁ ଉପରେ ଆଲୋଚନା ହୋଇଛି। ରାସାୟନ, ପେଟ୍ରୋକେମିକାଲ, ଅକ୍ଷୟ ଶକ୍ତି, ଗ୍ରୀନ ଫୁଏଲ ଓ ଦକ୍ଷତା ବିକାଶରେ ଓଡ଼ିଶା ଓ ସିଙ୍ଗାପୁର ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ବୃଦ୍ଧି ନେଇ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା।

ଏହି ଅବସରରେ ଓରିଣ୍ଡ ସିଙ୍ଗାପୁର ଚେୟାରମ୍ୟାନ ଶିଳ୍ପପତି ରବୀନ ଝୁନଝୁନୱାଲାଙ୍କ ସହ ଆଲୋଚନା କରିଛନ୍ତି ମୋହନ ମାଝୀ। ଜୈବିକ ସାର କ୍ଷେତ୍ରରେ ନିବେଶ କରିବାକୁ ରବୀନ ଝୁନଝୁନୱାଲା ଆଗ୍ରହ ପ୍ରକାଶ କରିଛନ୍ତି । ସେ ଓଡ଼ିଶାରେ ତାଙ୍କର ଷ୍ଟାର୍ଟ ଅପ୍ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭରସା ଦେଇଛନ୍ତି । ଏହାସହ ମୁଖ୍ୟମନ୍ତ୍ରୀ, ସେମ୍ବକର୍ପ ଇଣ୍ଡଷ୍ଟ୍ରୀ ଲିମିଟେଡର ଗ୍ରୁପ୍ ପ୍ରେସିଡେଣ୍ଟ ଓ ସିଇଓ ୱଙ୍ଗ କିମ୍ ୟିନଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଓଡ଼ିଶାରେ ହେବାକୁଥିବା ସେମ୍ବକର୍ପର ଗ୍ରୀନ୍ ଆମୋନିଆ ପ୍ରକଳ୍ପ ସହିତ ଭାରତରେ ହେବାକୁ ଥିବା ଅନ୍ୟାନ୍ୟ ଅକ୍ଷୟ ଶକ୍ତି ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହାସହ ୨୦୨୫ ଜାନୁଆରୀ ୨୮ ଓ ୨୯ ତାରିଖରେ ଭୁବନେଶ୍ୱରରେ ➩ପୃଷ୍ଠା-୬




# ଜଗନ୍ନାଥଙ୍କ ଜମି ବେଆଇନ ବିକ୍ରି ହୋଇଥିଲେ କାର୍ଯ୍ୟାନୁଷ୍ଠାନ

- ଦଣ୍ଡିତ ହେବେ କ୍ରେତା ବିକ୍ରେତା ଓ ସବରେଜିଷ୍ଟ୍ରାର
- ଜମି ବିକିଥିବା ବ୍ୟକ୍ତିଙ୍କ ବିରୋଧରେ ପଦକ୍ଷେପ ନିଅ: କଂଗ୍ରେସ

**ଭୁବନେଶ୍ୱର,୧୭।୧୧ (ସଂଚାର ବ୍ୟୁରୋ):** ଜଗନ୍ନାଥଙ୍କ ଇଞ୍ଚେ ବି ଜମିର ବେଆଇନ ବିକ୍ରିକୁ ବରଦାସ୍ତ କରାଯିବନି। ମହାପ୍ରଭୁଙ୍କ ଜମି ବେଆଇନ ଭାବେ ବିକ୍ରି ହୋଇଥିଲେ ହେବ କଠୋର କାର୍ଯ୍ୟାନୁଷ୍ଠାନ। କ୍ରେତା-ବିକ୍ରେତା ଓ ସମ୍ପୃକ୍ତ ସବ-ରେଜିଷ୍ଟ୍ରାରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ।

ମନ୍ତ୍ରୀ କହିଛନ୍ତି, ବାସେଲୀସାହି ଜମି ଜାଲିଆତି ଘଟଣାରେ କଡା କାର୍ଯ୍ୟାନୁଷ୍ଠାନ ହେବ। ମନ୍ଦିର ପ୍ରଶାସନର ଯାହା ଦାୟିତ୍ୱ ତାକୁ ନିର୍ବାହ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଜବରଦଖଲ ଜମିକୁ ବିକ୍ରି କରି କର୍ପସ ଫଣ୍ଡ ସଂଗ୍ରହ କରିବା ପାଇଁ ଯୋଜନା କରୁଛି ଆଇନ ବିଭାଗ । ୨୦୦୩ ୟୁନିଫର୍ମ ପଲିସି ଅନୁସାରେ, ଜବରଦଖଲ ହୋଇଥିବା ଜଗନ୍ନାଥ ଜମିଗୁଡିକର ସେଟଲମେଣ୍ଟ କରାଯିବ। ପୁରୀ ସହର ଏବଂ ରାଜ୍ୟର ଅନ୍ୟ ଅଂଚଳରେ ଦୀର୍ଘଦିନ ଧରି ଲୋକେ ମହାପ୍ରଭୁଙ୍କ ଜମି ଜବରଦଖଲ କରିଛନ୍ତି । ଏହି ପ୍ରକ୍ରିୟା ଫଳରେ ସେହି ଜମି ଜବରଦଖଲମୁକ୍ତ ହୋଇପାରିବ। ସେଟଲମେଣ୍ଟ ହେବା ଦ୍ୱାରା ପ୍ରାୟ ୮ରୁ ୧୦ହଜାର କୋଟି ଟଙ୍କାର କର୍ପସ ଫଣ୍ଡ ଗଠନ କରାଯିବ। ସର୍ବନିମ୍ନ ପରିମାଣର ଜମିକୁ ରିହାତି ଦରରେ ବିକ୍ରି କରାଯିବ। ଅଧିକ ଜମିର ଆବଶ୍ୟକ ଥିଲେ, ବେଞ୍ଚ ମାର୍କ ଭାଲ୍ୟୁରେ ଜମି କିଣି ପାରିବେ ବୋଲି ଆଇନ ମନ୍ତ୍ରୀ ସୂଚନା ଦେଇଛନ୍ତି।

ମହାପ୍ରଭୁ ➩ପୃଷ୍ଠା-୬

## ବିକଶିତ ଓଡ଼ିଶା ଗଠନ ପ୍ରସ୍ତୁତି

# ନୀତି ଆୟୋଗ ସଦସ୍ୟଙ୍କ ସହ ଆଲୋଚନା

**ଭୁବନେଶ୍ୱର,୧୭।୧୧ (ସଂଚାର ବ୍ୟୁରୋ):** ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ରଖି ପ୍ରସ୍ତାବିତ 'ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ଭିଜନ ଡକ୍ୟୁମେଣ୍ଟ' ର ପ୍ରସ୍ତୁତି କାର୍ଯ୍ୟକ୍ରମ ଅଗ୍ରଗତି ସଂପର୍କରେ ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ବିଭିଆର ସୁବ୍ରମଣ୍ୟମ ଏବଂ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସମୀକ୍ଷା କରିଛନ୍ତି। ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ଦୂରଦୃଷ୍ଟିସମ୍ପନ୍ନ ଦସ୍ତାବିଜ ପ୍ରସ୍ତୁତି ନିମନ୍ତେ ବିଭିନ୍ନ ବିଭାଗ, ପରାମର୍ଶ ପ୍ରଦାନକାରୀ ଅନୁଷ୍ଠାନ, ଭିଜନ ଡକ୍ୟୁମେଣ୍ଟ ୱେବ୍ ପୋର୍ଟାଲ, ➩ପୃଷ୍ଠା-୬

# ବଦଳି ନିୟମ ସଚିବାଳୟରେ ଅକାମୀ

**ଭୁବନେଶ୍ୱର,୧୭।୧୧ (ସଂଚାର ବ୍ୟୁରୋ):** ବଦଳି ପାଇଁ କର୍ମଚାରୀମାନେ ଚାପ ନପାଇବାକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ତାଗିଦା କରିବାପରେ ଏବେ ସଚିବାଳୟରେ ବଦଳି ନିୟମକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଆଇଏଏସ୍, ଓଏଏସ୍, ଓଏଫ୍ଏସ୍ ସମେତ ଯାନ୍ତ୍ରିକ ବିଭାଗରେ ଘନ ଘନ ବଦଳି ହେଉଥିବାବେଳେ ସଚିବାଳୟ ସେବାର କର୍ମଚାରୀମାନେ କିନ୍ତୁ ଚଉକି ଛାଡିବାକୁ ନାରାଜ। ଜଣେ ଜଣେ ବାବୁ ଗୋଟିଏ ବିଭାଗରେ ୧୫/୨୦ବର୍ଷ ରହିଲେ ବି ସେମାନଙ୍କର ବଦଳି ହେଉନାହିଁ।



- ଚଉକି ଛାଡୁନାହାନ୍ତି ବାବୁ
- ନିୟମ କରିଥିଲେ ପୂର୍ବତନ ମୁଖ୍ୟ ସଚିବ

ଅନ୍ୟ ସମସ୍ତ କ୍ୟାଡରର ସରକାରୀ କର୍ମଚାରୀଙ୍କ ପାଇଁ ବଦଳି ନିୟମ ୬ ବର୍ଷ ଧାର୍ଯ୍ୟ ହୋଇଥିବାବେଳେ ସଚିବାଳୟ ସେବା କ୍ୟାଡର ପାଇଁ ଏହା ୧୦ ବର୍ଷ ହୋଇଥିଲା। ପୂର୍ବତନ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ସଚିବାଳୟ ପ୍ରଶାସନରେ ସଂସ୍କାର ଆଣିବାପାଇଁ ଏହି ନିୟମ କରିଥିଲେ। ଲକ୍ଷ୍ୟ ଥିଲା, ବିଭିନ୍ନ ବିଭାଗ ବିରୁଦ୍ଧରେ ଆସୁଥିବା ଦୁର୍ନୀତିରେ ରୋକ୍ ଲଗାଇବା ସହିତ କର୍ମଚାରୀମାନେ ଗୋଟିଏ ବିଭାଗରୁ ଆଉ ଗୋଟିଏ ବିଭାଗକୁ ଗଲେ ସେମାନଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବ।

ତେବେ ଅସିତ୍ ତ୍ରିପାଠୀଙ୍କ ଏହି ନିୟମ ଲାଗୁପରେ ସଚିବାଳୟରେ ଥରୁଟିଏ ମାତ୍ର କର୍ମଚାରୀମାନଙ୍କର ବିଭାଗୱାରୀ ବଦଳି ହୋଇଥିଲା। ଏହାପରେ ଏହି ବଦଳି ବ୍ୟବସ୍ଥା ଶୀତଳ ଭଣ୍ଡାରେ। ଜଣେ ଜଣେ ➩ପୃଷ୍ଠା-୬



## କାନ ଡେରିଥା

ମାଳ ମାଳ ନୂଆ
ଯୋଜନା ଭିତରେ
ବଢୁଛି ମୋହନ ବଳ
ନବୀନ ବିଚରା
ପଛ ପାପ ପାଇଁ
ମହାକାଳ ଫଳ।

# ବବିଙ୍କ ପାଖରେ ଦେବୀ, ଅତନୁଙ୍କ ଆତ୍ମସମର୍ପଣ

**ଭୁବନେଶ୍ୱର,୧୭।୧୧ (ସଂଚାର ବ୍ୟୁରୋ):** ଦଳରେ ପଦ ପଦବୀରେ ନଥିବା ବବିଙ୍କ ନିକଟରେ ଏକ ପ୍ରକାର ଆତ୍ମ ସମର୍ପଣ କରିଦେଇଛନ୍ତି ବିଜେଡିର ଦୁଇ ବରିଷ୍ଠ ନେତା ଦେବୀ ମିଶ୍ର ଓ ଅତନୁ ସବ୍ୟସାଚୀ ନାୟକ। ବବିଙ୍କୁ ଗୁରୁ ମାନି ଏହି ତିନି ହାରୁ ନେତା ଏବେ ବିଜେଡିକୁ ବଳ ଦେବେ।

ରବିବାର ଦଳୀୟ କାର୍ଯ୍ୟାଳୟରେ ଯୁବ ସଭ୍ୟ ସଂଗ୍ରହ ପାଇଁ ବସିଥିବା ବୈଠକରେ ଦେବୀ-ଅତନୁ ଉପସ୍ଥିତ ଥିବାବେଳେ ବବି ଯେଭଳି ଛାତିରେ ବେଲ୍ଟ ବାନ୍ଧି ଗାଡି ଭିତରୁ ମାର୍ଗଦର୍ଶନ ଦେଲେ ଓ ତାକୁ ଏହି ଦୁଇ ପୂର୍ବତନ ମନ୍ତ୍ରୀ ଆକଣ୍ଠ ପାନ କଲେ ତାହାକୁ ଦେଖିବାପରେ ସେଠାରେ ଉପସ୍ଥିତ



## ଅହଙ୍କାରୀ ବବି ଚଳନ୍ତା ଗାଡ଼ିରୁ ଦେଲେ ଟିପ୍ସ

କନିଷ୍ଠମାନେ ବବିଙ୍କ ନିକଟରେ ଏହି ଦୁଇ ନେତା ଏକ ପ୍ରକାର ଆତ୍ମସମର୍ପଣ କରିଥିବା ନେଇ ଟୁପୁରୁଟାପୁର ହେଉଛନ୍ତି। ସେମାନଙ୍କ କହିବାକଥା ଯେ ବବି ବିଜେଡିର କୌଣସି କମିଟିରେ ସଦସ୍ୟ ନାହାନ୍ତି। ତେଣୁ ତାଙ୍କର ସେଭଳି କିଛି ଗୁରୁତ୍ୱ ନାହିଁ। ଅନ୍ୟ ପକ୍ଷରେ ଦେବୀ ଓ ଅତନୁଙ୍କୁ ବିଜେଡିରେ ଗୁରୁଦାୟିତ୍ୱ ମିଳିଛି।

ହେଲେ ସନ୍ୟାସୀଙ୍କ ଚାପରେ ପଡ଼ି ଦେବୀ ମିଶ୍ର ଓ ଅତନୁଙ୍କ ➩ପୃଷ୍ଠା-୬

# ୨୦ ଓ ୨୨ରୁ ବରଗଡ଼, ସମ୍ବଲପୁରରୁ ଧାନ ସଂଗ୍ରହ

**ଭୁବନେଶ୍ୱର,୧୭।୧୧ (ସଂଚାର ବ୍ୟୁରୋ):** ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ରବିବାର ଲୋକସେବା ଭବନରେ ଚଳିତ ବର୍ଷ ଖରିଫ ଋତୁ ପାଇଁ ଧାନ ସଂଗ୍ରହ ବ୍ୟବସ୍ଥା ନେଇ ମନ୍ତ୍ରୀ ଓ ସଚିବସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଧାନ ସଂଗ୍ରହ ନିମନ୍ତେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଧାନ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନିତ କରାଯିବା ସହ ସମସ୍ତ ପ୍ରକାର ଅନିୟମିତତା, ଦଲାଲି, କଟନୀ ଛଟନୀକୁ ବନ୍ଦ କରି ଚାଷୀଙ୍କୁ ସେମାନଙ୍କ ଫସଲର ଉଚିତ ମୂଲ୍ୟ ପ୍ରଦାନ ଉପରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଗୁରୁତ୍ୱ ଦେଇଛନ୍ତି। ଏହି ମାସ ୨୦ ଓ ୨୨ ତାରିଖରୁ ବରଗଡ଼ ଓ ସମ୍ବଲପୁରରୁ ଧାନ ସଂଗ୍ରହ ଆରମ୍ଭ ହେଉଛି। ପ୍ରଥମ ଥର ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ୮୦୦ଟଙ୍କା ଅଧିକ ଦିଆଯାଉଛି। ଏହାର ବଣ୍ଟନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆସନ୍ତା ୮ ତାରିଖରେ ବରଗଡ଼ ଜିଲ୍ଲାର ସୋହେଲାରୁ ଆରମ୍ଭ ହେବ। ଡିସେମ୍ବର ୭ ➩ପୃଷ୍ଠା-୬

# ବାଲିଯାତ୍ରାରେ ଅଘଟଣ

**କଟକ,୧୭।୧୧ (ସଂଚାର ବ୍ୟୁରୋ):** କଟକ ବାଲିଯାତ୍ରା ଆଜି ଏକ ଅଘଟଣ ଘଟିଛି। ଲିଚୁ ଲାଇଟରୁ କରେଣ୍ଟ ଲାଗି ଜଣେ ଯୁବକଙ୍କ ମୃତ୍ୟୁ ହୋଇଯାଇଛି। ଯୁବକ ଇଲେକ୍ଟ୍ରି କରେଣ୍ଟରେ ଗୁରୁତର ହେଇପଡ଼ିଥିବା ବେଳେ ଏସସିବି ମେଡିକାଲରେ ମୃତ୍ୟୁବରଣ କରିଛନ୍ତି। ମୃତ ଯୁବକ ରାସ୍ତାର ଡିଭାଇଡର ଡେଇଁ ଆରପଟକୁ ଯାଉଥିବା ସମୟରେ ଲିଚୁ ଲାଇଟ କରେଣ୍ଟ ଲାଗିଯାଇଥିଲା। ଏଥିରେ ସେ ଗୁରୁତର ହୋଇପଡିବାରୁ ତାଙ୍କୁ ତୁରନ୍ତ ଏସସିବିକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି।

## ଟ୍ରେଣ୍ଡିଂ ନ୍ୟୁଜ୍

- ବିବାଦ ପରେ ବଢ଼ିଲା ବାଲିଯାତ୍ରା ଉତ୍ସବ ସାଂସ୍କୃତିକ କାର୍ଯ୍ୟକ୍ରମର ସମୟ। ରାତି ୧୦ଟା ପରିବର୍ତ୍ତେ ସାଢେ ୧୦ଟା ପର୍ଯ୍ୟନ୍ତ ଚାଲିବ। ଆବଶ୍ୟକ ସ୍ଥଳେ କାର୍ଯ୍ୟକ୍ରମ ଶେଷ ହେବା ପର୍ଯ୍ୟନ୍ତ ଏହାକୁ ବୃଦ୍ଧି କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶିବ ଟପ୍ପୋ ସୂଚନା ଦେଇଛନ୍ତି।
- ଆଇଫୋନ୍ ପ୍ଲାଣ୍ଟ ପାଇଁ ଟାଟା ଇଲେକ୍ଟ୍ରୋନିକ୍ସ ପେଗାଟ୍ରନ ସହ ଚୁକ୍ତି କଲା। ତାମିଲନାଡୁରେ ଏହି ପ୍ଲାଣ୍ଟ ପ୍ରତିଷ୍ଠା ହେବ ଓ ଏଠାରେ ୧୦ ହଜାର ଲୋକଙ୍କୁ ନିଯୁକ୍ତି ମିଳିବ। ଜେନ୍ନାଇ ପ୍ଲାଣ୍ଟରେ ବର୍ଷକୁ ୫ ନିୟୁତ ଆଇଫୋନ ଉତ୍ପାଦନ କରାଯିବ।
- ଗୁଜରାଟର କଚ୍ଛ ଜିଲ୍ଲାରେ ଥିବା ମାଧପର ହେଉଛି ଏସିଆର ଶ୍ରେଷ୍ଠ ଧନୀ ଗାଁ। ପ୍ରାୟ ୩୨ ହଜାର ଜନସଂଖ୍ୟା ବିଶିଷ୍ଟ ଉକ୍ତ ଗ୍ରାମର ବାସିନ୍ଦା ଷ୍ଟେଟ୍ ବ୍ୟାଙ୍କ ସମେତ ୧୭ ବ୍ୟାଙ୍କରେ ସ୍ଥାୟୀ ଭାବେ ଜମା ରଖିଛନ୍ତି ୭ ହଜାର କୋଟି ଟଙ୍କା।
- କାଶ୍ମୀରରେ ୩୭୦ ଧାରା ପୁନର୍ବାର ଲାଗୁ କରିବା ପାଇଁ ରାଜ୍ୟ ସରକାର କି ପଦକ୍ଷେପ ନେଉଛନ୍ତି ସାଧାରଣରେ ପ୍ରକାଶ କରିବାକୁ ପିଡିପି ମୁଖ୍ୟ ମେହେବୁବା ମୁଫତିଙ୍କ ଦାବି।
- ତାମିଲନାଡୁରେ ତେଲୁଗୁ ଭାଷାଭାଷୀ ଲୋକଙ୍କ ବିରୋଧରେ ଆପତ୍ତିଜନକ ଟିପ୍ପଣୀ ପ୍ରଦାନ ମାମଲାରେ ଶନିବାର ହାଇଦ୍ରାବାଦରୁ ଦକ୍ଷିଣ ଭାରତୀୟ ଅଭିନେତ୍ରୀ କସ୍ତୁରୀ ଶଙ୍କରଙ୍କୁ ଗିରଫ କଲା ପୁଲିସ।

# ଓଡ଼ିଶା ଆସିଲେ ମନୋଜ ସାହୁ



**ଭୁବନେଶ୍ୱର,୧୭।୧୧ (ସଂଚାର ବ୍ୟୁରୋ):** ଓଡ଼ିଶା ଫେରିବେ ୨୦୦୬ ବ୍ୟାଚ୍ ଆଇଏଏସ୍ ଅଧିକାରୀ ମନୋଜ କୁମାର ସାହୁ। ମନୋଜଙ୍କୁ ଓଡ଼ିଶା କ୍ୟାଡରକୁ ଆଣିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ପ୍ରସ୍ତାବକୁ କ୍ୟାବିନେଟ ନିଯୁକ୍ତି କମିଟି ଅନୁମୋଦନ କରିଛି। ସଂପ୍ରତି ମନୋଜ ଡେପୁଟି ନିର୍ବାଚନ କମିଶନର କାର୍ଯ୍ୟରତ। କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ରାଜ୍ୟ ଗୃହ ବିଭାଗକୁ ସୂଚିତ କରାଯାଇଛି। ଅରୁଣାଚଳ, ➩ପୃଷ୍ଠା-୬

# ଭରତପୁର ଥାନାରୁ ହଟୁନି ବାସ୍ତୁଦୋଷ

**ଭୁବନେଶ୍ୱର,୧୭।୧୧ (ସଂଚାର ବ୍ୟୁରୋ):** ଘଣ୍ଟା ଘଣ୍ଟା ଧରି ଯଜ୍ଞ ଚାଲିଲା। କେଜି କେଜି ଘିଅ ଢଳା ହେଲା। ମନ୍ତ୍ର ପାଠରେ ପ୍ରକମ୍ପିତ ହେଲା ଥାନା। କିନ୍ତୁ କଟିଲା ନାହିଁ ବାସ୍ତୁଦୋଷ। ବରଂ ବଦନାମ ପରେ ବଦନାମ ମୁଣ୍ଡାଇ ଚାଲିଲା ଥାନା।

ଆମେ କହୁଛୁ କମିଶନରେଟ ପୋଲିସର ଭରତପୁର ଥାନା କଥା। ମଡେଲ ପୋଲିସ ଷ୍ଟେସନ ଭାବେ ପ୍ରତିଷ୍ଠା ହୋଇଥିବା ଏହି ଥାନାକୁ ଦେଖିଲେ ପୂର୍ବରୁ ସମସ୍ତ ଥାନାର ଅଫିସର ଇର୍ଷା କରୁଥିଲେ। ଥାନାର ଡିଜାଇନ ବେଶ ଚିତାକର୍ଷକ ଥିଲା। କିନ୍ତୁ ନୂଆ ଥାନା କିଛିଦିନ କାର୍ଯ୍ୟ କରିବା ପରେ ଆର୍ମି ଅଫିସର ଘଟଣାରେ ବଦନାମର ବୋଝ ମୁଣ୍ଡାଇଥିଲା। ଥାନାରେ ଘଟିଥିବା ଘଟଣା ପାଇଁ ମୂଖ୍ୟତଃ ତତ୍କାଳୀନ କମିଶନର ଓ ଡିସିପିଙ୍କ ମୁଣ୍ଡ ଗଡ଼ିଥିଲା। ଥାନାଧିକାରୀଙ୍କୁ ନିଲମ୍ବିତ ମଧ୍ୟ କରାଯାଇଥିଲା। ନୂଆ ଥାନାଧିକାରୀ ଆସିବା ପରେ ଘିଅ ମହୁରେ ଭସାଇଥିଲେ। କୌଣସି ଖରାପ ଦୃଷ୍ଟି ଥାନାରେ ନ ପଡ଼ିବା ପାଇଁ ଲେମ୍ବୁ ଲଙ୍କା ଟଙ୍ଗାଯାଇଥିଲା। ହେଲେ ସର୍ବାଧିକ କେସ ବର୍ତ୍ତମାନ ଏହି ଭରତପୁର ଥାନାରେ ଦେଖାଯାଉଛି। ଏପରିକି ସପ୍ତାହେ ତଳେ ରେଣ୍ଟାଲ କଲୋନିରେ ରହୁଥିବା ଶିଶିର ମିଶ୍ର ନାମକ ଜଣେ ସିନିୟର ସିଟିଜେନ ନିଜ ପୁଅକୁ ମରଣାନ୍ତକ ଆକ୍ରମଣ ଘଟଣାରେ ନ୍ୟାୟ ନ ମିଳିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ଜଣାଇଛନ୍ତି। ଦୋଷୀଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହାକୁ ନେଇ ଥାନା କର୍ତ୍ତୃପକ୍ଷ ଭାରାକ୍ରାନ୍ତ ଥିବା ବେଳେ ଏବେ ପୁଣି ଶୂନ୍ୟରୁ ଆସିଲାଣି କଲ୍କୀ ଅବତାର କେସ। କିଏ ଗୋଡ଼ ତଳେ ➩ପୃଷ୍ଠା-୬




## କଲ୍କୀ ଅବତାର ପ୍ରସଙ୍ଗ

# ରିପୋର୍ଟ ମାଗିଲେ ଶିଶୁ ଅଧିକାର ସୁରକ୍ଷା ଆୟୋଗ

**ଭୁବନେଶ୍ୱର,୧୭।୧୧ (ସଂଚାର ବ୍ୟୁରୋ):** ନାବାଳକକୁ କଲ୍କୀ ଅବତାର ଓ ଅନନ୍ତ ମାଧବ ବୋଲି ଆଖ୍ୟା ଦିଆଯିବା ଘଟଣାରେ ତମ୍ବି ତୋଫାନ ଚାଲିଥିବା ବେଳେ ନିଜ ଆଡୁ ମାମଲା ରୁଜୁ କରିଛି ଶିଶୁ ଆୟୋଗ। ଘଟଣା ସମ୍ପର୍କରେ ଭରତପୁର ଥାନାକୁ ରିପୋର୍ଟ ତଲବ କରିଛି ଆୟୋଗ। ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଘଟଣାର ତଦନ୍ତ କରିବା ପାଇଁ ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି) କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏହାସହିତ ଖଣ୍ଡଗିରିରେ ଥିବା ତାଙ୍କ ବୈକୁଣ୍ଠ ଆଶ୍ରମ ସାମ୍ନାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ଆଶ୍ରମରେ ➩ପୃଷ୍ଠା-୬



- ଭିଡିଓ ଜାରି କରି ସଫେଇ ଦେଲେ କାଶୀନାଥ
- ବେଆଇନ ନିର୍ମାଣ ହୋଇଥିଲେ କାର୍ଯ୍ୟାନୁଷ୍ଠାନ

# ସନ୍ୟାସୀଙ୍କ ସ୍ମାଇପର ସେଲ୍ କ୍ୟାପ୍ଟେନ୍ ସିନ୍ଦେ !

**ଭୁବନେଶ୍ୱର,୧୭।୧୧ (ସଂଚାର ବ୍ୟୁରୋ):** ବିଜେପି ସରକାରକୁ ରାଜ୍ୟରେ ବଦନାମ କରିବାକୁ ରୀତିମତ ଉଦ୍ୟମ କରୁଛନ୍ତି ଟିମ ସନ୍ୟାସୀ। ଗତ ୨୪ ବର୍ଷ ଧରି କ୍ଷମତାରେ ଥିବା ବିଜେଡି ସରକାର ଅମଳରେ ବହୁ ଅଫିସର ତୃତୀୟ ମହଲାର ଅତି ନିକଟତମ ଥିଲେ ଆଉ ପ୍ରଶାସନଠାରୁ ରାଜନୀତି ସବୁଥିରେ ବିଜେଡିକୁ ସହଯୋଗ କରୁଥିଲେ। ସେଇ ଅଫିସରମାନଙ୍କ ମଧ୍ୟରୁ କିଛି ଏବେ ସନ୍ୟାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସରକାରରେ ସ୍ମାଇପର ଭାବେ କାମ କରୁଛନ୍ତି। ଶିକ୍ଷକ ନିଯୁକ୍ତି ହେଉ କି ଦର ବୃଦ୍ଧି, ସରକାରୀ ସ୍ତରରେ ହେଉଥିବା ଏମିତି କିଛି ନିଷ୍ପତ୍ତି ଓ ଘୋଷଣା ପାଇଁ ପରବର୍ତ୍ତି ସମୟରେ ମନ୍ତ୍ରୀ ସର୍ବୋପରି ସରକାର ବଦାନମ ହେଉଛନ୍ତି। ଏମିତି କାହିଁକି ହେଉଛି, ଏନେଇ ବିଭିନ୍ନ ସମୟରେ ପ୍ରଶ୍ନ ଉଠୁଥିବା ବେଳେ ଏବେ ଧିରେ ଧିରେ ସତ ପଦାକୁ ଆସୁଛି। ସରକାରରେ ସ୍ମାଇପର ସେଲ କାମ କରୁଛି ବୋଲି ପୂର୍ବରୁ ବିଶ୍ୱାସ ହେଉନଥିଲା। ହେଲେ କିଛି ଘଟଣାକ୍ରମରୁ ଲାଗୁଛି କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କ ପରି କିଛି ଅଫିସର ସରକାରଙ୍କୁ ବଦାନମ କରିବାକୁ ପୂରା ଦମରେ ଲାଗିଛନ୍ତି। ଚର୍ଚ୍ଚା ହେଉଛି ସନ୍ୟାସୀଙ୍କ ସ୍ମାଇପର ଭାବେ କାମ କରୁଥିବା ସିନ୍ଦେ ଆଗରୁ ତୃତୀୟ ମହଲାର ସବୁଠୁ କ୍ଷମତାଶାଳୀ ଅଫିସର ଡିଏସ କୁଟେଙ୍କ ଘନିଷ୍ଠ ଥିଲେ ଏବଂ ଉଭୟ ମହାରାଷ୍ଟ୍ରର। ଏକଦା କୁଟେଙ୍କ ବଳରେ ବଳିଆନ ସିନ୍ଦେ ମନ୍ତ୍ରୀ, ସାଂସଦ, ବିଧାୟକଙ୍କୁ ଖାତିର କରୁନଥିଲେ। ସେମାନଙ୍କୁ ଦୁର୍ବ୍ୟବହାର କରିବାକୁ ମଧ୍ୟ ପଛାଉ ନଥିଲେ। କୁଟେଙ୍କ ଭୟରେ କୌଣସି ବିଜେଡି ଜନପ୍ରତିନିଧି ଏହାର ବିରୋଧ ବି କରୁନଥିଲେ। ତେବେ ପ୍ରତାପ ଷଡଙ୍ଗୀଙ୍କୁ ଅପମାନିତ କରିବା ପରେ ତାଙ୍କର





ବଦଳି ହୋଇଥିଲା।

କଟକ ବାଲିଯାତ୍ରାରେ ମୁଖ୍ୟମନ୍ତ୍ରୀଙ୍କ କ୍ଷେତ୍ରରେ ଯାହା ଘଟିଲା ସେଥିରୁ ମଧ୍ୟ ଏହି ସ୍ମାଇପରଙ୍କ ସରକାର ବିରୋଧୀ କାମର ପ୍ରମାଣ ମିଳିଥିଲା। ଚର୍ଚ୍ଚା ହେଉଛି କମିଶନି ପାଇଁ ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା ଚୟନରେ ପାତର ଅନ୍ତର କରାଯାଇଛି। ବାଲିଯାତ୍ରା ପାଇଁ ପୂର୍ବରୁ ପ୍ରତିଷ୍ଠିତ ଇଭେଣ୍ଟମ୍ୟାନେଜମେଣ୍ଟ ସଂସ୍ଥାମାନଙ୍କୁ ଦାୟିତ୍ୱ ଦିଆଯାଇଥାଏ। କାରଣ ଏଥିରେ ବଲିଉଡ ଓ ଓଲିଉଡ ଷ୍ଟାରମାନଙ୍କଠାରୁ ଆରମ୍ଭ କରି ଦୈନିକ ମନ୍ତ୍ରୀ, ପ୍ରଶାସକ, ପ୍ରତିଷ୍ଠିତ ସାହିତ୍ୟିକ ଓ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନଙ୍କୁ ଆମନ୍ତ୍ରଣ କରାଯାଇଥାଏ। ତେଣୁ ଏହାର ସଫଳ ଆୟୋଜନ ପାଇଁ ସେହିଭଳି ଅନୁଭବି ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥାକୁ ବଛାଯାଇଥାଏ।

ଏଥର କିନ୍ତୁ ବାଲିଯାତ୍ରା ପାଇଁ ଇଭେଣ୍ଟ ମ୍ୟାନେଜର ବାଛିବାର ଜିଲ୍ଲାପାଳ ମହୋଦୟ ନିଜର ସ୍ୱାର୍ଥ ଜଗିଛନ୍ତି। ବ୍ରହ୍ମପୁରର ଏକ ସଂସ୍ଥା ଯାହାର ସେଭଳି ଅନୁଭବ ନାହିଁ ତାକୁ ପୂରା ଦାୟିତ୍ୱ ଦେଇଛନ୍ତି। ମାତ୍ର ୩ କୋଟି ୮୦ ଲକ୍ଷ ଟଙ୍କାରେ ଏହି ଟେଣ୍ଡର ଦିଆଯାଇଛି। ଯଦିଓ ପ୍ରଥମେ ଟେଣ୍ଡରରେ ଭୁବନେଶ୍ୱରର ଏକ ସଂସ୍ଥା ଏଲ-ୱାନ ହୋଇଥିଲା, ଜିଲ୍ଲା ପ୍ରଶାସନ ନିଜ ଆଡୁ ➩ପୃଷ୍ଠା-୬

# ପହିଲି ପଢୁଆଁ



**ପୁଷ୍ପଲତା ମିଶ୍ର**



ରତନା ଦାଣ୍ଡ ପିଣ୍ଡା ରେ ବସି ଭାବୁଛି ଅଡୁଆ ସୂତାରେ ଛନ୍ଦି ହୋଇଥିବା ଏ ଜୀବନ କେବେ ସରିବା ଆଖିର ସପନ ଏ ଆଖିରେ ମରି ରହିବ ଏ ଦୁଃଖୀ ସଂସାରରେ ହସ ଲୁହକୁ ପାଥେୟ କରି ଅସରନ୍ତି ପଥକୁ ଅତିକ୍ରମ କରିବା କେବେ ଏହାର ସମାଧାନ। ବିଚରା ତନୁ କେମିତି ଅଛି ତା ଶାଶୁ ଘରେ, ବାକି ଯୌତୁକ ଟଙ୍କା ନ ଦେଲେ ଝିଅ ଆସି ପାରୁନି ଘରକୁ, ପଚାଶ ହଜାର ଟଙ୍କା କୋଉଠୁ ଯୋଗାଡ଼ କରିବ ରତନା। ପୁଅର ପାଠ ପଢା ଝିଅ ର ବାହାଘରରେ ଯାହା ଚାଷ ଜମି ଥିଲା ତାହା ବିକା ସରିଛି କେତେଦିନ ହେଲା ଝିଅ ଘରକୁ ଟିକେ ଯାଇନି, ଆର ଗାଁର ଶ୍ୟାମ ପ୍ରଧାନ କଟକ ମେଡ଼ିକାଲ ଯାଇଥିଲା ସେଠି ସେ ତନୁର ଶାଶୁ ଘର ଲୋକଙ୍କୁ ଦେଖିଥିଲା ସେ ଜାଣିଲା ଯେ ତନୁର ପୁଅଟିଏ ହେଇଛି। ସେମାନେ ମତେ ନ କୁହନ୍ତୁ ପଛେ, ପୋଖତି ଖାଇଥ୍ୱା ପାଇଁ ଘଣା ଷୋରିଷ ତେଲ, ବାଡି ବାଇଗଣ, କଞ୍ଚା କଦଳୀ ଗୁଆ ଘିଅ ନେଇ ଯାଇଥିଲି। ଏ ସବୁ ଦେଖି ତାର ଶାଶୁ ରାଗରେ କହିଲା ଯୌତୁକ ଟଙ୍କା ନ ଦେଲେ ଏଠିକି ଆସି ପାରିବନି କାକୁତି ମିନତି ହୋଇ କହିଲି ମୁଁ ଦେଇ ଦେବି ମତେ ଟିକେ ସମୟ ଦିଅ । ହଉ କହି ଏକୋଇଶି ପାଇଁ ଗୋଟିଏ ଲମ୍ବା ଚିଠା ଧରେଇଦେଲେ ଗୋଟେ ଚିଠା ଏକୋଇଶିଆ ପାଇଁ। ଦୁହାଳିଆ ଗାଈ ନେଡାକୁ ବିକି ନାତି ପାଇଁ ସୁନା ଚେନ୍ ,ଆସ୍ଥାନ ଭୋଗ ସାମଗ୍ରୀ ଝିଅ ର ଶାଢ଼ୀ ଜ୍ୱାଇଁ ଓ ନାତି ର ଡ୍ରେସ ନେଇଥିଲି। ଏତେ ଜିନିଷ ଦେଖି ଝିଅ ବ୍ୟସ୍ତ ହେଇ କହିଲା,ବାପା ତୁମେ ଏତେ ଟଙ୍କା ଯୋଗାଡ କୋଉଠୁ ଆଣିଲ ?ଏତେ ଜିନିଷ ଆଣିଛ...... ମୁଁ ଝିଅ କୁ କହି ପାରିଲିନି ମୋ ନେଡ କୁ ବିକି ଦେଇଛି।

ବାକି ଯୌତୁକ ଟଙ୍କା ଦେଇଦେଲେ ଝିଅ ଓ ନାତି କୁ ଟିକେ ଘରକୁ ଆଣି ଥାଆନ୍ତି।ଶଶୁର ର ଚକଚକ୍ୟ କୋଠାରେ ରହି ଭୁଲି ଗଲା ଏ ଗରିବ ବାପା ମାଆ ଙ୍କୁ....। ଚାଷ ଜମି ତ ବିକା ସରିଛି ଆଉ ଅଛି ଏ ଘର ଡିହ ଖଣ୍ଡକ ? ଭିଟା ମାଟିକୁ ବିକି ଦେଲେ ଆମେ ମୁଣ୍ଡ ଗୁଞ୍ଜିବୁ କୋଉଠି ? ମନରେ ଦମ୍ ବନ୍ଧିଲା ରତନା ଯେମିତି ହଉ ଟଙ୍କା ଯୋଗାଡ କରି ଝିଅ ଘରକୁ ଯିବା।ନାତି ଟୋକାକୁ ଜମା ଦେଖିନି ଝିଅ ର ଦୁଃଖ ରେ ଭାଙ୍ଗି ପଡ଼ିଛି ତାର ମାଆ । ଆଗକୁ ପ୍ରଥମାଷ୍ଟମୀ ନାତି ନୂଆ ପୋଢୁଆ ହବ, ସେଥିପାଇଁ ସବୁ ଜିନିଷ ଯିବ ,ମୋର କିଛି ନଥାଉ ଏ ରତନା। ପ୍ରଧାନର ମାନ ସମ୍ମାନ ତ ଅଛି,ଘର ଡିହ ଖଣ୍ଡକ ବନ୍ଧା ପକାଇ ଯୌତୁକ ଟଙ୍କା ନେଇ ଝିଅ ଘରକୁ ଯିବ ରତନା! ଏହି କଥା ଭାବି ମନେ ମନେ ହସୁଛି। ପ୍ରମିଳା ଆସି ପଚାରିଲା ଏଠି କେହି ନାହାନ୍ତି, ଏମିତି ମନକୁ ମନ ହସୁଛ କଣ ଯେ ...। ହଁ ପ୍ରମିଳା ମୁଁ ମନକୁ ମନ ହସୁନି ହୃଦୟ ଖୋଲା ହସୁଛି, ମୁଁ ଯୌତୁକ ଟଙ୍କା ଦେଇ ମୋ ଝିଅ କୁ ଘରକୁ ଆଣିବ କେତେ ଖୁସି ହବ ତନୁ, ବାହା ହେଇ ଯାଇଛି ଯେ ଯାଇଛି।ଏତେ ଆଶା ବନ୍ଧିଛ ଟଙ୍କା କୋଉଠୁ ଆଣିଲ? କୋଉଠୁ ଆଣିବି ଖାଲି ହାତରେ କିଏ ଦବ ମୋତେ? ଶେଷରେ ଏ ଡିହ ଖଣ୍ଡକ ବନ୍ଧା ରଖି ଟଙ୍କା ଆଣିଛି ନାତିଆ ଟା ନୂଆ ପୋଢୁଆ ହବ। ତୁ ଯୋଗାଡ଼ ରେ ରହ ମୁଁ ସଉଦା ପତ୍ର କିଣି ଆଣେ ପ୍ରଥମାଷ୍ଟମୀ ଆଉ ମାତ୍ର ଦୁଇ ଦିନ ଅଛି,ନୂଆ ଅରୁଆ ଚାଉଳ,ବିରି,ନଡ଼ିଆ,ହଳଦୀ ପତ୍ର ନାତି ର ନୂଆ ପୋଷାକ,ଜୋତା ମୋଜା ସ୍ୱେଟର, ଝିଅ ଜ୍ୱାଇଁ ଙ୍କ ନୂତନ ବସ୍ତ୍ର କୁ ଗୋଟିଏ ବସ୍ତାରେ ବାନ୍ଧି କହିଲା ବାହାରି ପଡ଼ ଜଲଦି ବସ ସମୟ ହୋଇ ଗଲାଣି ବେଳ ଥାଉ ଥାଉ ଆସିବାକୁ ପଡ଼ିବ ଯେ....।ପଚାଶ ହଜାର ଟଙ୍କା କୁ ଅଣ୍ଟା ରେ ଖୋସି ସମସ୍ତ ଜିନିଷ ଥିବା ବସ୍ତା କୁ ମୁଣ୍ଡେଇ ରତନା ବସ ପାଖକୁ ଚାଲିଲା। ବସ ଡିକିରେ ବସ୍ତାକୁ ରଖି ବସ୍‌ରେ ଯାଇ ବସିଲା। କଟକ ବାଦାମବାଡ଼ିରେ ବସ୍ ଅଟକିଲା, କଣ୍ଡକ୍ଟର ବସ୍ ଡିକି ଖୋଲିଲା ବେଳକୁ ରତନା ଆଣି ଥିବା ବସ୍ତାଟି ନାହିଁ। ଅନ୍ୟ ଗୋଟିଏ ବସ୍ତା ସେ ଜାଗାରେ ଥୁଆ ହେଇଛି। ଏପଟ ସେପଟ ଘୁରି ବୁଲିଲା କଣ ନେଇକି ଯିବ ଝିଅ ଘରକୁ। ଗାଁ ପରିବେଶରେ ଚଳି ଆସିଥିବା ରତନା ପ୍ରଧାନ ବିଚଳିତ ହୋଇ ଉଠିଲା ଝିଅ ଘର ପାଇଁ ଆଣିଥିବା ଜିନିଷକୁ ନପାଇ...।

ଏଣେ ତେଣେ ଧା ଧଉଡ ଭିତରେ ଅଜଣା ଗାଡ଼ି ଧକ୍କାରେ ପଡ଼ି ଯାଇ ମୁଣ୍ଡ ଫାଟି ରକ୍ତ ବୋହିଯାଉଛି ଲୋକଙ୍କ ଗହଳି ଭିତରେ ରତନା ପଡି ଛଟପଟ ହେଉଛି, ସେହି ବାଟରେ ତନୁ ଓ ତାର ସ୍ୱାମୀ ସେଇ ବାଟ ଦେଇ ଗଲାବେଳେ ଦେଖିଲେ ଦୁର୍ଘଟଣା ଜାଗାରେ ଲୋକେ ଘେରିଛନ୍ତି। ଭିଡ଼ ଆଡେଇ ଦେଖନ୍ତି ତ ତନୁର ବାପା ! ତନୁ କାନ୍ଦି ଉଠିଲା ଓ ସେମାନେ ରତନାକୁ ମେଡ଼ିକାଲ ନେଇଗଲେ। ଅଧିକ ରକ୍ତସ୍ରାବ ହେତୁ ରତନାର ଚେତା ଫେରୁ ନ ଥାଏ । ଦୀପ ଲିଭିବାବେଳେ ଯେମିତି ଜଳି ଉଠେ ସେମିତି ହଠାତ୍ ବିଳି ବିଳେଇ ଉଠିଲା, ରତନା କହିଲା ମୋ ବସ୍ତା କାହିଁ କିଏ ନେଇଗଲା। ସେଥିରେ ଥିଲା ମୋ ନାତିର ପ୍ରଥମାଷ୍ଟମୀ ଜିନିଷ, ପାଖରେ ଝିଅ ଜ୍ୱାଇଁଙ୍କୁ ଦେଖି ଚିହ୍ନିପାରି ଅଣ୍ଟାରେ ଥିବା ପଚାଶ ହଜାର ଟଙ୍କାକୁ ବାହାର କରି ଜ୍ୱାଇଁ ହାତକୁ ଦେଇ ଆଖି ବୁଜିଦେଲା।

ଭୁବନେଶ୍ୱର
ମୋବାଇଲ୍: ୯୩୩୮୨୯୪୬୫୭

# ଡେଙ୍ଗୁ ଜ୍ୱର

**ରଶ୍ମୀ ସାମଲ**





ଭୁବନେଶ୍ୱରର ଏକ ଘରୋଇ ଇଂଜିନିୟରିଂ କଲେଜରେ ପଢୁଥିଲା ରିତା, ଦେଖିବାକୁ ଅତ୍ୟନ୍ତ ସୁନ୍ଦରୀ, ନାଲି କ୍ରପ ଟପ୍ ସାଙ୍ଗକୁ ଜିନ୍ସ, ପାଦରେ ହାଇ ହିଲ ଓ ଗୋରା ମୁଁହରେ ଲିପ୍‌ଷ୍ଟିକ ଲଗେଇ ବାହାରକୁ ବାହାରି ପଡ଼ିଲେ ସୁନ୍ଦରତା ତାର୍ ଯେପରି ଦ୍ୱିଗୁଣିତ ହୋଇଯାଏ, ଯେ କେହି ବି ନଜର ପକେଇ ଦେବ। ସେ ଦିନ ଝିପିଝିପି ବର୍ଷାରେ କଲେଜରୁ ଫେରିବା ସମୟରେ ଭିଜିଯାଇଥିଲା ରିତା। ଦୁଇଦିନ ପରେ

ରିତାକୁ ପ୍ରବଳ ଜ୍ୱର ଆସିଗଲା, ଦେହ ଖାଲି ତାତିରେ ଯେପରି କମ୍ପୁଥାଏ, ଧାନ ପଡ଼ିଲେ ଖଇ ଫୁଟିଯିବ କି। ବିଛଣାରୁ ଉଠି ନ ପାରିବାରୁ ସାଙ୍ଗ ହାତରେ ମେଡିସିନ ଓ ପାଉଁରୁଟି ମଗାଇ ଦେଇଥିଲା ,ଇଛା ହେଉନଥାଏ ତଥାପି ସେତକ ଜବରଦସ୍ତ ଖାଇଦେଲା, ମେଡିସିନ ଖାଇବାସତ୍ତ୍ୱେ କାହିଁକି ଜରଟା କମିଲା ଭଳି ଲାଗୁନଥାଏ। ମାଆକୁ ତା'ର ଫୋନ କଲା। ଦେହ ଖରାପ ବିଷୟରେ ସବୁକିଛି ଅବଗତ କରାଇଲା। ବିଚରା ମା' କିଛି ଉପାୟ ନ ପାଇ ଝିଅକୁ କହିଲା ବାପାଙ୍କର ତ ବାରଆଡ଼େ ଢେର କାମ, ସାନ ଭାଇର ସ୍କୁଲ ଅଛି, ତାକୁ କାହା ପାଖରେ ଛାଡ଼ି ଯିବି, ତୁ ଗୋଟେ କାମ କର ଘରକୁ ଚାଲି ଆସେ। ରିତା ମଧ୍ୟ ମା' କଥା ମାନି ପରଦିନ ସକାଳ ବସରେ ଘରକୁ ବାହାରି ପଡ଼ିଲା। ମୁଣ୍ଡଟା ସେମିତି ବିନ୍ଧି ଫଟାଇ ଦେଉଥାଏ। କ'ଣ ଆଉ କରିବ ବାମ୍ ଲଗାଇ ଲଗାଇ ବାଟସାରା ଯାଇ କଣ୍ଟିପଡ଼ା ଗାଁ'ରେ ତା'ର ପହଞ୍ଚି ଗଲା। ପ୍ରାୟେ ସାଢ଼େ ପାଞ୍ଚ ଘଣ୍ଟା ଲାଗିଗଲା ତାକୁ। ସେଠାରେ ଯାଇ ପାଖ ମେଡ଼ିକାଲରେ ଡାକ୍ତରଙ୍କ ପରାମର୍ଶରେ ସବୁ ବ୍ଲଡ଼ ଟେଷ୍ଟ କରିବାରୁ ଡେଙ୍ଗୁ ପଜିଟିଭ ବାହାରିଲା,ଏହା ଶୁଣି ମା' ବିଚରୀ ଭୟଭୀତ ହୋଇଗଲା। ସାଙ୍ଗେ ସାଙ୍ଗେ ଦେଶୀ ଚିକିତ୍ସା ଓ ଡାକ୍ତରଙ୍କ କହିବା ଅନୁସାରେ ନିୟମିତ ଔଷଧପତ୍ର ଖାଇ ବିଶ୍ରାମ ନେଲା।

ଭଗବାନଙ୍କ ଦୟାରୁ ପନ୍ଦର ଦିନରେ ସୁସ୍ଥ ହୋଇଗଲା, ଘାତକ ଡେଙ୍ଗୁଟା ଯେପରି ଦୂରେଇ ଗଲା ରିତା ମା'କୁ କହିଲା ମା' ମୁଁ ଆଉ ସେ ମେସ୍‌ରେ (ଯେଉଁଠାରେ ତା'ର ଅନ୍ୟ ଦୁଇଜଣ ଝିଅ ଗାଁ ପିଲା ସାଙ୍ଗ ରହୁଥିଲେ) ରହିବି ନାହିଁ। ସେଠାରେ ମୋର ବହୁତ ଅସୁବିଧା ହେଉଛି। ଘର ଭଡ଼ା ନେଇ ଏକୁଟିଆ ରହି ପାଠ ପଢ଼ିବି। ମାଆ ମଧ୍ୟ ବିଶ୍ୱାସରେ ଆଉ କିଛି ନ କହି ହଁ ମାରି ଦେଇଥିଲେ। ବାପା ଯେହେତୁ ସରକାରୀ ସ୍କୁଲର ପ୍ରଧାନ ଶିକ୍ଷକ ତେଣୁ ପଇସାର ଅଭାବ ବେଶି ଅନୁଭବ ହୁଏନି। ଝିଅର ସବୁ କଥାରେ ବାପା ମାଆ ରାଜି ହୋଇଯାଆନ୍ତି। ରିତା କହିଲା ମୋର ଥାର୍ଡ଼ ସେମିଷ୍ଟର ଅଛି, ମାଆ ତେଣୁ ମୁଁ ଜଲ୍‌ଦି ଭୁବନେଶ୍ୱର ଚାଲିଯିବି।

ମାଆ ମଧ୍ୟ ସବୁଥର ଭଳି ଏଥର ମଧ୍ୟ ତାଙ୍କ ଶୈଳୀରେ କାନେ କାନେ ବୁଝାଇଥିଲେ ଝିଅକୁ। ରାଜଧାନୀର ଖବର ସବୁ ଟିଭିରୁ ଦେଖି ଓ ପେପରରୁ ପଢ଼ି ବେଳେବେଳେ ଟେନସନ ଲାଗୁଛି, ଝିଅଲୋ ସେଠାରେ ଟିକେ ଦେଖି ଚାହିଁ ଚଳିବୁ। ସନ୍ଧ୍ୟା ପୂର୍ବରୁ ଘରକୁ ଫେରି ଆସୁଥିବୁ। କାହାକୁ ଏତେଶୀଘ୍ର ବିଶ୍ୱାସ କରିବୁ ନାହିଁ। ରିତା କିନ୍ତୁ ମା'କୁ ତା'ର ସବୁ ପ୍ରତିଶ୍ରୁତି ଦେଇ ଗାଁ'ରୁ ଫେରି ଆସି ଭୁବନେଶ୍ୱରରେ ପୁରୁଷ ବନ୍ଧୁ ବିକାଶ ସହ କଲେଜ ପାଖ ଏକ ଘରୋଇ ଘରେ ଭଡ଼ା ନେଇ ସାଙ୍ଗ ହୋଇ ରହିଥିଲା। ଯେଉଁଠାରେ ପୁଅ ଝିଅ ମିଶିକି ରହିବାର କୌଣସି ଲଗାମ ନାହିଁ। ଏସବୁ ଦେଖି ତା'ର ସାଙ୍ଗ ପ୍ରିୟା ବହୁତ ଥର ରିତାକୁ ବାରଣ ମଧ୍ୟ କରିଛି। କିନ୍ତୁ ପ୍ରେମରେ ଅନ୍ଧ ହୋଇ ରିତା ସାଙ୍ଗ କଥାକୁ କାନ ଦେଲାନାହିଁ। କିନ୍ତୁ ମା' କହିଥିବା କଥା ବାରମ୍ବାର ମନେପଡ଼େ, ମନ ଦେଇ ପାଠ ପଢ଼ିବୁ, ଅଯଥା ସମୟ ନଷ୍ଟ କରିବୁ ନାହିଁ। ହେଲେ ରିତା କ'ଣ କରିବ ଏପଟେ ଏମତି ବିକାଶ ପ୍ରେମରେ ପଡ଼ିଯାଇଛି ଯେ ତାକୁ ସମୟ ନ ଦେଲେ, ସେ ମୁହଁ ଫୁଲାଇ କଥା ନ ହେବାକୁ ରୋକ୍‌ଠୋକ ମନା କରିଦେଉଛି। ତେଣୁ ବାଧ୍ୟ ହୋଇ ବିକାଶ ସହ, ମାର୍କେଟ, ସପିଙ୍ଗ ମଲ, ପାର୍କ, ସିନେମା ହଲ,ଏପରି ଏଣେ ତେଣେ ବୁଲି ସମୟ ନଷ୍ଟ କରିବାକୁ ଲାଗିଲା।

ରିତାର ସବୁ ସରଳତାର ସୁଯୋଗ ନେଲା ବିକାଶ। ଏମତି ଦିନ ପରେ ଦିନ ଗଡ଼ି ଚାଲିଲା,ଏଥରୁ ମୁକ୍ତି ପାଇଁ ସ୍ୱର ଉଠାଇ ସଫଳ ହେଲା ନାହିଁ ରିତା। ଦିନେ ହଠାତ୍ ସକାଳୁ ସକାଳୁ ପୋଲିସର ଫୋନରେ ରିତା ମାଆର ଛାତିରୁ ଯେମିତି କ'ଣ ଖସି ପଡ଼ିଲା। ତମ ଝିଅ ଏକ ଘରୋଇ ମେସରେ ଆତ୍ମହତ୍ୟା କରିଛି ଏବଂ ଏକ ହାତଲେଖା ଚିଠି ଆମ ହସ୍ତଗତ ହୋଇଛି। ଏତିକି ଶୁଣିବାମାତ୍ରେ ବସିବା ଜାଗାରୁ ଉଠି ଆସିଥିଲେ ବାପାଙ୍କ ସହିତ। ବାଟରେ ଆସିବା ସମୟରେ ଭୋ ଭୋ କାନ୍ଦୁଥାନ୍ତି, କାହିଁକି, କ'ଣ ଏମତି ଭାବୁ ଭାବୁ ଆସି ମେସ ପାଖରେ ପହଞ୍ଚି ସାରିଥିଲେ। ଭୁବନେଶ୍ୱରରେ ପହଞ୍ଚିବା ପରେ ଦେଖିଲେ ମିଡ଼ିଆଠାରୁ ଆରମ୍ଭ କରି ଅନ୍ୟାନ୍ୟ ପାଖ ଲୋକ ଏବଂ ପୋଲିସଙ୍କ ସମାବେଶ ହୋଇସାରିଥାଏ। ଚିଠିଟିକୁ ନେଇ ଲୁହଭରା ଆଖିରେ ପଢ଼ିସାରି ଚିଠିରେ କ'ଣ ଲେଖାଥିଲା ପ୍ରକୃତ କାରଣ କାହାକୁ କିଛି ନ କହି ନିଜ ପଣତରେ ଆଖି ଲୁହ ପୋଛି ଚିଠିକୁ ଟିକି ଟିକି କରି ଚିରି ପାଦରେ ଦଳି ଦେଇଥିଲେ, ଏତିକି ରିତାର ମାଆ ସମସ୍ତଙ୍କୁ କହିଥିଲେ କିଛିଦିନ ପୂର୍ବରୁ ହୋଇଥିବା ଘାତକ ଡେଙ୍ଗୁ ଜ୍ୱରରେ ଯଦି ଝିଅଟା ମୋର ମରି ଯାଇଥାନ୍ତା ତେବେ ବହୁତ ଭଲ ହୋଇଥାନ୍ତା। ଏପରି ପ୍ରତିକ୍ରିୟାରେ ସେଠାର ପରିବେଶ ସ୍ତବ୍ଧ ହୋଇଯାଇଥିଲା। ଧୀରେ ଧୀରେ ଗହଳି ମଧ୍ୟ କମିଯାଇଥିଲା।

# ମନର ମଣିଷ

**ଡଃ ତାନଶ୍ରୀ ପାଣିଗ୍ରାହୀ**







ମନର କଥାକୁ କହିବା ଆଗରୁ
ତୁମେ ସବୁ ବୁଝିପାର
ହୃଦୟରେ ତୁମେ ଭଲ ସାଥୀଟିଏ
ମନର ମଣିଷ ମୋର....
ଭାବନାର ମେଘ ହେଲ ଯେବେ ତୁମେ
ମୋ ମନର ଆକାଶରେ
ଶ୍ରାବଣୀ ସାଜି ମୁଁ ଝରି ଗଲି ତୁମ
ପ୍ରେମ ଅସରା ବର୍ଷାରେ....
ସାଗରର ଢେଉ ହୋଇ ତୁମେ ଯେବେ
ମୋ ମନର ବେଳା ଛୁଅଁ
ହୃଦୟରେ ମୋର ଖେଳେ ଶିହରଣ
ବହିଯାଏ ପ୍ରୀତି ସୁଅ....
ଜୀବନ ଦେଉଳ ମୁଖଶାଳାରେ ମୁଁ
ଆଙ୍କେ ନିତି ତୁମ ଚିତ୍ର
ତୁମ ରୂପ ସଦା ମନ ଆଇନାରେ
ହୁଏ ସଦା ପ୍ରତିଭାତ...
ମୋ ଜୀବନେ ତୁମେ ଖୁସିର ଜୁଆର
ସବୁ ଆବେଗର ବେଗ
ଭୁଲି ପାରିବିନି କେବେ ଏ ଜୀବନେ
ତୁମ ପ୍ରେମ ଅନୁରାଗ...
ମୋ ଦୁଇ ଆଖିର ଅକୁହା ଭାଷାକୁ
ତୁମେ ସବୁ ପଢିପାର
ଲକ୍ଷେ ଫଗୁଣର ଖୁସି ଭରି ମୋତେ
କରିନେଲ ଆପଣାର...
ମୋ ପ୍ରେମକାବ୍ୟର ରୂପ କଳ୍ପ ତୁମେ
ସପନର ମଧୁଝର
ତୁମେ ମୋ ଜୀବନେ ଆସିବା ଦିନଠୁ
ଆସିଛି ଖୁସି ଜୁଆର...
ତୁମେ ତ ରହିଛ ହୃଦୟରେ ମୋର
କି ଅବା ଦିବସ ରାତି
ତୁମରି ପ୍ରେମରେ ବନ୍ଧା ହେ ସାଥୀ
ଏ ଜୀବନ ଯାଉ ବିତି।।

ବାଲେଶ୍ୱର
ମୋବାଇଲ୍: ୯୩୩୮୩୨୦୯୩୮



# ସମୟ ବଦଳେ ନାଁ ମଣିଷ ?

**ସ୍ୱାଗତିକା ସାହୁ**

କେବେଠୁ ମାନେ ଅଛି ପଢିଥିବା ସେଇ
ଡାରଉଇନଙ୍କ ମତବାଦ....
ଭୌଗଳିକ ପରିସ୍ଥିତିକୁ ନେଇ
ଗୋଟିଏ ପ୍ରଜାତି ଅନ୍ୟ ଏକ
ପ୍ରଜାତିରେ ପରିବର୍ତ୍ତନ ...
ଆଉ ସମୟାନୁଯାଇ ଜୈବ ବିବର୍ତ୍ତନ
ଏବେ ନିରସ୍ତ୍ର ମଣିଷ କାନ୍ଧରେ ବସିଛି
ଯେଉଁ ଅସହାୟ ସମୟ...
ଫାଶୀ ଖୁଣ୍ଟିରେ ଝୁଲୁଛି
ତା ମଣିଷ ପଣିଆ !!!

ସମୟ ଅନୁସାରେ ସବୁତ ବଦଳା
ମଣିଷ ତା ଭୌତିକ ରୂପ ତା ଅନ୍ତଃରୂପ
ତା ମନୋଭାବ ଆଉ ସମ୍ପର୍କର ଧାର
କେବେ ସାଧାରଣ ମଣିଷଟେ
ପାଇଯାଏ ପଦ ପଦବୀର ଆସନ
ଅନ୍ୟ ପାଖରେ ଫୁଲମାଳ ପିନ୍ଧି
ଠୋ ଠୋ ହୋଇ ହସ ତା ଅହଙ୍କାର ରୂପ
ଭଲ ପାଇପାବାର ପତ୍ର ଫୁଲ,ଫଳ ସବୁ
କେତେବେଳୁ ଝଡିଯାଇ
ଜଳି ଗଲାଣି ବଦଳା ସମୟର କାଉଁରୀ ସ୍ପର୍ଶରେ
କେବେ କେବେ ନିସହାୟ ହୋଇ
ଶୁଖିଲା ଗଛପରି ଚାହୁଁଥାଏ ଆକାଶଟାକୁ
ଗାଉଥାଏ ସୂର୍ଯ୍ୟାସ୍ତର କରୁଣ ସଙ୍ଗୀତ
ଅନ୍ୟ ପଟେ କରୁଥାଏ କୁହୁଳାଏ ଯୁଦ୍ଧ
ପରିବାରରେ ,ସମାଜରେ, ବାଦ ପଡେନି ରାଷ୍ଟ୍ର

ଉଧାରୀ ଜୀବନ ଉଡ଼ାଟିଆ ପରିଚିତିରେ
ନାହିଁ କିଛି ପରିଚୟ ତା'ର
କେବେ ଖୋଜିଥିଲେ ସରଳ ନିରାଡମ୍ବର ଜୀବନ
ସବୁଜ ଅରଣ୍ୟକୁ ବାସସ୍ଥଳୀ...
ଏବେ କିନ୍ତୁ ତା ରୂପ ରଙ୍ଗ ଉଠି ଠିଆ
ଆଧୁନିକତାର ଚାକଚକ୍ୟରେ...
ମସଗୁଲ ତା ବଦଳା ମଣିଷ ପଣିଆ
ଆଦରୁ ଥିବା ମାଁ ଏବେ ଜରାଶ୍ରମେ
ଭୁଲିଛି ମାଁ,ମାତୃଭୂମି....
ବିଶ୍ୱାସ ଘାତକର ବିଷ ବଳୟରେ
ବିଶ୍ୱ ବନ୍ଦିତା ସେ...
ତା ବାସ୍ତବ ଚିତ୍ର ସାହିତ୍ୟରେ ବେଶ୍ ପ୍ରକାଶ୍ୟ
ବେଶ୍ ଚିତ୍ରିତ ଇତିହାସ,ବିଜ୍ଞାନରେ

ଭୂଗୋଳ ପୃଷ୍ଠାର ପ୍ରତି ଧାଡ଼ିରେ
ଏକ ମାର୍ମିକ ପ୍ରତିଲିପି ହୋଇ...!!!

ଉମରକୋଟ,ନବରଙ୍ଗପୁର



# ଛାଡ଼ଖାଇ

**ଅଂଶୁମାନ ସ୍ୱାଇଁ**

ଛାଡ଼ଖାଇ ଦିନ ପଡ଼ିଲା ସଂକ୍ରାନ୍ତି
ବାଇନର ମନ ଦୁଃଖ
କେମିତି ଖାଇବ ଆମିଷ ଟିକିଏ
ଶୁଖିଯାଏ ତାର ମୁଖ ।।

ମାସ ଟିଏ ହେଲା ଇଚ୍ଛା କୁ ସେ ମାରି
କରିଛି କାର୍ତ୍ତିକ ବ୍ରତ
ଦିନ ଗଣୁଥିଲା କେବେ ଶେଷ ହେବ
ପିଇବ ଛେଳି ରକତ।।

ସବୁ ଖୁସି ତାର ମଉଳି ଯାଇଛି
ଭାଗ୍ୟକୁ ନିନ୍ଦୁଛି ସିଏ
କିଏ ସେ ଲେଖିଲା ଏ ପାଞ୍ଜି ପତର
ବାର ବାର କହି ହୁଏ ।।

ବହୁ ଚେଷ୍ଟାକରି ପାରିଲା ନାହିଁ ସେ
ଗଲା ହାଟ ଆଡେ ଟିକେ
କାଲେ କଟା ହେବ ମାଛ କି ମାଉଁସ
ଯାଇ ଟିକେ ଦେଖି ଆସେ ।।

ଦେଖୁ ଦେଖୁ ତାକୁ ମିଳିଗଲା ଜଣେ
କଳିଯୁଗର ରାକ୍ଷସ
କହିଲା ଦିଅ ହେ କେଜିଏ ମାଉଁସ
ବ୍ରତ ମୋ କରିବି ଶେଷ।।

ନେଇଗଲା ସିଏ ଧର୍ମକୁ ପାସୋରି
କରିଲା ସେ ଛାଡଖାଇ
କଳିଯୁଗ ଏ ବାସ୍ତବ କଥାକୁ
କି ବାଖାଣିବି ଆଜି ମୁହଁ ।।

କେନ୍ଦୁଝର



# ଭାରାକ୍ରାନ୍ତ ଜହ୍ନରାତି

**ରବିପ୍ରିୟ ଦାଶ**

ସୂର୍ଯ୍ୟାସ୍ତ ସମୟରେ
ବସଷ୍ଟପରୁ ଚାଲିଚାଲି
ଘରକୁ ଫେରୁଥିବା
ତନୁପାତେଳୀ ସହରୀ ଝିଅକୁ
ହଠାତ୍
ସମସ୍ତଙ୍କ ଆଖି ସାମ୍ନାରେ
ଓଦା କରିଥିଲା ପତଳା ବର୍ଷା।

ଚାହୁଁଚାହୁଁ ଭିଜିଥିଲା ଆଖି,
ମୁହଁ ଏବଂ ଓଠ
କବଳିତ କବରୀରୁ
ଡ୍ରାଇଁ ଖାତାର
ତେର୍ଚ୍ଛା ଝରଣା ପରି
ବାଧା ନମାନି ଧାରଧାର ହୋଇ
ମନଇଚ୍ଛା ବହି ଯାଉଥିଲା
ମେଘର ବୁନ୍ଦାବୁନ୍ଦା ଜଳରାଶି।

ଛାତି ଓ ପିଠି ଦେଇ
ପୋଷାକ ଭିଜେଇ
ତଳକୁ ନିଗିଡ଼ିବା ବେଳେ
ଆକାଶକୁ କଣେଇ ଚାହିଁ
ଲାଜରେ ମୁହଁ ପୋଡୁଥିଲା
ପାଖ କଲୋନୀର ଝିଅ
ବର୍ଷାରାଣୀ।
ପାଖେଇ ଆସୁଥିଲା ଘର
ମେନ୍‌ରୋଡ଼ରୁ
ବାଙ୍କ ବୁଲିବା ବେଳେ ଦେଖିଲା
ରାସ୍ତା ଶୁଖିଲା ଥିଲା
ଜାଣିପାରିଲା ଏପଟେ
ଟୋପାଏ ବି ମେଘ ପଡ଼ିନଥିଲା।

ଘରେ ପହଞ୍ଚି ପୋଷାକ ବଦଳେଇଲା,
ମୁହଁ ଧୋଇବା ବେଳେ
ମନେମନେ ତାକୁ ଭିଜେଇ
ଅପଦସ୍ତ କରିଥିବା ମେଘ ଉପରେ
ବିରକ୍ତ ହୋଇଥିଲା।
ମୁଣ୍ଡ ଉଠେଇ ଉପରକୁ
ଚାହିଁଲା,
ଦେଖିଲା ସେଦିନର ଜହ୍ନକୁ
ଢ଼ାଙ୍କି ରଖିଥିଲା ପାହାଡ଼ ପରି ଖଣ୍ଡେ
ବିରାଟ କଳା ବାଦଲ।

ପୁଣି ବର୍ଷା ଆରମ୍ଭ ହେଲା
ଜୋରରେ ବର୍ଷିଲା
ଦେହ ଭିଜେଇବାର ମଜା ନେବାକୁ
ଖୋଲା ଆକାଶ ତଳ ଅଗଣାକୁ
ଚାଲି ଯାଇଥିଲା
ବର୍ଷାରାଣୀ।

ତିନ୍ତୁଥିବା ଦେହ ଉପରେ
ହାତ ବୁଲେଇ ଦେଖୁଥିଲା
ଜହ୍ନ ବିନା ବର୍ଷାରାତି।

ମୋବାଇଲ୍: ୯୪୩୭୧୮୬୦୫୨





# ପରିଭ୍ରମଣରେ ଦେଓମାଳି

**ବିଷ୍ଣୁ ପ୍ରସାଦ ମିଶ୍ର**

ଭୂମି ଭୌମ ଭୂମା ସ୍ୱର୍ଗି ମନୋରମ୍ୟା ନାମ ଯାର ଦେଓମାଳି,
ଉତ୍କଳ ଜନନୀ ଯଶ ଗଉରବ ମନଲୋଭା ଦିବ୍ୟ ସ୍ଥଳୀ.
ପ୍ରସ୍ତର ଖଣ୍ଡରେ ଗଣ୍ଡ ଶୋଭାମୟ ବିସ୍ତିର୍ଣ୍ଣ ବିସ୍ମୟକାରୀ,
ଖଣ୍ଡେ ଖଣ୍ଡେ ଦୂରେ ଗୁଳ୍ମ କଣ୍ଟକିତ ଲତା ପାଦପରେ ଭରି.
କିଞ୍ଚିତ ବାହନେ କିଞ୍ଚିତ ପଦରେ ଗମନାଗମନ ପଥ,
ଦୀର୍ଘତମ ଶୃଙ୍ଗ କୀରତି କଳିଙ୍ଗ ଇତିହାସେ ଯା ମଣ୍ଡିତ.
ଶିଖରୀ ଶିଖର ଦେଶରେ ପ୍ରବେଶ ପଥ ଅତି ଭୟଭୀତ.
ଶୀତଳ ଅଦେହୀ ଦେହ ସ୍ପର୍ଶ କରେ ଗାତ୍ର ହୁଏ ଶିତଳିତ.
ସମୁଦ୍ର ପତନୁ ଷୋଳଶସତୁରି ମିଟର ଉଚ୍ଚତା ଯାର,
ପାଞ୍ଚହଜାର ଚାରିଶ ଛୟାଅଶୀ ଫୁଟ ଅଟେ ସିଏ ଉଚ୍ଚତର.
ପୂର୍ବଘାଟ ଦିଗ ବିସ୍ତୃତ ପର୍ବତ ମାଳମୟ ବନ ଭୂଇଁ,
ନିର୍ଜନ ବନାନୀ ଉପଭୋଗୀ ପୂର୍ଣ୍ଣ ରହିଛି ଆକାଶ ଛୁଇଁ.
ଚନ୍ଦ୍ରଗିରି ଠାରୁ ପଛାଙ୍ଗି ବିସ୍ତାରି ବଢ଼ାଇ ନିଜର କାୟ,
ଐତିହାସ ଛବି ଜନ ମନଲୋଭୀ ରୂପ କୌତୁହଳ ମୟ.
ସପ୍ତଋଷି ସମ ଶିଖରୀ ମଣ୍ଡନ ଦୂରୁ ସ୍ତମ୍ଭାକାର ଶୋଭା,
ଉଦୟରୁ ଅସ୍ତ ଦିନମଣି ନିତ୍ୟ ଶୋଭିତ ପର୍ବତ ଗଭା.
ଶୀତଳତା ପୂର୍ଣ୍ଣ ମନ୍ଦ ସମୀରଣ ଆଲଟ ଚାଳନ କରେ,
କିରଣ କୋମଳ ପଡ଼େ ସତସ୍ଥଳ ରୂପୀ ପଦ୍ମ ପାଖୁଡ଼ାରେ
କିଛି ବ୍ୟବଧାନେ ପଥକ୍ଳାନ୍ତ ପଣ ହରଣେ ପଥିକ କାୟୁ,
ନାନା ସୁଗନ୍ଧିତେ ବନ ମୃତ୍ତିକାରୁ ଉଚ୍ଛୁଳେ ମଧୁର ବାୟୁ.
ପର୍ବତ ଦେହରେ ସର୍ବତ୍ର ରାଜିତ ନିଳମେଘି ଧୂମ୍ରାବୃତ,
ଉଚ୍ଚତମ ଗିରି ମଥାନ ବିସ୍ତାରି ଶିଖେ ବ୍ୟୋମ ଆଚ୍ଛାଦିତ
ପାଦପେ ଶୋଭିତ ପାଦେ କୃଷିକ୍ଷେତ ଭିନ୍ନ ଭିନ୍ନ ଚାଷ ଭୂଇଁ
ନିର୍ଜନ ବନାନୀ ଉପଭୋଗୀ ପୂର୍ଣ୍ଣ ରହିଛି ଆକାଶ ଛୁଇଁ.
ପାହାଡ଼ ପାଦରେ ଅଳସୀ କ୍ଷେତରେ ପଥିକ ମନକୁ ଛୁଏଁ,
ସ୍ୱର୍ଣ୍ଣ ପାଖୁଡ଼ାରେ ସୂରୁଜ ଆଭାରେ କୋଟି ମନ ହରି ନିଏ.
ଅଳସୀକନ୍ୟା ଏ କୋରାପୁଟ ଧନ୍ୟା ପ୍ରକୃତିର ମଥାମଣି,
ପଥରେ, ପତରେ, ପଥରେ, ପ୍ରାନ୍ତରେ, ସୌନ୍ଦର୍ଯ୍ୟର ରତ୍ନଖଣି.

ରଥଶର୍ମା କଲୋନୀ, କୋରାପୁଟ
ମୋବାଇଲ୍: ୯୧୨୪୦୪୯୧୨୯





# ଅଲଣା କଥା

**ଡଃ ନାରାୟଣ ଚନ୍ଦ୍ର ସେନାପତି**

ତୁମେ ଜଳ ବିହୀନ ଝଡ ପରି ମାଡ଼ି ଆସ ପ୍ରବଳ ବେଗରେ
ଫେରି ଯାଅ ମୁହଁ ଲୁଚେଇ ଲଜ୍ଜା ର ବାଟରେ
ଉପହାସର ପାତ୍ର ସାଜ
ନିନ୍ଦାକୁ କର ଶେଯ
ସଭିଏଁ କହନ୍ତି ଛି ଛି
ଏ ବିଲେଇ ହୋଇ ବାଘ ଗର୍ଜନ କାହିଁକି ଛାଡ଼ୁଛି
ଏ ସିଂହ ସାମ୍ରାଜ୍ୟରେ।

ତମେ ନିରୀମାଖି ଶବ୍ଦ ଗୁଡିକରେ ଯେତେ ତେଲ ଲଗେଇଲେ ବି
ସେଗୁଡ଼ାକ ଲାଗନ୍ତି ନୁଖୁରା ନୁଖୁରା
ଆଭାସି ଅଳଙ୍କାର ପିନ୍ଧାଇ ଯେତେ ସଜେଇଲେ ବି
ସେସବୁ ସାଜନ୍ତି ବୁଡୁରୁ ଭୁଡୁରା
ଗରିବ ଭାରିଯା ସାଜ
ଶସ୍ତା କ୍ରିମ କୁ ମାଜ
ସଭିଏଁ କୁହନ୍ତି ଦେଖରେ
ବିନା ଲାଇଟ୍ ରେ ଶସ୍ତା ସଂଳାପ ମାରି କହୁଛି
ମୁଁ ପରା କରୁଛି କୋଣାର୍କ ଗଣନାଟ୍ୟ ର ଯାତରା।

ତୁମର ହାବ ଭାବ ଦେଖି ଲାଗେ
ତୁମେ ରାଜ ରାସ୍ତାରେ ବୁଲା ଏକ ସତ ସତିଆ ବାୟାଣୀ
ତୁମ ଅନ୍ତସ୍ୱର ସୂଚାଇଦିଏ
ତୁମେ ମିଛ ଚରିତ୍ର ଖଚିତ ଏକ ଉଭଟ କାହାଣୀ
ତୁମ ବାର୍ତ୍ତାରେ ନ ଥାଏ ପ୍ରାଣ
କାହାର ବି ସାଜି ପାରନା ସ୍ପନ୍ଦନ
ମୂଲ୍ୟହୀନ ପ୍ରମାଣ ପତ୍ରଟିଏ ଧରି
ପରିଚୟ ଦେଇଥାଅ
ଗୋଟିଏ ସତ ସତିକା ଚରା ଡାହାଣୀ।

ଜମ୍ବୁରା,କେନ୍ଦୁଝର



### ଏକାମ୍ର କ୍ଷେତ୍ର ବାଲିଯାତ୍ରା ମହୋତ୍ସବର ତୃତୀୟ ସନ୍ଧ୍ୟା

# ମତୁଆଲା କଲେ ଅନ୍ତରା ଓ ରିୟା

**ଭୁବନେଶ୍ୱର, ୧୭।୧୧ (ସଂଚାର ବ୍ୟୁରୋ) :** ଏକାମ୍ର କ୍ଷେତ୍ର ବାଲିଯାତ୍ରା ମହୋତ୍ସବ ପାଇଁ ଚଳଚଞ୍ଚଳ ହୋଇଛି କୁଆଖାଇ ନଦୀପଠା। ରବିବାର ତୃତୀୟ ଦିନରେ ସମୁଦ୍ର ଦେଖିବାକୁ ମିଳିଛି। ଏହି ଅବସରରେ ଆୟୋଜିତ ମେଲୋଡି ନାଇଟ୍ରେ ଲୋକପ୍ରିୟ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଏବଂ ଓଡ଼ିଆ ଅଭିନେତ୍ରୀ ରିୟା ଦେ ଶୀତୁଆ ସଂଧ୍ୟାରେ ଲୋକଙ୍କୁ ବାନ୍ଧି ରଖିଥିଲେ।

## ଯୋଗଦେଲେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ




ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଦୋଳି, ବିଭିନ୍ନ ଖାଇବା ଲୋକଙ୍କୁ ଆକର୍ଷିତ କରୁଛି। ସଂଧ୍ୟାରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ଓ ବାଲିଯାତ୍ରା କମିଟିର ସଭାପତି ତଥା ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପୂର୍ବତନ ସାଂସଦ ପ୍ରସନ୍ନ ପାଟ୍ଟଶାଣୀ, କମିଟିର ସାଧାରଣ ସମ୍ପାଦକ କବିରାଜ ସ୍ୱାଇଁ, ବରିଷ୍ଠ ବିଜେପି ନେତା ଗୋଲକ ମହାପାତ୍ର, ନିରଞ୍ଜନ ମିଶ୍ର, କର୍ପୋରେଟର ରାମ ଚନ୍ଦ୍ର ରଣସିଂହ, ଅମରେଶ ଜେନା, ମଧୁସ୍ମିତା ପ୍ରଧାନ, ସୁଚିତ୍ରା ପାତ୍ର, ଯଶୋଧାରା ପ୍ରଧାନ, ବିଜେପି ଯୁବ ନେତା ଆଲୋକ ସାହୁ, ସୁରେନ୍ଦ୍ର ପ୍ରଧାନ, ବିଭୂତି ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ୨୨ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ। ବାଙ୍କୁଆଳ, କେଶୁରା, କୋରଡ଼କଣ୍ଟା, ଦୁର୍ଗାପୁର ପାଟଣା ଓ ବାସୁଆଘାଇର ମୁରବି ଏବଂ ଯୁବଗୋଷ୍ଠୀଙ୍କୁ ନେଇ ପ୍ରଥମଥର ଲାଗି ଏକାମ୍ର ବାଲିଯାତ୍ରା ମହୋତ୍ସବ-୨୦୨୪ ଆୟୋଜନ କରାଯାଇଛି।

### ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ଜୟନ୍ତୀ

# ରାଜନୀତି ହେଉଛି ନିଃସ୍ୱାର୍ଥପର ସେବା ଓ ପ୍ରତିବଦ୍ଧତା



**ଭୁବନେଶ୍ୱର, ୧୭।୧୧ (ସଂଚାର ବ୍ୟୁରୋ) :** ଆଜି ବିଶିଷ୍ଟ ଜନ ନେତା ହରିଶ୍ଚନ୍ଦ୍ର ବକ୍ସି ପାତ୍ରଙ୍କର ଜନ୍ମ ଦିବସ। ଏହି ଅବସରରେ ତାଙ୍କ ଅମର ଆତ୍ମା ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛି।

ହରିଶ୍ଚନ୍ଦ୍ର ବକ୍ସିପାତ୍ର ଓଡ଼ିଶା ରାଜନିତୀରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ। ଛାତ୍ର ଜୀବନରୁ ତାଙ୍କର ସଂଗ୍ରାମୀ ଜୀବନ ଆରମ୍ଭ ହୋଇଥିଲା। ଗରୀବ ଲୋକଙ୍କ କଲ୍ୟାଣ ପାଇଁ ସେ ସଂଗ୍ରାମ କରିଯାଇଛନ୍ତି।

## ଲୋକଙ୍କ ଭଲ ପାଇବା ଆଗରେ କ୍ଷମତା, ପ୍ରତିପତ୍ତି ମୂଲ୍ୟହୀନ ଜନତାଙ୍କ ସନ୍ତୋଷ ହିଁ ରାଜନେତାଙ୍କ ବଡ଼ ସମ୍ପତ୍ତି: ନବୀନ

ଆଦିବସୀ ଭାଇଭଉଣୀଙ୍କର ହକ୍ ପାଇଁ ସେ ସଂଗ୍ରାମ କରୁଥିଲେ। ଚାଷୀ ମାନଙ୍କ ସ୍ୱାର୍ଥ ପାଇଁ ସେ ସଂଗ୍ରାମ କରୁଥିଲେ ସେମାନଙ୍କୁ ଶୋଷଣରୁ ମୁକ୍ତି ଦେବା ପାଇଁ ସେ ଲଢ଼େଇ କରୁଥିଲେ। ସଂଗ୍ରାମ ହିଁ ଥିଲା ତାଙ୍କର ସବୁଠାରୁ ବଡ଼ ପରିଚୟ। ଜଣେ ମନ୍ତ୍ରୀ ବା ବିଧାୟକ ଭାବରେ ପରିଚୟ ଠାରୁ ଏ ପରିଚୟ ଥିଲା ବହୁ ଉପରେ। ସେ ଥିଲେ ଗରୀବ ଜନତାର ପ୍ରକୃତ ବନ୍ଧୁ। ସମାଜବାଦୀ ଆଦର୍ଶରେ ତାଙ୍କର ଗଭୀର ବିଶ୍ୱାସ ଥିଲା ଏବଂ ଏହି ଆଦର୍ଶ ତାଙ୍କ ଜୀବନ ଓ କାର୍ଯ୍ୟରେ ପ୍ରତିଫଳିତ ହେଉଥିଲା। ତାଙ୍କ ପିଢ଼ୀର ରାଜନେତାଙ୍କ ଅଭାବ ଆଜି ସମସ୍ତେ ଅନୁଭବ କରୁଛନ୍ତି।

ରାଜନୀତି ହେଉଛି ଏକ ପ୍ରତିବଦ୍ଧତା, ଏକ ଆଦର୍ଶ ପାଇଁ ପ୍ରତିବଦ୍ଧତା, ଲୋକଙ୍କୁ ନିସ୍ୱାର୍ଥପର ସେବା ଦେବାର ପ୍ରତିବଦ୍ଧତା ଏହା ନିଃସନ୍ଦେହରେ କୁହାଯାଇପାରେ କି ରାଜନୀତି ହେଉଛି କ୍ଷମତାର ସିଡ଼ି. ଲୋକଙ୍କ କଲ୍ୟାଣ ପାଇଁ କାମ କରିବାକୁ ଏକ ସୁଯୋଗ। କିନ୍ତୁ ନୈତିକତା ବିହୀନ ରାଜନୀତି କେବଳ ଛଳନା ପଦବାଚ୍ୟ। ଜଣେ ନିଷ୍ଠାପର ଓ ପ୍ରତିଶ୍ରୁତି ବଦ୍ଧ ରାଜନେତା ହିଁ ଲୋକଙ୍କ ଜୀବନ ରେ ରୂପାନ୍ତର ଆଣିପାରିବ. ଅନେକ ରାଜନୀତିକୁ କ୍ଷମତା ହାସଲ ପାଇଁ ଏକ ସ୍ପ୍ରିଙ୍ଗବୋର୍ଡ ଭାବରେ ବିଚାର କରନ୍ତି। କିନ୍ତୁ ମୋ ବିଚାରରେ ଲୋକଙ୍କ ଭଲ ପାଇବ ଆଗରେ, କ୍ଷମତା, ପଦ ମର୍ଯ୍ୟାଦା ଓ ପ୍ରତିପତ୍ତି ତୁଚ୍ଛ। ସାଧାରଣ ଜନତାଙ୍କ ସନ୍ତୋଷ ହିଁ ରାଜନେତାଙ୍କର ସବୁଠାରୁ ମୂଲ୍ୟବାନ ସମ୍ପତ୍ତି।

# ଶାନ୍ତିଲତାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡ଼ା, ୧୭।୧୧ (ସଂଚାର ବ୍ୟୁରୋ) :** ଶନିବାର ଗରଦପୁର ବ୍ଲକର ଗରଦପୁର ଗ୍ରାମର ଶାନ୍ତିଲତା ପାଣିଙ୍କ ଥିଲା ଦ୍ୱାଦଶାହ ତିଥି। ଶ୍ରୀବଳଦେବଜୀଉ ମନ୍ଦିରରେ ଶ୍ରୀ ଜଗନ୍ନାଥଙ୍କ ମୁଖ୍ୟ ସେବାୟତ ତଥା ଅବସରପ୍ରାପ୍ତ ଶିକ୍ଷକ ପ୍ରହ୍ଲାଦ ପାଣିଙ୍କ ଧର୍ମ ପତ୍ନୀ ହେଉଛନ୍ତି ଶାନ୍ତିଲତା। ଶ୍ରଦ୍ଧାଞ୍ଜଳି ସଭାରେ ଅନେକ ରାଜନେତା, ପ୍ରଶାସକ, ଜ୍ଞାନୀଗୁଣୀ ଲୋକ ଉପସ୍ଥିତ ରହି ମା ର ଉଚ୍ଚତା ସ୍ୱର୍ଗ ଠାରୁ ଅଧିକ ଉଚ୍ଚ ଓ ତା ସହିତ କେହି ତୁଳନୀୟ ନୁହନ୍ତି ବୋଲି ବକ୍ତାମାନେ ମତବ୍ୟକ୍ତ କରି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେମାନଙ୍କ ମଧ୍ୟରେ ଥିଲେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ଏସ ଡ଼ି ପି ଓ ଦେବେନ୍ଦ୍ରମଲ୍ଲିକ, ବିଜେଡି



ରାଜ୍ୟ ସମ୍ପାଦଳ ରବି ସାମଲ, ଅଧ୍ୟାପକ ଅଜୟ ରାଉତ, ଜିଲ୍ଲା ଯୁବବିଜେଡି ଦଳପତି ରାଜେଶ ଦାସ, ନବଘନ ନାୟକ, ସମବାୟବିତ୍ତ ପ୍ରମୋଦ ସାହୁ, ଅବସରପ୍ରାପ୍ତ ପ୍ରଶାସକ ଗୋପେନ୍ଦ୍ର ମହାନ୍ତି, ଧରଣୀଧର ବେହେରା, ଅବସରପ୍ରାପ୍ତ ଅଧକ୍ଷ ମଦନମୋହନ ଜେନା, ବ୍ଲକ ଅଧକ୍ଷ ଅଭୟ ମହାରାଜ, ଡ଼ାକ୍ତର ନିରଞ୍ଜନ କର, ଡ଼ାକ୍ତର ହିମାଂଶୁ ଭୂଷଣ ଷଡଙ୍ଗୀ, କବି ବିଜନ ରାୟ, ବିଜେପି ନେତା ମାନସ ମହାନ୍ତି, ବିଜେପି କୃଷକ ସେଲ ସଭାପତି ବିକ୍ରମ ରାଉତରାୟ, ମନୀଷା ପଣ୍ଡା, ଗାୟକ ଗୋପବନ୍ଧୁ ନାଥ, ସ୍ୱାଧୀନତା ସଂଗ୍ରାମୀ ସଙ୍ଘର ସଭାପତି ବିଜୟ କୁମାର ତ୍ରିପାଠୀ, ଜିଲ୍ଲାପରିଷଦ ସଦସ୍ୟା ଡଲି ଶତପଥୀ, ରଂଜିତ ଆଚାର୍ଯ୍ୟ, ପୂର୍ବତନ ବ୍ଲକ ବିଜେଡି ସଭାପତି ଶୈଳେନ୍ଦ୍ର ମହାନ୍ତି ଓ ଅଧ୍ୟାପକ ରମାକାନ୍ତ ପାଣି ପ୍ରମୁଖ ଶାନ୍ତିଲତାଙ୍କ ସ୍ମୃତି ଚାଳନ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପ୍ରକୃତିମିତ୍ର ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦ୍ୱାରିକାନାଥ ସେନାପତି ଶ୍ରଦ୍ଧାଞ୍ଜଳି ସଭା ପରିଚାଳନା କରିଥିଲେ।

# ଝାରସୁଗୁଡ଼ାରେ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମର ଶୁଭାରମ୍ଭ

### ଛାତ୍ରଛାତ୍ରୀଙ୍କୁ ମିଳିବ କ୍ୟାରିୟର ଗଠନ ପାଇଁ ପରାମର୍ଶ

**ଝାରସୁଗୁଡ଼ା, ୧୭।୧୧ (ସଂଚାର ବ୍ୟୁରୋ):** ଝାରସୁଗୁଡ଼ା ଠାରେ ମହାନଦୀ କୋଲ ଫିଲ୍ଡ (ଏମସିଏଲ) ର ସାମାଜିକ ଦାୟିତ୍ୱବୋଧ କାର୍‌ଯ୍ୟକ୍ରମ ଅନ୍ତର୍ଗତ ଜିଲ୍ଲାର ଦଶମରୁ ଦ୍ୱାଦଶ ଶ୍ରେଣୀ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ କ୍ୟାରିୟର୍ କାଉନସେଲିଂ ଏବଂ ଲାଇଫ୍ ସ୍କିଲ୍ ପ୍ରୋଜେକ୍ଟ "ଏମସିଏଲ୍ କୀ ଏକ୍ ପହଲ୍" କାର୍‌ଯ୍ୟକ୍ରମ ରବିବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କରକମଳରେ ଶୁଭାରମ୍ଭ ହୋଇଯାଇଛି ।

ଜିଲ୍ଲା ପ୍ରଶାସନ ଓ ଏମସିଏଲ ସହଯୋଗରେ ଆୟୋଜିତ ଏହି କାର୍‌ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତିର ପରାମର୍ଶ କ୍ରମେ ଛାତ୍ରଛାତ୍ରୀଙ୍କୁ ଉଚିତ୍ ମାର୍ଗ ଦେଖାଇବା ଲକ୍ଷ୍ୟରେ ଏହି ପଦକ୍ଷେପ ସାଧୁ ଉଦ୍ୟମ । ଓଡ଼ିଶା କୁଶଳୀ ଲୋକଙ୍କ ରାଜ୍ୟ । ଆଜିର ସମୟକୁ ଧ୍ୟାନରେ ରଖି ଯୁବବର୍ଗଙ୍କ ଦକ୍ଷତା ଓ ଉଦ୍ୟମିତା ବଢାଇବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି । ଏହି କାର୍‌ଯ୍ୟକ୍ରମ ଅଧୀନରେ ଝାରସୁଗୁଡ଼ା ଜିଲ୍ଲାର ପ୍ରାୟ ୧୪,୯୬୨ ଜଣ ଛାତ୍ରଛାତ୍ରୀଙ୍କ କ୍ୟାରିୟର କାଉନସେଲିଂ କରାଯିବ। ଉପାଦେୟ ପରାମର୍ଶ ଦେଇ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ଏହି ପ୍ରକଳ୍ପର ଲକ୍ଷ୍ୟ ରହିଛି। କ୍ୟାରିୟର କାଉନସେଲିଂ ପ୍ଲାଟଫର୍ମ ଛାତ୍ରଛାତ୍ରୀଙ୍କୁ କେବଳ କ୍ୟାରିୟର ପଥ ଅନ୍ୱେଷଣ କରିବାରେ



ସାହାଯ୍ୟ କରିବ ନାହିଁ ବରଂ ଶିଳ୍ପ ସମୃଦ୍ଧ ଝାରସୁଗୁଡ଼ାର ବିକାଶ ଦିଗରେ ବିଶେଷ ସହାୟକ ହେବ । ଏହି ଅଭିନବ କାର୍ଯ୍ୟକ୍ରମ ଦ୍ୱାରା ଝାରସୁଗୁଡ଼ାର ଛାତ୍ରଛାତ୍ରୀଙ୍କ ଆଶା, ଆକାଂକ୍ଷା ପୂରଣ କରିବା ସହ ସେମାନଙ୍କ ସର୍ବୋତ୍ତମ ଭବିଷ୍ୟତ ଗଠନ ହୋଇପାରିବ । ଜିଲ୍ଲା ସ୍ତରରେ ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି ।

ସେ ଆହୁରି କହିଛନ୍ତି ଯେ ଦେଶରେ ଜାତୀୟ ଶିକ୍ଷା ନୀତି କ୍ରିୟାନ୍ୱୟନ ହେଉଛି । ଓଡ଼ିଶା ସରକାର ଉଚ୍ଚ ଶିକ୍ଷା କ୍ଷେତ୍ରରେ ଜାତୀୟ ଶିକ୍ଷା ନୀତି ଲାଗୁ କରିବା ପାଇଁ ନିଷ୍ପତି ନେଇଛନ୍ତି । ଭାରତ ସରକାରଙ୍କ ପିଏମ ଶ୍ରୀ ସ୍କୁଲ ଭଳି ସବୁ ପଞ୍ଚାୟତରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର ନିଜସ୍ୱ ଯୋଜନା 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି । ସ୍କୁଲରେ ମଧ୍ୟାହ୍ନ ଭୋଜନର ସମ୍ପ୍ରସାରଣ ସହ ବିଦ୍ୟାଳୟର ଉନ୍ନତି ପାଇଁ ଓଡ଼ିଶା ରାଜ୍ୟ ବଜେଟରେ ଗୁରୁତ୍ୱ ଦିଆଯାଇଛି । ଶିଶୁ ଦିବସ ଅବସରରେ ରାଜ୍ୟ ସରକାର ଗୋଟେ ଅଭିନବ ପ୍ରୟାସ "ଦୋକାନ ମେଳା" ଆୟୋଜନ କରିଥିଲେ ଯାହା ଆମ ପିଲାଙ୍କୁ ଉଦ୍ୟୋଗୀ କରିବ ।

## ଶାଳୀକୁ ଦୁଷ୍କର୍ମ: ବନ୍ଦୀ ହେଲା ସଇତାନ ଭିଣୋଇ

**ଭୁବନେଶ୍ୱର, ୧୭।୧୧ (ସଂଚାର ବ୍ୟୁରୋ):** ସଇତାନ ସାଜିଲା ଭିଣୋଇ। ନିଜ ଶାଳୀ ସହ ଦୁଷ୍କର୍ମ ଅଭିଯୋଗରେ ସଇତାନ ଭିଣୋକୁ ଗିରଫ କଲା ଇନ୍ଫୋସିଟି ଥାନା ପୁଲିସ। ଘଟଣା ଏହିପରି, ଅଭିଯୁକ୍ତ ହାଡ଼ିବନ୍ଧୁ ଶାଳୀ ସହ ପ୍ରାୟ ସମୟ ଥଟ୍ଟାମଜା ହୋଇଥାନ୍ତି। ଏହାକୁ ପୀଡ଼ିତାଙ୍କ (ଶାଳୀ) ବଡ ଭଉଣୀ ବିରୋଧ କରିବା ସହ ଉଭୟଙ୍କୁ ପରସ୍ପର ଠାରୁ ଦୂରେଇ ରହିବାକୁ ଚେତାବନୀ ମଧ୍ୟ ଦେଇଥିଲେ। କିନ୍ତୁ ଭିଣୋଇ ତାଙ୍କ କଥାକୁ ଖାତିର ନ କରି ପୀଡ଼ିତାଙ୍କ ସହିତ ନିକଟତର ହେବା ଲାଗି ପ୍ରୟାସ କରିଥିଲା। ପରେ ସେ ନିଜ ମନ୍ଦ ଉଦ୍ଦେଶ୍ୟରେ ସଫଳ ମଧ୍ୟ ହୋଇଥିଲା। ଏପରିକି ବିଭିନ୍ନ ବାହାନା ଦେଖାଇ ପୀଡିତାଙ୍କୁ ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲା। ପୀଡ଼ିତା ବିରୋଧ କରିବାରୁ ଅଭିଯୁକ୍ତ ଭିଣୋଇ ବଳପୂର୍ବକ ଅପହରଣ କରିନେବା ସହ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ଇଚ୍ଛା ବିରୁଦ୍ଧରେ ଏକାଧିକ ଥର ଦୁଷ୍କର୍ମ କରିଥିଲା। ଅଭିଯୋଗ ପରେ ପୁଲିସ ମାମଲାର ତଦନ୍ତ କରିବା ସହିତ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଚଢଉ କରି ଅଭିଯୁକ୍ତକୁ କାବୁ କରିଛି।

# ଅଚ୍ୟୁତ ସାମନ୍ତଙ୍କୁ ଏଫ୍‌ଆଇଭିବି ଗ୍ରାଣ୍ଡ କ୍ରସ୍ ସମ୍ମାନ




**ଭୁବନେଶ୍ୱର, ୧୭।୧୧ (ସଂଚାର ବ୍ୟୁରୋ) :** କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଅନ୍ତର୍ଜାତୀୟ ଭଲିବଲ୍ ଫେଡେରେସନ୍ (ଏଫ୍‌ଆଇଭିବି) ର ସର୍ବୋଚ୍ଚ ସମ୍ମାନ 'ଗ୍ରାଣ୍ଡ କ୍ରସ୍ ସମ୍ମାନ' ପ୍ରଦାନ କରାଯାଇଛି । ନଭେମ୍ବର ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ତିନିଦିନ ବ୍ୟାପୀ ପର୍ତ୍ତୁଗାଲର ପର୍ତ୍ତୋଠାରେ ଚାଲିଥିବା ୩୯ତମ ଏଫ୍‌ଆଇଭିବି ବିଶ୍ୱ କଂଗ୍ରେସ ଅବସରରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । କ୍ରୀଡ଼ା ବିଶେଷ କରି ଭଲିବଲ୍‌ର ବିକାଶ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ଏଫ୍‌ଆଇଭିବି ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ସମ୍ମାନ ପ୍ରଦାନ ସମାରୋହରେ ୨୨୨ଟି ଦେଶରୁ ଆସିଥିବା ଭଲିବଲ୍ ସଂଘର ସଭାପତି ତଥା ଅନ୍ୟାନ୍ୟ ପ୍ରତିନିଧିଙ୍କ ଉପସ୍ଥିତିରେ ଏଫ୍‌ଆଇଭିବି ସଭାପତି ଡ. ଆରି ଗ୍ରାସା ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ନିକଟରେ ଗ୍ରାସା କିଟ୍ ଓ କିସ୍ ପରିଦର୍ଶନରେ ଆସିଥିବା ବେଳେ ଏଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶ୍ରୀ ସାମନ୍ତଙ୍କୁ ଏଫ୍‌ଆଇଭିବି ଗ୍ରାଣ୍ଡ କ୍ରସ ସମ୍ମାନ ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ପରେ ୩୯ତମ ଏଫ୍‌ଆଇଭିବି ବିଶ୍ୱ କଂଗ୍ରେସ ଚାଲିଥିବା ବେଳେ ଶ୍ରୀ ସାମନ୍ତଙ୍କୁ ଏଫ୍‌ଆଇଭିବି ପକ୍ଷରୁ ସ୍ୱତନ୍ତ୍ର ନିମନ୍ତ୍ରଣ କରାଯାଇ ସମ୍ମାନୀତ କରାଯାଇଥିଲା ।

ସୂଚନାଯୋଗ୍ୟ ଗ୍ରାଣ୍ଡ କ୍ରସ୍ ସମ୍ମାନ ହେଉଛି ଏଫ୍‌ଆଇଭିବିର ସର୍ବୋଚ୍ଚ ସମ୍ମାନ । ଭଲିବଲ୍ ତଥା କ୍ରୀଡ଼ାର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏହି ଅବସରରେ ଉପସ୍ଥିତ ୨୨୨ଟି ଦେଶର ଭଲିବଲ୍ ସଂଘର ମୁଖ୍ୟମାନେ ଶ୍ରୀ ସାମନ୍ତଙ୍କ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ ।

ନିଜ ପ୍ରତିକ୍ରିୟାରେ ଶ୍ରୀ ସାମନ୍ତ କହିଛନ୍ତି, ୨୨୨ଟି ଦେଶର ପ୍ରତିନିଧିଙ୍କ ମଧ୍ୟରୁ ମୋତେ ଚିହ୍ନଟ କରି ଏଫ୍‌ଆଇଭିବିର ଅନୁମୋଦନ ପରେ ଏହାର ସର୍ବୋଚ୍ଚ ସମ୍ମାନ ମୋତେ ଅତି ସ୍ନେହରେ ପ୍ରଦାନ କରାଯାଇଥିବାରୁ ଏହି ସମ୍ମାନ ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୁଁ ଋଣୀ । ଏହାର ଶ୍ରେୟ ସେ ଭଗବାନଙ୍କୁ ଦେଇଛନ୍ତି । ଏହା ସହିତ ଏହି ସମ୍ମାନକୁ ସେ ଭାରତର ସମସ୍ତ କ୍ରୀଡ଼ା ଓ କ୍ରୀଡ଼ାବିତ୍ ଓ ବିଶେଷ କରି ଓଡ଼ିଶାର କ୍ରୀଡ଼ା ଓ କ୍ରୀଡ଼ାବିତ୍ ତଥା କିଟ୍ ଓ କିସ୍‌କୁ ଉତ୍ସର୍ଗ କରିଛନ୍ତି ।

# ଜମିଲା ଆଇଁଷ ବଜାର

**ଭୁବନେଶ୍ୱର, ୧୭।୧୧ (ସଂଚାର ବ୍ୟୁରୋ) :** ମାସେ ଧରି ନିରାମିଷ ଭକ୍ଷଣ ଓ ସଂକ୍ରାନ୍ତିରେ ଛାଡ଼ଖାଇ ପଡ଼ିବାରୁ ଆମିଷ ବଜାର ଫିକା ପଡ଼ିଥିଲା। ରବିବାର ହୋଇଥିବାରୁ ଆଜି ଆମିଷପ୍ରେମୀଙ୍କ ଭିତରେ ପ୍ରବଳ ଆଗ୍ରହ ଦେଖିବାକୁ ମିଳିଛି। ସକାଳୁ ସକାଳୁ ଆମିଷ ବଜାରରେ ଭିଡ଼ ଜମିଛି। ଦରକୁ ଖାତିର ନ କରି ଲୋକେ ଆମିଷ ନେଇଥିଲେ।



ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ମାର୍କେଟରେ ମଟନ୍, ଚିକେନ୍, ମାଛ, ଚିଙ୍ଗୁଡ଼ି ଆଦି ବିଭିନ୍ନ ପ୍ରକାରର ଆମିଷ ବିକ୍ରି ହେଉଛି। କାର୍ତ୍ତିକରେ ମାସରେ ହବିଷ କରିଥିବା ଲୋକ ଆଜି ଆମିଷ ଖାଇବାକୁ ଅଧିକ ପସନ୍ଦ କରୁଛନ୍ତି। ଚାହିଦା ଅଧିକ ଥିବାରୁ ଦାମ ମଧ୍ୟ ପୂର୍ବାପେକ୍ଷା ଅଧିକ ରହିଛି । ଭୁବନେଶ୍ୱର ୪ ନମ୍ବର ମାଛ ମାର୍କେଟରେ ବାରିପଦା ଦେଶୀ ଚିକେନ କେଜି ୫୫୦ ଟଙ୍କା, ବ୍ରୟଲର ୨୪୦, ମଟନ ୮୦୦, ଖଇଙ୍ଗା ମାଛ ୫୦୦, କଳା ପାମ୍ଫ୍ଲେଟ ୪୫୦, ରୂପଚାନ୍ଦି ୨୫୦, ପାମ୍ଫ୍ଲେଟ ୧ ହଜାର, ବଡ଼ ଚିଙ୍ଗୁଡ଼ି ୫୫୦ ଓ ଚାଲାଣ ରୋହି କେଜି ୨ଶହରେ ବିକ୍ରି ହୋଇଛି।

ସେହିପରି ବଡ଼ କଣ୍ଟାଳ ଚିଙ୍ଗୁଡ଼ି ୬୦୦ ଟଙ୍କା, ବଡ଼ କଙ୍କଡା ୩ ହଜାର ଟଙ୍କା, ଚିଲିକା ଗ୍ରୀନ କଙ୍କଡା ୨୨ଶହ, ରେଡ୍ କଙ୍କଡା ୮୫୦, ଭେକଟି ୫୫୦, ଟାଇଗର ବାଗଦା ଚିଙ୍ଗୁଡ଼ି ୧ ହଜାର, ନଈ ଚିଙ୍ଗୁଡ଼ି ୫୦୦ ଟଙ୍କା ରହିଛି। ଭାକୁର କେଜି ୨୦୦ ଟଙ୍କା, ରୋହି ୧୮୦, ଝୁଡୁଙ୍ଗ ମାଛ ୨୬୦, ସୁରୁଙ୍ଗି ୪୦୦ ଓ ମହୁରାଳି କେଜି ୩୨୦ ଟଙ୍କାରେ ବିକ୍ରି ହୋଇଥିଲା। ଆମିଷ ନେବା ଲାଗି ସକାଳୁ ସକାଳୁ ପ୍ରବଳ ଭିଡ଼ ହୋଇଥିଲା। ମଟନ ଓ ମାଛ ଦୋକାନରେ ଗହଳି ଅଧିକ ଥିଲା।

### ମନୋଜଙ୍କୁ ଚେତାବନୀ ଦେଲେ ବିଧାୟକ

# ସପ୍ତାହକ ମଧ୍ୟରେ କ୍ଷମା ମାଗ

**ଭୁବନେଶ୍ୱର, ୧୭।୧୧ (ସଂଚାର ବ୍ୟୁରୋ) :** ସପ୍ତାହେ ଭିତରେ ଅଭିନେତା ମନୋଜ ମିଶ୍ର ସର୍ବ ସମ୍ମୁଖରେ କ୍ଷମା ମାଗନ୍ତୁ। ନ ହେଲେ କୋର୍ଟକୁ ଯିବୁ। ବାଲେଶ୍ୱର ସମେତ ରାଜ୍ୟର ସବୁ ସ୍ଥାନରେ ପ୍ରତିବାଦ କରାଯିବ। ଏପରି ଚେତାବନୀ ଦେଇଛନ୍ତି ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ। ଓଡ଼ିଆ ଭାଷାର ତ୍ରାଣକର୍ତ୍ତା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ ଅଭିନେତା ମନୋଜ ମିଶ୍ର।



ଗୌତମବୁଦ୍ଧ କହିଛନ୍ତି, ମନୋଜ ମିଶ୍ର ଫକୀରମୋହନ ସେନାପତିଙ୍କ ଉପରେ ବିରୂପ ମନ୍ତବ୍ୟ ଦେଇଛନ୍ତି। ଯାହା ଆଦୌ ଗ୍ରହଣୀୟ ନୁହେଁ। ଯାହା ଜଣାପଡୁଛି ସେ ଫକୀରମୋହନଙ୍କୁ ପଢ଼ିନାହାନ୍ତି ବା ଜାଣିନାହାନ୍ତି। ଫକୀରମୋହନ ସେନାପତିଙ୍କ ଉପରେ ସିଏ ଯେଉଁ ମନ୍ତବ୍ୟ ଦେଉଛନ୍ତି, ତାହା ବୋଧହୁଏ ଗୁଗଲ୍‌ରେ ରିସର୍ଚ୍ଚ କରି କହିଥିବେ। ଫକୀରମୋହନ ସେନାପତିଙ୍କ ଗଳ୍ପ 'ରାଣ୍ଡିପୁଅ ଅନନ୍ତା' ଉପରେ ଚଳଚ୍ଚିତ୍ର ନିର୍ମାଣ ହେଉଛି। ବିଶେଷକରି 'ରାଣ୍ଡି' ଶବ୍ଦକୁ ନେଇ ମନୋଜ ମିଶ୍ର ଆପତ୍ତି ଉଠାଇଛନ୍ତି। ତାଙ୍କୁ କହିବାକୁ ଚାହେଁ, ରାଣ୍ଡିପୁର ଅନନ୍ତା ଶବ୍ଦଟି ଫକୀରମୋହନଙ୍କ ପୂର୍ବରୁ ଓଡ଼ିଆ ଲୋକ କଥାରେ ବହୁ ପ୍ରଚଳିତ ଶବ୍ଦ ବା ରୁଢ଼ି ବୋଲି କୁହାଯାଏ। ରାଣ୍ଡିପୁଅ ଅନନ୍ତାର ଅର୍ଥ ହେଉଛି ଜଣେ ଚାରିଦୌଡ଼ି କଟା ଯୁବକ। ସେହି ଚରିତ୍ରକୁ ସେ ଏମିତି ଭାବେ ଫୁଟାଇଛନ୍ତି, ଯାହା କେବଳ ଓଡ଼ିଆ ପାଠକଙ୍କ ମନକୁ ଛୁଇଁନାହିଁ, ବିଶ୍ୱ ସାହିତ୍ୟରେ ଶ୍ରେଷ୍ଠ ରଚନା ବୋଲି କୁହାଯିବ। ସେଭଳି ଲେଖାକୁ ବୁଝିବା ପାଇଁ ବୋଧହୁଏ ତାଙ୍କର ସେଭଳି ଜ୍ଞାନ ନାହିଁ। ଏହାଛଡ଼ା ସେ ଆହୁରି କହିଛନ୍ତି ଫକୀରମୋହନ କୁଆଡ଼େ ଲେଖା କପି କରିଥିଲେ। ତାଙ୍କର ଏପରି ମନ୍ତବ୍ୟକୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି ବୋଲି ଶ୍ରୀ ଦାସ କହିଛନ୍ତି।

ଜଣେ ଜନପ୍ରତିନିଧି, ଜଣେ ଲେଖକ ଓ ଫକୀରମୋହନ ସେନାପତିଙ୍କର ଜଣେ ପାଠକ ଭାବରେ ମୁଁ ମନୋଜ ମିଶ୍ରଙ୍କ ମନ୍ତବ୍ୟକୁ ତୀବ୍ର ନିନ୍ଦା କରୁଛି। ସପ୍ତାହେ ଭିତରେ ଯଦି ସେ ସର୍ବସାଧାରଣରେ କ୍ଷମା ପ୍ରାର୍ଥନା ନକରନ୍ତି, ତା'ହେଲେ ଆମେ ଏହା ବିରୋଧରେ କୋର୍ଟକୁ ଯିବୁ। ସବୁସ୍ଥାନରେ ଏହାର ପ୍ରତିବାଦ କରିବୁ। ମୁଁ ମନୋଜ ମିଶ୍ରଙ୍କୁ ଅନୁରୋଧ କରିବି, ସେ ଫକୀରମୋହନ ଉପରେ ଯଥେଷ୍ଟ ପଢ଼ିକି ଆସନ୍ତୁ। ଆଉ ଏପରି ବିବାଦ ସୃଷ୍ଟି କରନ୍ତୁ ନାହିଁ। ଆଗରୁ ଚଳଚ୍ଚିତ୍ରକୁ ନେଇ ବିବାଦ କରୁଥିଲେ। ଏବେ ସାହିତ୍ୟକୁ ନେଇ ବିବାଦ ସୃଷ୍ଟି କରୁଛନ୍ତି, ଯେଉଁଥିରେ ତାଙ୍କର ଜ୍ଞାନ ନାହିଁ ବୋଲି ଶ୍ରୀ ଦାସ କହିଛନ୍ତି।

# ଝାରସୁଗୁଡ଼ାର ୫୦୦ ଅଙ୍ଗନବାଡ଼ିକୁ 'ନନ୍ଦଘର'ରେ ପରିଣତ କରାଯିବ

### ଅନିଲ ଅଗ୍ରୱାଲ ଫାଉଣ୍ଡେସନ-ଓଡ଼ିଶା ସରକାର ବୁଝାମଣା

**ଝାରସୁଗୁଡା, ୧୭।୧୧ (ସଂଚାର ବ୍ୟୁରୋ) :** ଶିଶୁ ଦିବସ ଅବସରରେ ଅନିଲ ଅଗ୍ରୱାଲ ଫାଉଣ୍ଡେସନ ଏବଂ ଜିଲ୍ଲା ସାମାଜିକ କଲ୍ୟାଣ କାର୍ଯ୍ୟାଳୟ (ଡିଏସଡବ୍ଲୁଓ) ସହିତ ଝାରସୁଗୁଡାର ୫୦୦ ଅଙ୍ଗନୱାଡି କେନ୍ଦ୍ରକୁ ଅତ୍ୟାଧୁନିକ ନନ୍ଦଘରରେ ପରିଣତ କରିବାକୁ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି, ଯାହାକି ଅତ୍ୟାଧୁନିକ ଅଙ୍ଗନୱାଡି ଭାବେ ମହିଳା ଏବଂ ଶିଶୁ ବିକାଶ କ୍ଷେତ୍ରରେ ଭାବରେ କାର୍ଯ୍ୟ କରିଥାଏ । ଏହି କାର୍ଯ୍ୟକ୍ରମରେ ଝାରସୁଗୁଡା ଜିଲ୍ଲାପାଳ ଶ୍ରୀମତି ଅବୋଲି ନରଭାନେଙ୍କ ସମେତ ରାଜସ୍ୱ ମନ୍ତ୍ରୀ, ଶ୍ରୀ ସୁରେଶ ପୂଜାରୀ, ବିଧାୟକ ଶ୍ରୀ ଟଙ୍କଧର ତ୍ରିପାଠୀ, ଡିଏସଡବ୍ଲୁଓ ପୁଣ୍ୟବତୀ ହେଲେନ ଜେସ୍, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ରାଧାକାନ୍ତ ଗାର୍ଟିଆ ଓ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତି ଥିଲେ।




ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀ ସୁନୀଲ ଗୁପ୍ତା କହିଛନ୍ତି, "ବେଦାନ୍ତରେ, ଆମେ ସେବା କରୁଥିବା ସମ୍ପ୍ରଦାୟରେ ସ୍ଥାୟୀ ବିକାଶ ଏବଂ ଅନ୍ତର୍ଭୁକ୍ତ ଅଭିବୃଦ୍ଧି ପାଇଁ ଗଭୀର ଭାବେ ପ୍ରତିବଦ୍ଧ। ନନ୍ଦଘର ପଦକ୍ଷେପ ମାଧ୍ୟମରେ, ଆମେ ଆମର ଯୁବପିଢି ଏବଂ ମହିଳାମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆବଶ୍ୟକ ଉପକରଣ ଯୋଗାଇବା ପାଇଁ ଲକ୍ଷ୍ୟ ରଖିଛୁ। ଜିଲ୍ଲାପାଳ ଶ୍ରୀମତି ଅବୋଲି ନରଭାନେ କହିଛନ୍ତି, "ଝାରସୁଗୁଡାର ଅଙ୍ଗନୱାଡି କେନ୍ଦ୍ରରେ ପରିବର୍ତ୍ତନ ଆଣିବା ପାଇଁ ବେଦାନ୍ତର ସମର୍ଥନକୁ ଆମେ ସ୍ୱାଗତ କରୁଛୁ। ବିଧାୟକ, ଶ୍ରୀ ଟଙ୍କଧର ତ୍ରିପାଠୀ କହିଛନ୍ତି, "ଏହି ସହଭାଗୀତା ତୃଣମୂଳ ସ୍ତରରେ ସମ୍ପ୍ରଦାୟର ସମ୍ବଳ ବଢାଇବା ପାଇଁ ଏକ ସହଭାଗୀ ଦର୍ଶନକୁ ପ୍ରତିଫଳିତ କରିଛି।

ଆୟୋଜିତ ହୋଇଥିବା ଏମଓୟୁ ସ୍ୱାକ୍ଷର ଶିଶୁ ଦିବସ କାର୍ଯ୍ୟକ୍ରମ "ଡୁକାନ୍ ଜାତ୍ର"ରେ ୬୦ଟି ବିଦ୍ୟାଳୟର ଛାତ୍ର, ସମ୍ପ୍ରଦାୟର ସଦସ୍ୟ ଏବଂ ବେଦାନ୍ତ ଆଲୁମିନିୟମ୍ କର୍ମଚାରୀ ସ୍ୱେଚ୍ଛାସେବୀଙ୍କ ସମେତ ୩୫୦୦ ରୁ ଅଧିକ ଅଂଶଗ୍ରହଣକାରୀ ଏକାଠି ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିଚାଳିତ ୬୦ରୁ ଅଧିକ ଷ୍ଟଲ୍‌ରେ ହସ୍ତତନ୍ତ ଠାରୁ ଆରମ୍ଭ କରି ଖାଦ୍ୟ ସାମଗ୍ରୀ ପର୍ଯ୍ୟନ୍ତ, ସୃଜନଶୀଳତା ଏବଂ ଉଦ୍ୟୋଗୀ ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ପ୍ରକାରର ସ୍ୱୟଂ ଉତ୍ପାଦିତ ଦ୍ରବ୍ୟ ପ୍ରଦର୍ଶିତ କରାଯାଇଥିଲା ।

୨୦୧୫ ରେ ଆରମ୍ଭ ହୋଇଥିବା ନନ୍ଦଘର ୬ ବର୍ଷରୁ କମ୍ ପିଲାମାନଙ୍କୁ ପ୍ରି-ସ୍କୁଲ୍ ପ୍ରସ୍ତୁତି, ପୁଷ୍ଟିକର ଖାଦ୍ୟ ଏବଂ ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳାଙ୍କ ପାଇଁ ଘରୋଇ ଖାଦ୍ୟ ଯୋଗାଇବା, ଏଏନଏମ କର୍ମଚାରୀ (ସହାୟକ ନର୍ସ /ଧାତ୍ରୀ) ମାଧ୍ୟମରେ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଶିକ୍ଷା କ୍ଷେତ୍ରରେ ସାମଗ୍ରିକ ସେବା ପ୍ରଦାନ କରିବା ଏବଂ ମହିଳାମାନଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ଦକ୍ଷତା ବିକାଶ କରିଥାଏ । ବର୍ତ୍ତମାନ ଝାରସୁଗୁଡାରେ ୧୭୫ ନନ୍ଦଘର କାର୍ଯ୍ୟକ୍ଷମ, ୧୨୭ ଟି ଗ୍ରାମରେ ୭,୦୦୦ ରୁ ଅଧିକ ପିଲାଙ୍କୁ ଉପକୃତ କରୁଛି । ଝାରସୁଗୁଡା ଏବଂ ନିକଟବର୍ତ୍ତୀ ଅଂଚଳର ପ୍ରାୟ ୮୦ ଟି ଗ୍ରାମରେ ୩ ଲକ୍ଷରୁ ଅଧିକ ଲୋକଙ୍କୁ ଉପକୃତ କରୁଛି। ଗୋଟିଏ ବର୍ଷ ଏହା ୩୫୦ ରୁ ଅଧିକ ଏସଏଚଜିରୁ ପ୍ରାୟ ୫୦୦୦ ମହିଳାଙ୍କୁ ସଶକ୍ତ କରିଛି, ବାର୍ଷିକ ପ୍ରାୟ ୫୦,୦୦୦ ଲୋକଙ୍କୁ ଦ୍ୱାର ଦେଶରେ ସ୍ୱାସ୍ଥ୍ୟ ସେବା ଯୋଗାଇଥାଏ, ୧୩,୦୦୦ ରୁ ଅଧିକ ଛାତ୍ରଙ୍କୁ ଶିକ୍ଷାଗତ ସହାୟତା ପ୍ରଦାନ କରିଥାଏ, ସମ୍ପ୍ରଦାୟ ସ୍ତରରେ ସ୍ଥାନୀୟ ଲୋକଙ୍କ ସହଭାଗିତାରେ ପ୍ରାୟ ୧.୫୦ ଲକ୍ଷ ବୃକ୍ଷ ରୋପଣ କରାଯାଇଛି ।



## ଡେନମାର୍କର ଭିକ୍ଟୋରିଆ ମିସ୍ ୟୁନିଭର୍ସ

**ଆରେନା, ୧୭।୧୧:** ୨୦୨୪ ମିସ୍ ୟୁନିଭର୍ସ ଘୋଷିତ। ଚଳିତ ବର୍ଷର ଏହି ସମ୍ମାନଜନକ ଟାଇଟଲ୍ ହାତେଇଛି ଡେନମାର୍କ। ଡେନମାର୍କର ୨୧ ବର୍ଷୀୟ ଭିକ୍ଟୋରିଆ କେଜର ଥେଲବିଗ୍ ହୋଇଛନ୍ତି ମିସ୍ ୟୁନିଭର୍ସ ୨୦୨୪। ୧୨୫ଟି ଦେଶର ପ୍ରତିଯୋଗୀଙ୍କୁ ପଛରେ ପକାଇ ସେ ଡେନମାର୍କକୁ ମିସ୍ ୟୁନିଭର୍ସ ଟାଇଟଲ୍ ଭେଟି ଦେଇଛନ୍ତି । ଡେନମାର୍କ ୱିନର୍ ହୋଇ ଥିବାବେଳେ ନାଇଜେରିଆ ହୋଇଛି ରନର୍ ଅପ୍। ନାଇଜେରିଆର ଚିଡିମ୍ମା ଆଡେଟସିନା ହୋଇଛନ୍ତି ମିସ୍ ୟୁନିଭର୍ସର ପ୍ରଥମ ରନର୍ ଅପ୍। ସେହିପରି ଦ୍ୱିତୀୟ ରନର୍ ଅପ୍ ମେକ୍ସିକୋର ମାରିଆ ଫର୍ନାନ୍ଦା ବେଲଟ୍ରାନ୍, ତୃତୀୟ ରନର୍ ଅପ୍ ଥାଇଲ୍ୟାଣ୍ଡର ଓପଲ୍ ସୁଚାତା ଚୁଆଙ୍ଗସ୍ରି ଏବଂ ଚତୁର୍ଥ ରନର୍ ଅପ୍ ଭେନେଜୁଏଲର ଇଲିଆନା ମାର୍କେଜ୍ ହୋଇଛନ୍ତି।

ମିସ୍ ୟୁନିଭର୍ସ ୨୦୨୪ ସୌନ୍ଦର୍ଯ୍ୟ ପ୍ରତିଯୋଗିତାର ୭୩ତମ ସଂସ୍କରଣ ମେକ୍ସିକୋର ଆରେନା ସିଡିଏମ୍ଏକ୍ସ ମେକ୍ସିକୋ ସିଟିରେ ଅନୁଷ୍ଠିତ ହୋଇଥିଲା। ମିସ୍ ୟୁନିଭର୍ସ ୨୦୨୪ର ଗ୍ରାଣ୍ଡ ଫାଇନାଲରେ ଭାରତର ରିୟା ସିଂଘା ମଧ୍ୟ ଭାଗ ନେଇଥିଲେ। ସେ ଟପ୍ ୩୦ରେ ତାଙ୍କ ସ୍ଥାନ ସୁରକ୍ଷିତ ରଖିଥିଲେ, ମାତ୍ର ଟପ୍ ୧୨ରେ ପ୍ରବେଶ କରିପାରି ନଥିଲେ। ଚଳିତ ବର୍ଷ ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ୧୨୫ଟି ଦେଶର ପ୍ରତିଯୋଗୀମାନେ ଭାଗ ନେଇଥିଲେ। ବିଜୟୀ ଡେନମାର୍କର ଭିକ୍ଟୋରିଆଙ୍କୁ ଗତ ବର୍ଷର ମିସ୍ ୟୁନିଭର୍ସ ବିଜେତା ନିକାରଗୁଆର ଶେନିସ୍ ପାଲାସିଓସ୍ ମୁକୁଟ ପିନ୍ଧାଇ ବିଜୟୀ ଘୋଷଣା କରିଥିଲେ। ପ୍ରକାଶ ଥାଉକି, ଏଥର ମିସ୍ ୟୁନିଭର୍ସର ମୁକୁଟରେ ସ୍ୱତନ୍ତ୍ରତା ଭରି ରହିଛି। ଏହି କ୍ରାଉନର ନାମ 'ଲୁମିଏରେ ଡି ଲ'ଇନଫିନି' ରଖାଯାଇଛି। ଏହାର ଅର୍ଥ ଆଲୋକର ଅସୀମତା। ଏଥିରେ ହୀରା ସହ ୨୩ ପ୍ରକାରର ସୁବର୍ଣ୍ଣ ମୋତି ସୁସଜ୍ଜିତ ହୋଇଛି। ଏହି ସୁବର୍ଣ୍ଣ ମୋତିକୁ ଦକ୍ଷିଣ ସାଗରରୁ ଅଣାଯାଇଛି। ପାରମ୍ପାରିକ କୌଶଳ ବ୍ୟବହାର କରି ଫିଲିପାଇନ୍ସ କାରିଗରମାନେ ମିସ୍ ୟୁନିଭର୍ସ ମୁକୁଟକୁ ତିଆରି କରିଛନ୍ତି। ଏହି କ୍ରାଉନ୍ ବା ମୁକୁଟକୁ ତିଆରି କରିବା ପାଇଁ କାରିଗରମାନଙ୍କୁ ଦୁଇ ବର୍ଷ ସମୟ ଲାଗିଛି।

## ଜଳନ୍ତା କାରରୁ ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର

**ବେଙ୍ଗାଲୁରୁ, ୧୭।୧୧:** ଜଳନ୍ତା କାରରୁ ଜଣେ ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର ହୋଇଛି। ବେଙ୍ଗାଲୁରୁର ମିଦ୍ଧିନପାଲ୍ୟାର ଏକ ଦୁର୍ଗମ ଅଞ୍ଚଳରେ ଏହି ଘଟଣା ଘଟିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ମିଦ୍ଧିନପାଲ୍ୟାର ଏକ ଦୁର୍ଗମ ଅଞ୍ଚଳରେ ଏକ କାର୍ ଜଳୁଥିବାର ଦେଖି ପୁଲିସକୁ ଖବର ଦେଇଥିଲେ ସ୍ଥାନୀୟ ଲୋକ। ଖବର ପାଇ ପୁଲିସ ଦମକଳ ବାହିନୀଙ୍କୁ ନେଇ ଘଟଣାସ୍ଥଳରେ ପହଞ୍ଚିଥିଲା। ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ବ୍ୟବସାୟୀଙ୍କର ମୃତ୍ୟୁ ହୋଇ ସାରିଥିଲା।ପୋଷ୍ଟମୋର୍ଟମ୍ ରିପୋର୍ଟରେ ତାଙ୍କର ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଥିବା ସ୍ପଷ୍ଟ ହୋଇଛି। ମାତ୍ର ବ୍ୟବସାୟୀ ଜଣକ କାର୍ ଭିତରେ ଥିବାବେଳେ କିପରି ନିଆଁ ଲାଗିଲା, ଯଦି ଆତ୍ମହତ୍ୟା କରିଛନ୍ତି ତେବେ କାହିଁକି ଆତ୍ମହତ୍ୟା କରିଛନ୍ତି ସେନେଇ ଖୋଳତାଡ଼ କରୁଛି ପୁଲିସ।

ପୁଲିସ କହିଛି ଯେ, ମୃତ ବ୍ୟବସାୟୀ ଜଣକ ହେଉଛନ୍ତି ସ୍ଥାନୀୟ ଅଞ୍ଚଳର ସି ପ୍ରଦୀପ। ସେ ହୋଟେଲ୍ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଥିଲେ। କାରରେ ନିଆଁ ଲାଗିବା ପୂର୍ବରୁ ସେ ଏକ ସ୍ଥାନରେ କାରକୁ ପାର୍କିଂ କରିଥିଲେ। ଏହାପରେ ହଠାତ୍ କିପରି କାରରେ ନିଆଁ ଲାଗିଲା, ସେନେଇ ପୁଲିସ ତଦନ୍ତ କରୁଛି। ସେପଟେ, ପୁଲିସ ପ୍ରଦୀପଙ୍କ ପରିବାର ଲୋକ ଏବଂ ସାଙ୍ଗ-ସାଥୀଙ୍କୁ ପଚରାଉଚରା କରୁଛି। କୌଣସି ସୁଇସାଇଡ୍ ନୋଟ୍ ମିଳିନଥିବା ସେମାନେ କହିଛନ୍ତି। ପ୍ରଦୀପ ଋଣ ଭାରରେ ଥିଲେ, ନା ପାରିବାରିକ ସମସ୍ୟା ଥିଲା ପୁଲିସ ଖୋଳତାଡ଼ କରୁଛି।

## ପୂର୍ବତନ ସାଂସଦଙ୍କୁ ଆକ୍ରମଣ ଉଦ୍ୟମ

**ମୁମ୍ବାଇ, ୧୭।୧୧:** ଆଉ ଦୁଇ ଦିନ ପରେ ପଡ଼ିବ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ଭୋଟ୍। ଏଥିପାଇଁ କମ୍ପୁଛି ପ୍ରଚାର ମୈଦାନ। ଘନ ଘନ ସଭା କରୁଛନ୍ତି ନେତା ମନ୍ତ୍ରୀ। ମୈଦାନରେ ହେଭିଓ୍ୱେଟ୍ ନେତାଙ୍କ ଚାଲିଛି ପ୍ରଚାର। ଏହାରି ଭିତରେ ଏକ ପ୍ରଚାର ସଭା ବେଳେ ପୂର୍ବତନ ସାଂସଦଙ୍କ ଉପରକୁ ଆକ୍ରମଣ ଉଦ୍ୟମ ହୋଇଛି। ସଭା ମଞ୍ଚରେ ତାଙ୍କ ଉପରକୁ ଫିଙ୍ଗା ଯାଇଛି ଚୌକି। ମହାରାଷ୍ଟ୍ର ଅମରାବତୀରେ ବିଜେପିର ପୂର୍ବତନ ସାଂସଦ ନବନୀତ ରାଣାଙ୍କ ଏକ ପ୍ରଚାର ସଭାରେ ଶନିବାର ଏଭଳି କିଛି ହଙ୍ଗାମା ହୋଇଛି। ପ୍ରକୃତରେ ଶନିବାର ଅମରାବତୀରେ ଜିଲ୍ଲାର ଦରିଆପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଖାଲାର ଗ୍ରାମରେ ନିର୍ବାଚନ ପ୍ରଚାର ଚାଲି କରିଥିଲେ ବିଜେପି ନେତ୍ରୀ ନବନୀତ ରାଣା। ଯୁବ ସ୍ୱାଭିମାନ ପାର୍ଟିର ପ୍ରାର୍ଥୀ ରମେଶ ବୁନ୍ଦିଲେଙ୍କ ସମର୍ଥନରେ ଏହି ସଭା ଆୟୋଜନ ହୋଇଥିଲା। ଏହି ସଭାରେ ପ୍ରବଳ ଭିଡ଼ ଜମିଥିଲା। ଲୋକମାନେ ବସିବା ପାଇଁ ଅଣାଯାଇଥିବା ଚୌକିକୁ ପରସ୍ପରକୁ ଫିଙ୍ଗିଥିଲେ। ଏପରିକି ନବନୀତ ରାଣାଙ୍କ ଉପରକୁ ମଧ୍ୟ ଚୌକି ଫିଙ୍ଗା ଯାଇଥିଲା। ତେବେ ସେ ଏଥିରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ସ୍ଥିତି ବିଗିଡ଼ିବା ପରେ ପୂର୍ବତନ ସାଂସଦ ନବନୀତ ରାଣା ଖଲ୍ଲାର ପୁଲିସ ଷ୍ଟେସନରେ ପହଞ୍ଚି ଅଭିଯୋଗ କରିଥିଲେ। ସଭାରେ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ପ୍ରଶ୍ନ ଉଠାଇଥିଲେ। ନବନୀତ ରାଣା କହିଛନ୍ତି ଯେ ଯଦି ଆକ୍ରମଣକାରୀଙ୍କୁ ଗିରଫ କରାନଯାଏ ତେବେ ସମଗ୍ର ହିନ୍ଦୁ ସମ୍ପ୍ରଦାୟ ରାସ୍ତାକୁ ଓହ୍ଲାଇବ। ସେପଟେ ପୁଲିସ ଅଭିଯୋଗକୁ ଆଧାର କରି ଖଲ୍ଲାର ପୁଲିସ ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା ରୁଜୁ କରିଛି। ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ଏଥିସହ ଖଲ୍ଲାର ଗ୍ରାମରେ ବହୁ ସଂଖ୍ୟକ ପୁଲିସ ମୁତୟନ କରାଯାଇଛି।

ସୂଚନାଯୋଗ୍ୟ, ଗତ ମାସ ଅକ୍ଟୋବରରେ ପୂର୍ବତନ ସାଂସଦ ନବନୀତ ରାଣାଙ୍କୁ ଏକ ଧମକପୂର୍ଣ୍ଣ ଚିଠି ମିଳିଥିଲା ଏବଂ ୧୦ କୋଟି ଟଙ୍କା ଦାବି କରାଯାଇଥିଲା। ନବନୀତ ରାଣାଙ୍କ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଆମିର ନାମକ ଜଣେ ବ୍ୟକ୍ତି ଅମରାବତୀର ପୂର୍ବତନ ସାଂସଦଙ୍କୁ ସ୍ପିଡ୍ ପୋଷ୍ଟ ମାଧ୍ୟମରେ ଏକ ଚିଠି ପଠାଇ ଟଙ୍କା ମାଗିଥିଲା।

## ପୂର୍ବତନ ପ୍ରଧାନ ବିଚାରପତିଙ୍କୁ ଉଦ୍ଧବଙ୍କ ସମାଲୋଚନା

**ମୁମ୍ବାଇ, ୧୭।୧୧:** ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନବିଚାରପତି ଜଷ୍ଟିସ ଡି ୱାଇ ଚନ୍ଦ୍ରଚୂଡ଼ଙ୍କୁ ଶିବସେନା ନେତା ଉଦ୍ଧବ ଠାକରେ ସମାଲୋଚନା କରିଛନ୍ତି। ଶିବସେନା ବିଧାୟକଙ୍କ ସଦସ୍ୟ ପଦ ରଦ୍ଦ ନେଇ ସେ ଯେଉଁ ଆବେଦନ କରିଥିଲେ ତାହାର ରାୟ ପ୍ରକାଶ କରିନଥିବାରୁ ଜଷ୍ଟିସ ଚନ୍ଦ୍ରଚୂଡ଼ଙ୍କୁ ଉଦ୍ଧବ ସମାଲୋଚନା କରିବା ସହିତ ତାଙ୍କର ଏଭଳି ଆଭିମୁଖ୍ୟ ନେଇ ସେ ନିରାଶ ବୋଲି କହିଛନ୍ତି। ଜଷ୍ଟିସ ଚନ୍ଦ୍ରଚୂଡ଼ କେବଳ ଜଣେ କମେଣ୍ଟେଟର ଭାବେ କାର୍ଯ୍ୟ କରିଛନ୍ତି, ନ୍ୟାୟ ପ୍ରଦାନ କରିନାହାନ୍ତି ବୋଲି ଉଦ୍ଧବ କହିଛନ୍ତି। ଯଦି ସେ ଉଚିତ ନ୍ୟାୟ ପ୍ରଦାନ କରିଥାଆନ୍ତେ ତେବେ ସେ ସାରା ଦେଶରେ ସୁନାମ ଅର୍ଜନ କରିଥାଆନ୍ତେ ଏବଂ ତାଙ୍କ ନାମ ଭାରତର ନ୍ୟାୟିକ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଥାଆନ୍ତା ବୋଲି ଉଦ୍ଧବ ମନ୍ତବ୍ୟ ଦେଇଛନ୍ତି। ବିଜେପି ଓ କଂଗ୍ରେସ ମଧ୍ୟରେ ତୁଳନା କରି କହିଛନ୍ତି ଯେ, କଂଗ୍ରେସ ନେତୃତ୍ୱ ଅଧିକ ବିଶ୍ୱାସଯୋଗ୍ୟ, ସମ୍ମାନଜନ୍ଦ ଏବଂ ସହମତି ଭିତ୍ତିକ। ରାହୁଲ, ସୋନିଆ, ପ୍ରିୟଙ୍କା, ଖାର୍ଗେ ସମସ୍ତେ ବିଶ୍ୱାସଯୋଗ୍ୟ, ସମ୍ମାନଜନ୍ଦ ଏବଂ ସହମତି ଆଧାରିତ ନେତା ବୋଲି ସେ କହିଛନ୍ତି। ଯଦି ଦେବେନ୍ଦ୍ର ଫଡ଼ନାବିଶ ପୁନର୍ବାର ରାଜ୍ୟ ମୁଖ୍ୟମନ୍ତ୍ରୀ ହୁଅନ୍ତି ତେବେ ମହାରାଷ୍ଟ୍ରର ବିନାଶ ହେବ ବୋଲି ସେ କହିଛନ୍ତି।

### ମଣିପୁର ହିଂସାର ପାର୍ଶ୍ୱପ୍ରତିକ୍ରିୟା

# ମନ୍ତ୍ରୀ ଓ ବିଧାୟକଙ୍କ ଘରେ ପଶି ଭଙ୍ଗାରୁଜା

**ଇମ୍ଫାଲ,୧୭।୧୧:** ମଣିପୁରରେ ହିଂସା ଥମିବାର ନା ଧରୁନାହିଁ। ଜିରିବାମ ଜିଲ୍ଲାରେ କୁକି ଉଗ୍ରବାଦୀଙ୍କ ଦ୍ୱାରା ତିନିଜଣ ବ୍ୟକ୍ତିଙ୍କ ହତ୍ୟା ପ୍ରତିବାଦରେ ଉତ୍ତେଜିତ ଲୋକମାନେ ୨ଜଣ ମନ୍ତ୍ରୀ ଓ ୩ଜଣ ବିଧାୟକଙ୍କ ଘରେ ପଶି ବ୍ୟାପକ ଭଙ୍ଗାରୁଜା କରିଛନ୍ତି। ସେମାନେ ମୃତକଙ୍କ ପାଇଁ ନ୍ୟାୟ ଦାବି କରିଛନ୍ତି। ଯେଉଁମାନଙ୍କ ଘରେ ପଶି ଉତ୍ତ୍ୟକ୍ତ ଜନତା ଭଙ୍ଗାରୁଜା କରିଛନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ସପାମ ରଞ୍ଜନ। ରଞ୍ଜନ କହିଛନ୍ତି ଯେ, ଯଦି ସରକାର ମୃତକଙ୍କ ପରିବାରକୁଉପଯୁକ୍ତ ନ୍ୟାୟ ପ୍ରଦାନ କରନ୍ତି ତେବେ ସେ କ୍ୟାବିନେଟରୁ ଇସ୍ତଫା ଦେବେ। ସେହିପରି ଖାଉଟୀ ବ୍ୟାପାର ଏବଂ ସାଧାରଣ ବଣ୍ଟନ ବିଭାଗ ମନ୍ତ୍ରୀ ଏଲ ସୁସିନ୍ଦ୍ରୋ ସିଂହଙ୍କ ଘର ଉପରେ ମଧ୍ୟ ଉତ୍ତ୍ୟକ୍ତ ଜନତା ଆକ୍ରମଣ କରିଛନ୍ତି। ସେହିପରି ବିଜେପି ବିଧାୟକ ଆରକେ ଇମୋଙ୍କ ଇମ୍ଫାଲ ସାଉଥ ଜିଲ୍ଲାସ୍ଥିତ ଘରକୁ ଉତ୍ତ୍ୟକ୍ତ ଲୋକମାନେ ଘେରାଉ କରିଥିଲେ। ଇମୋ ହେଉଛନ୍ତି ମୁଖ୍ୟମନ୍ତ୍ରୀ ଏନ ବିରେନ ସିଂହଙ୍କ ଜ୍ୱାଇଁ। ଉତ୍ତ୍ୟକ୍ତ ଲୋକମାନେ ନିରୀହ ବ୍ୟକ୍ତିଙ୍କ ହତ୍ୟା ବିରୋଧରେ ନାରାବାଜି କରିବା ସହ ଅପରାଧିଙ୍କୁ ୨୪ ଘଣ୍ଟା ଭିତରେ ଗିରଫ କରିବା ଲାଗି ଦାବି କରିଛନ୍ତି। ସେହିପରି ସ୍ୱାଧୀନ ବିଧାୟକ ସପାମ ନିଶିକାନ୍ତଙ୍କ ଘରକୁ ମଧ୍ୟ ବିକ୍ଷୋଭକାରୀମାନେ ଘେରାଉ କରିବା ସହ ବ୍ୟାପକ ଭଙ୍ଗାରୁଜା କରିଥିଲେ। ଇତିମଧ୍ୟରେ କଂଗ୍ରେସ ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖାର୍ଗେ ଅଭିଯୋଗ କରିଛନ୍ତି ଯେ, ବିଜେପି ଚାହୁଁଛି ମଣିପୁର ଏମିତି ଜଳୁଥାଉ। ଏଥିରୁ ରାଜନୈତିକ ଫାଇଦା ହାସଲ କରିବା ବିଜେପିର ଲକ୍ଷ୍ୟ। ବିଜେପିର ବିଭାଜନକାରୀ ରାଜନୀତିର ଏହା ଏକ ନମୂନା। ସେ କହିଛନ୍ତି ଯେ, ମଣିପୁରବାସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କେବେ କ୍ଷମା ଦେବେନି। ସେମାନଙ୍କ ଦୁର୍ଦ୍ଦଶା ବେଳେ ପ୍ରଧାନମନ୍ତ୍ରୀ ଥରୁଟିଏ ବି ଆସିଲେନି କିମ୍ବା ସେମାନଙ୍କୁ ସାମାନ୍ୟ ଆଶ୍ୱାସନା ଦେଲେ ନାହିଁ । ମଣିପୁରର ଏହି ସ୍ଥିତି ନିମନ୍ତେ ବିଜେପି ଦାୟୀ ବୋଲି ସେ କହିଛନ୍ତି। ବିଜେପିର ଡବଲ ଇଞ୍ଜିନ ସରକାର ଏଠାରେ ବିଫଳ ହୋଇଛି ବୋଲି ସେ ଏକ୍ସ ଜରିଆରେ କହିଛନ୍ତି।



## ରାଜ୍ୟ ସରକାରଙ୍କୁ ୨୪ ଘଣ୍ଟାର ମହଲତ ଦେଲା ମୈତେୟୀ ସମ୍ପ୍ରଦାୟ

**ଇମ୍ଫାଲ, ୧୭।୧୧:** ମଣିପୁରରେ ପୁଣି ଉଗ୍ର ହେବାରେ ଲାଗିଛି ହିଂସା। ବ୍ୟାପକ ପୋଡାଜଳା ସାଙ୍ଗକୁ ଭଙ୍ଗାରୁଜା କରୁଛନ୍ତି ବିକ୍ଷୋଭକାରୀ। ବିଭିନ୍ନ ନେତାଙ୍କ ଘରକୁ ଉପରକୁ କରାଯାଉଛି ଆକ୍ରମଣ। ଗୋଟିଏ ସମ୍ପ୍ରଦାୟ ଅନ୍ୟ ସମ୍ପ୍ରଦାୟକୁ ହତ୍ୟା କରୁଥିବା ବେଳେ ନେତାମନ୍ତ୍ରୀଙ୍କୁ ବି ଆକ୍ରମଣ କରୁଛନ୍ତି ଉଗ୍ରବାଦୀ। ଏହି କ୍ରମରେ ମୁଖ୍ୟମନ୍ତ୍ରୀ ବିରେନ୍ ସିଂହଙ୍କ ଘର ଉପରକୁ ମଧ୍ୟ ଆକ୍ରମଣ କରିଛନ୍ତି। ଏହାପରେ ମେତେଇ ସମ୍ପ୍ରଦାୟର ମଣିପୁରର ନାଗରିକ ସମାଜ ଗୋଷ୍ଠୀ ରାଜ୍ୟ ସରକାରଙ୍କୁ ୨୪ ଘଣ୍ଟିଆ ଅଲ୍ଟିମେଟମ୍ ଜାରି କରିଛି। ସଶସ୍ତ୍ର ଉଗ୍ରବାଦୀ ଗୋଷ୍ଠୀ ବିରୋଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି।

ସୂଚନା ମୁତାବକ, ଶନିବାର ସନ୍ଧ୍ୟାରେ ଏକାଧିକ ଉଗ୍ରବଦୀ ମୁଖ୍ୟମନ୍ତ୍ରୀ ବିରେନ୍ ସିଂହଙ୍କ ଘରେ ପଶିବାକୁ ଉଦ୍ୟମ କରିଥିଲେ। ହେଲେ ସେଠାରେ ମୁତୟନ ସୁରକ୍ଷାକର୍ମୀ ସେମାନଙ୍କୁ ଅଟକା ଦେଇଥିଲେ। ଲୁହ ବୁହା ଗ୍ୟାସ ପ୍ରୟୋଗ କରିବା ସହ ଫାଙ୍କା ଗୁଳିଚାଳନା କରିଥିଲେ। ଏହାପରେ ସେମାନେ ଛତ୍ରଭଙ୍ଗ ଦେଇଥିଲେ। ଏହାପରେ ମେତେଇ ନାଗରିକ ଅଧିକାର ଗୋଷ୍ଠୀ ତଥା ମଣିପୁର ଅଖଣ୍ଡତାର ସମନ୍ୱୟ କମିଟିର ମୁଖପାତ୍ର ଖୁରେଇଜମ ଅଥୌବ ରାଜ୍ୟ ସରକାରଙ୍କୁ ୨୪ ଘଣ୍ଟାର ଅଲ୍ଟିମେଟମ୍ ଦେଇଛନ୍ତି। ସେ କହିଛନ୍ତି ଯେ 'ଏହି ସମସ୍ୟାର ଶୀଘ୍ର ସମାଧାନ ପାଇଁ ରାଜ୍ୟ ତଥା ସମସ୍ତ ବିଧାୟକ ଏକାଠି ହୋଇ କିଛି ନିର୍ଣ୍ଣାୟକ ପଦକ୍ଷେପ ନେବା ଉଚିତ। ଯଦି ସେମାନେ ମଣିପୁରର ଲୋକମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ କୌଣସି ନିଷ୍ପତ୍ତି ନ ନିଅନ୍ତି, ତେବେ ସେମାନଙ୍କୁ ଲୋକଙ୍କ ଅସନ୍ତୋଷର ଶିକାର ହେବାକୁ ପଡ଼ିବ। ଆମେ କିଛି ନିର୍ଣ୍ଣାୟକ ପଦକ୍ଷେପ ନେବାକୁ ଭାରତ ସରକାର ଏବଂ ମଣିପୁର ସରକାରଙ୍କୁ ୨୪ ଘଣ୍ଟା ସମୟ ଦେଇଛୁ। ସମସ୍ତ ସଶସ୍ତ୍ର ଗୋଷ୍ଠୀ ବିରୁଦ୍ଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଏକ ଅଲ୍ଟିମେଟମ୍ ଦେଇଛୁ।'

## ଆଫ୍ସା ହଟାଇବାକୁ କେନ୍ଦ୍ରକୁ ଅନୁରୋଧ

**ନୂଆଦିଲ୍ଲୀ, ୧୭।୧୧:** ପୁଣି ଅଶାନ୍ତ ହୋଇପଡିଛି ମଣିପୁର। ନିଖୋଜ ୬ ଜଣଙ୍କ ମୃତଦେହ ମିଳିବା ପରେ ଜାରି ରହିଛି ହିଂସା। ଏହାରି ଭିତରେ ମଣିପୁର ସରକାର ରାଜ୍ୟର ୬ଟି ଥାନା ଅଧୀନରେ ଆସୁଥିବା ଅଞ୍ଚଳରୁ ଆଫସ୍ପା ତଥା ଆଫସ୍ପା ହଟାଇବାକୁ କେନ୍ଦ୍ରକୁ ଅନୁରୋଧ କରିଛନ୍ତି। ଏ ନେଇ ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ପରିସ୍ଥିତିକୁ ଦେଖି ଚଳିତ ସପ୍ତାହରେ ହିଂସା ପ୍ରପୀଡ଼ିତ ଜିରିବାମ ସମେତ ମଣିପୁରର ୬ଟି ଥାନା ଅଞ୍ଚଳରେ କେନ୍ଦ୍ର ସରକାର ସଶସ୍ତ୍ର ବାହିନୀ (ସ୍ୱତନ୍ତ୍ର କ୍ଷମତା) ଆଇନକୁ ପୁନଃ ଲାଗୁ କରିଛନ୍ତି। କେନ୍ଦ୍ରକୁ ଯୁଗ୍ମ ସଚିବ (ଗୃହ) ଲେଖିଥିବା ଏକ ଚିଠିରେ ଉଲ୍ଲେଖ କରାଯାଇଛି ଯେ ନଭେମ୍ବର ୧୫ରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏହା (ଆଫସ୍ପା ପୁନଃ ପ୍ରଚଳନ) ଉପରେ ବିଚାର ବିମର୍ଶ କରାଯାଇଛି। କେନ୍ଦ୍ର ସରକାରଙ୍କୁ ଏହାର ସମୀକ୍ଷା କରି ଏହାକୁ ପ୍ରତ୍ୟାହାର ପାଇଁ ସୁପାରିଶ କରିବାକୁ ନିଷ୍ପତ୍ତି ନିଆଯାଇଛି। ଆଫସ୍ପା ୧୯୫୮ ର ଧାରା ୩ ଅନୁଯାୟୀ ରାଜ୍ୟର ୬ଟି ପୁଲିସ୍ ଷ୍ଟେସନ ଅଧୀନରେ ଥିବା ଅଞ୍ଚଳଗୁଡିକୁ ବିଶୃଙ୍ଖଳିତ ଅଞ୍ଚଳ ଭାବରେ ଘୋଷଣା କରାଯାଇଛି। ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଗତ ୧୪ ତାରିଖର ବିଜ୍ଞପ୍ତିର ସମୀକ୍ଷା ଏବଂ ପ୍ରତ୍ୟାହାର କରିବାକୁ ଅନୁରୋଧ କରାଯାଇଛି। ମଣିପୁରର ଏବେକାର ସ୍ଥିତିକୁ ଦୃଷ୍ଟିରେ ରଖି ଇମ୍ଫାଲ ପଶ୍ଚିମ ଏବଂ ଇମ୍ଫାଲ ପୂର୍ବରେ କର୍ଫ୍ୟୁ ଲାଗୁ କରାଯାଇଛି। ଜିରିବାମରେ ନିଖୋଜ ଥିବା ୬ ଜଣଙ୍କ ମୃତଦେହ ଉଦ୍ଧାର ପରେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରାଯାଇଛି। ଏହାକୁ ବିରୋଧ କରି ଉପତ୍ୟକାର ଜିଲ୍ଲାଗୁଡ଼ିକରେ ପୁଣି ଥରେ ବିକ୍ଷୋଭ ଆରମ୍ଭ ହୋଇଛି। ମଣିପୁରର ଇମ୍ଫାଲ ପଶ୍ଚିମ ଏବଂ ଇମ୍ଫାଲ ପୂର୍ବରେ ଏହି ୬ ଜଣଙ୍କୁ ହତ୍ୟା ଘଟଣାର ବିରୋଧ କରି ଜୋରଦାର ଆନ୍ଦୋଳନ ହୋଇଥିବାରୁ ଏହି ଅଞ୍ଚଳରେ କର୍ଫ୍ୟୁ ଜାରି ହୋଇଛି। ଅନ୍ୟପକ୍ଷେ ୭ ଜିଲ୍ଲାରେ ଇଣ୍ଟରନେଟ୍ ସେବା ବନ୍ଦ ରହିଛି। ଇମ୍ଫାଲ ପଶ୍ଚିମ, ଇମ୍ଫାଲ ପୂର୍ବ, ବିଷ୍ଣୁପୁର, ଥୌବାଲ୍, କାକଚିଙ୍ଗ, କୋଙ୍ଗପୋକପି ଏବଂ ଚୁଡ଼ାଚାନ୍ଦପୁର ଜିଲ୍ଲାରେ ୨ ଦିନ ପାଇଁ ଇଣ୍ଟରନେଟ୍ ବନ୍ଦ ରହିଛି।

ଇମ୍ଫାଲରେ ଆଜି ଉତ୍ତ୍ୟକ୍ତ ଜନତା କୁକି ଉଗ୍ରପନ୍ଥୀଙ୍କ ବିରୋଧରେ ହିଂସାତ୍ମକ ଆନ୍ଦୋଳନ କରିଛନ୍ତି। ଆନ୍ଦୋଳନକାରୀମାନେ ମୁଖ୍ୟମନ୍ତ୍ରୀ ଏନ୍ ବିରେନ୍ ସିଂହଙ୍କ ବାସଭବନକୁ ଘେରିଯିବା ସହ ଧସେଇ ପଶିବାକୁ ପ୍ରୟାସ କରିବା ବେଳେ ପୁଲିସ ସେମାନଙ୍କୁ ଅଟକାଇଛି। ସେହିପରି ଗତକାଲି ବିକ୍ଷୋଭକାରୀମାନେ ୩ ମନ୍ତ୍ରୀ ଓ ୬ ବିଧାୟକଙ୍କ ଘର ଉପରକୁ ହମ୍‌ଲା କରିଥିଲେ। ସେମାନଙ୍କ ଘର ଭିତରେ ପଶି ବ୍ୟାପକ ଭଙ୍ଗାରୁଜା କରିବା ସହ ପୋଡାଜଳା କରିଥିବା ସୂଚନା ରହିଛି।

## ଆପ୍ ଛାଡ଼ିଲେ କୈଳାଶ, ଯୋଗଦେଲେ ଅନୀଲ

**ନୂଆଦିଲ୍ଲୀ, ୧୭।୧୧:** ବିଧାନସଭା ନିର୍ବାଚନ ପୂର୍ବରୁ ଦିଲ୍ଲୀରେ ସରଗରମ ରାଜନୀତି। କୈଳାଶ ଗେହଲଟ ଆପ୍ ଛାଡ଼ୁ ଛାଡ଼ୁ ଦଳରେ ଯୋଗ ଦେଇଛନ୍ତି ପୂର୍ବତନ ବିଜେପି ବିଧାୟକ ଅନିଲ ଝା। ଦିଲ୍ଲୀର ପୂର୍ବତନ ବିଧାୟକ ତଥା ଆପର ଆବାହକ ଅରବିନ୍ଦ କେଜ୍ରିୱାଲଙ୍କ ଉପସ୍ଥିତିରେ ସେ ଦଳରେ ସାମିଲ ହୋଇଛନ୍ତି।




ଅନିଲ ଝା ବିଜେପିରେ ଥିବାବେଳେ ଦୁଇ ଥର ବିଧାୟକ ହୋଇଥିଲେ। କିରାରି ଏବଂ ଉତ୍ତର-ପଶ୍ଚିମ ଦିଲ୍ଲୀ ନିର୍ବାଚନ ମଣ୍ଡଳୀର ବିଧାୟକ ଥିଲେ ଅନିଲ। ଆପରେ ଯୋଗଦେବା ପରେ ସେ ବିଜେପିର ନେତୃତ୍ୱ ତଥା ନୀତିକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି କାରଣରୁ ସେ ବିଜେପି ଛାଡ଼ିଥିବା କହିଛନ୍ତି। ଏଥିସହ ଆପରେ ଯୋଗ ଦେବା ପରେ ଅରବିନ୍ଦ କେଜ୍ରିୱାଲଙ୍କୁ ପ୍ରଶଂସା କରିଛନ୍ତି ଅନିଲ ଝା। ସେ କହିଛନ୍ତି, "ଯଦି ଦିଲ୍ଲୀରେ କେହି ପୂର୍ବାଞ୍ଚଳି ସମ୍ପ୍ରଦାୟଙ୍କ ପାଇଁ କାମ କରିଛନ୍ତି, ତେବେ ସେ ହେଉଛନ୍ତି ଅରବିନ୍ଦ କେଜ୍ରିୱାଲ। ଏହି ଅଞ୍ଚଳର ବାସିନ୍ଦାମାନେ ମୌଳିକ ସୁବିଧା ପାଇ ପାରୁନଥିଲେ। ଭିତ୍ତିଭୂମି ଠିକ୍ ନଥିଲା, ସେମାନଙ୍କୁ ପାଇପ୍ ପାଣି ବି ମିଳିପାରୁ ନ ଥିଲା। ଅରବିନ୍ଦ କେଜ୍ରିୱାଲଙ୍କ ଶାସନର ୧୦ ବର୍ଷ ମଧ୍ୟରେ ପ୍ରତ୍ୟେକ ଘରେ ପାନୀୟ ଜଳ ପହଞ୍ଚି ପାରିଛି।" ସେପଟେ, ଝାଙ୍କୁ ଦଳରେ ସ୍ୱାଗତ କରି ଅରବିନ୍ଦ କେଜ୍ରିୱାଲ କହିଛନ୍ତି, "ଅନିଲ ଝା ଦିଲ୍ଲୀର ପୂର୍ବାଞ୍ଚଳି ସମ୍ପ୍ରଦାୟ ଲୋକମାନଙ୍କର ଏକ ବଡ଼ ନେତା ଭାବେ ବିବେଚିତ ହୁଅନ୍ତି। ଉତ୍ତରପ୍ରଦେଶ ଏବଂ ବିହାରରୁ ଶିକ୍ଷା ଏବଂ ନିଯୁକ୍ତି ପାଇଁ ଅନେକ ଲୋକ ଦିଲ୍ଲୀ ଆସୁଛନ୍ତି। ଦୀର୍ଘ ବର୍ଷ ଧରି ଉଭୟ ବିଜେପି ଏବଂ କଂଗ୍ରେସ ସେମାନଙ୍କୁ ଅଣଦେଖା କରିଥିଲେ। ଯେତେବେଳେ ମୁଁ ମୁଖ୍ୟମନ୍ତ୍ରୀ ହୋଇଥିଲି, ସେତେବେଳେ ଆମେ ସେମାନଙ୍କ ଉନ୍ନତି ଆଣିବା ପାଇଁ ବିକାଶମୂଳକ କାର୍ଯ୍ୟ ଆରମ୍ଭ କରିଥିଲୁ।" ପ୍ରକାଶ ଥାଉକି, ଆଜି ଆପର ବରିଷ୍ଠ ନେତା ତଥା ଦିଲ୍ଲୀ ସରକାରର ପରିବହନ ମନ୍ତ୍ରୀ ଥିବା କୈଳାଶ ଗେହଲଟ ମନ୍ତ୍ରୀ ପଦ ସହ ଦଳର ପ୍ରାଥମିକ ସଦସ୍ୟତା ପଦରୁ ଇସ୍ତଫା ଦେଇଥିଲେ। ଏହାର କିଛି ସମୟ ପରେ ବିଜେପିର ପୂର୍ବତନ ବିଧାୟକ ଅନିଲ ଝା ଆପରେ ସାମିଲ ହୋଇଛନ୍ତି।

## ଇଡି-ସିବିଆଇ ଚାପରେ ଇସ୍ତଫା ଦେଇଛନ୍ତି

**ନୂଆଦିଲ୍ଲୀ, ୧୭।୧୧:** କୈଳାଶ ଗେହଲଟ ଆପରୁ ଇସ୍ତଫା ଦେବାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଅରବିନ୍ଦ କେଜ୍ରିୱାଲ। ଏକ ସାମ୍ବାଦିକ ସମ୍ମିଳନୀ କରି ଗେହଲଟଙ୍କ ଇସ୍ତଫା ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ଦ୍ୱାରା ସଂଗଠିତ ଏକ ଷଡଯନ୍ତ୍ର ବୋଲି କେଜ୍ରିୱାଲ ଅଭିଯୋଗ କରିଛନ୍ତି। ଏଥିସହ ଗେହଲଟଙ୍କୁ ମାସେ ଧରି ହଇରାଣ କରାଯାଉଥିଲା ବୋଲି କେଜ୍ରିୱାଲ କହିଛନ୍ତି। ରାଜନୈତିକ ଫାଇଦା ପାଇଁ କେନ୍ଦ୍ରୀୟ ଏଜେନ୍ସିର ଅପବ୍ୟବହାର କରାଯାଉଥିବା କହି ବିଜେପିକୁ ଟାର୍ଗେଟ କରିଛନ୍ତି କେଜ୍ରିୱାଲ। ସେପଟେ, ଆପ୍ ସାଂସଦ ସଞ୍ଜୟ ସିଂହ ମଧ୍ୟ ଗେହଲଟଙ୍କ ଇସ୍ତଫାକୁ ନେଇ ବିଜେପିକୁ ଦାୟୀ କରିଛନ୍ତି। ବିଜେପି ନିମ୍ନସ୍ତରର ରାଜନୀତି ଏବଂ ଷଡଯନ୍ତ୍ରରେ ସଫଳ ହୋଇଛି ବୋଲି ସାଂସଦ ସଞ୍ଜୟ ସିଂହ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଗେହଲଟଙ୍କ ଉପରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ସିବିଆଇ ତଦନ୍ତ ଚାପ ରହିଥିଲା। ଇଡି ଓ ସିବିଆଇ ତାଙ୍କୁ ଟାର୍ଗେଟ କରିଥିଲେ। ସେଥିପାଇଁ ସେ ଦଳରୁ ଇସ୍ତଫା ଦେଇଛନ୍ତି। ଇସ୍ତଫା ପତ୍ରରେ ଗେହଲଟ ଯେଉଁ ଅଭିଯୋଗ ଆଣିଛନ୍ତି, ତାହା ବିଜେପି ସ୍କ୍ରିପ୍ଟ। ଗେହଲଟ ପାଞ୍ଚ ବର୍ଷ ଆପ୍ ସରକାରରେ ରହିଥିବାରୁ ଏପରି ଅଭିଯୋଗ ଆଣିପାରିବେ ନାହିଁ। ବିଜେପି ତାଙ୍କୁ ଯେଉଁ ସ୍କ୍ରିପ୍ଟ ଦେଇଛି, ସେ ତାହା ପଢ଼ିଛନ୍ତି ବୋଲି ସଞ୍ଜୟ ସିଂହ କହିଛନ୍ତି। ପ୍ରକାଶ ଥାଉକି, ଆଜି ଆପର ବରିଷ୍ଠ ନେତା ତଥା ଦିଲ୍ଲୀ ସରକାରର ପରିବହନ ମନ୍ତ୍ରୀ ଥିବା କୈଳାଶ ଗେହଲଟ ମନ୍ତ୍ରୀ ପଦ ସହ ଦଳର ପ୍ରାଥମିକ ସଦସ୍ୟତା ପଦରୁ ଇସ୍ତଫା ଦେଇଥିଲେ। ଆଗକୁ ଦିଲ୍ଲୀ ବିଧାନସଭା ନିର୍ବାଚନ ଥିବା ବେଳେ ଗେହଲଟଙ୍କ ଇସ୍ତଫା ରାଜନୀତିକୁ ସରଗରମ କରିଦେଇଛି।



### ଆସାମ ମୁଖ୍ୟମନ୍ତ୍ରୀଙ୍କ ଦାବି

## ହନୁମାନ ଚାଳିଶା ପଢ଼ିବା ପାଇଁ ହିନ୍ଦୁମାନଙ୍କୁ ମିଳୁ ଛୁଟି

**ଦିସ୍‌ପୁର,୧୭।୧୧:** ସ୍କୁଲ ଶୁକ୍ରବାର ଛୁଟି କରିବା ପାଇଁ ପୁଣି ମୁଣ୍ଡ ଟେକିଲା ବିବାଦ। ଝାଡଖଣ୍ଡରେ ହେମନ୍ତ ସରକାର ମୁସଲମାନମାନଙ୍କୁ ସ୍କୁଲରେ ନମାଜ ପାଇଁ ଛୁଟି ଦେଉଛନ୍ତି। ତାହେଲେ ମଙ୍ଗଳବାର ଦିନ ହନୁମାନ ଚାଳିଶା ପାଇଁ ହିନ୍ଦୁମାନଙ୍କୁ ମଧ୍ୟ ଛୁଟି ଦେବାକୁ ପଡିବ। ଯଦି ବିଧାନସଭା ପରିସରରେ ନମାଜ ପାଇଁ ସ୍ଥାନ ଦେବା କଥା କହୁଛୁ, ତେବେ ଆମକୁ ହନୁମାନ ଚାଳିଶା ପଢ଼ିବାକୁ ମଧ୍ୟ ଅନୁମତି ଦିଆଯିବା ଉଚିତ ବୋଲି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି। ଧନବାଦରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ହିମନ୍ତ କହିଛନ୍ତି ଯେ, ଜେଏମଏମ, କଂଗ୍ରେସ ଓ ଆରଜେଡି ସରକାର ଲୋକଙ୍କୁ ବିଭାଜନ କରିବା ପାଇଁ କାମ କରୁଛନ୍ତି। ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ କରି ରାମରାଜଙ୍କୁ ଆଣିବାକୁ ଚେଷ୍ଟା କରାଯାଇଛି। କିନ୍ତୁ ଝାଡଖଣ୍ଡର ପୂର୍ବତନ ମନ୍ତ୍ରୀ ଆଲମଗିର ଆଲାମ ଏବଂ ଜାମତାରା ପ୍ରାର୍ଥୀ ଇରଫାନ ଅନସାରୀ ଲୋକଙ୍କୁ ବିଭାଜନ କରିବା ପାଇଁ ରାଜନୀତି କରୁଛନ୍ତି। ବାଂଲାଦେଶୀ ଅନୁପ୍ରବେଶ ଯୋଗୁଁ ଆଦିବାସୀ ସମାଜ କ୍ଷତିଗ୍ରସ୍ତ ହେଉଛି ବୋଲି ହିମନ୍ତ କହିଛନ୍ତି।

## ନେତାନ୍ୟାହୁଙ୍କୁ ପୁଣି ହତ୍ୟା ଉଦ୍ୟମ, ଘର ଉପରେ ବୋମାମାଡ଼

**ତେଲଆଭିଭ, ୧୭।୧୧:** ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ହତ୍ୟା ଉଦ୍ୟମ୍। ତାଙ୍କ ଘର ଉପରକୁ ପୁଣି ହେଲା ହମ୍‌ଲା। ବୋମା ମାଡ଼ କଲା ହେଜବୁଲ୍ଲା। ଆତଙ୍କବାଦୀ ସଙ୍ଗଠନ ହେଜବୁଲ୍ଲା ଦ୍ୱାରା ଶୁକ୍ରବାର ଦୁଇଟି ବୋମା ମାଡ଼ କରାଯାଇଛି। ନେତାନ୍ୟାହୁଙ୍କ ଘର ପାଖରେ ସ୍ଥିତ କେସରିୟା ଅଞ୍ଚଳରେ ଏହି ବୋମା ମାଡ଼ ହୋଇଛି। ଏନେଇ ସୁରକ୍ଷା ସେବା ଶନିବାର ସୂଚନା ଦେଇ ଘଟଣାକୁ ଗୁରୁତର ବୋଲି ବର୍ଣ୍ଣନା କରିଛି। ପ୍ରଧାନମନ୍ତ୍ରୀଙ୍କ ବାସଭବନ ବାହାରେ ଥିବା ଉଦ୍ୟାନରେ ଦୁଇଟି ବିସ୍ଫୋରଣ ଘଟିଛି ବୋଲି ପୁଲିସ ଏବଂ ସିନ୍ ବେଟ୍ ଆଭ୍ୟନ୍ତରୀଣ ସୁରକ୍ଷା ଏଜେନ୍ସି ମିଳିତ ବିବୃତ୍ତିରେ କହିଛନ୍ତି। ତେବେ ଘଟଣା ସମୟରେ ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ପରିବାର ଘରେ ନଥିଲେ। ଏହି ଘଟଣାରେ ତଦନ୍ତ ଆରମ୍ଭ ହୋଇଛି। ତେବେ ଏଥିରେ କେହି ମୃତାହତ ହୋଇ ନାହାନ୍ତି। ଏହା ଏକ ଗୁରୁତର ଘଟଣା ବୋଲି ସେ କହିଛନ୍ତି। ଇସ୍ରାଏଲ୍ ରାଷ୍ଟ୍ରପତି ଇସହାକ ହର୍ଜୋଗ ଏହି ଘଟଣାକୁ ନିନ୍ଦା କରିବା ସହ ସର୍ବସାଧାରଣ କ୍ଷେତ୍ରରେ ହିଂସା ବୃଦ୍ଧି ହେବା ନେଇ ଚେତାବନୀ ମଧ୍ୟ ଦେଇଛନ୍ତି। ହର୍ଜୋଗ ତାଙ୍କ ପୋଷ୍ଟରେ କହିଛନ୍ତି ଯେ ମୁଁ ବର୍ତ୍ତମାନ ସିନ୍ ବେଟ୍ ମୁଖ୍ୟଙ୍କ ସହ କଥା ହୋଇଛି।



## ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ବିଜେପିର ଇସ୍ତାହାର କମିଟି

**ନୂଆଦିଲ୍ଲୀ,୧୭।୧୧:** ଆସନ୍ତା ବର୍ଷ ଫେବୃଆରୀରେ ଅନୁଷ୍ଠିତ ହେବାକୁ ଯାଉଥିବା ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ବିଜେପି ଏକ ୧୨ ଜଣିଆ ଇସ୍ତାହାର କମିଟି ଗଠନ କରିଛି। ଦକ୍ଷିଣ ଦିଲ୍ଲୀର ସାଂସଦ ରାମବୀର ସିଂହ ବିଧୁରୀ ଏହାର ଅଧ୍ୟକ୍ଷ ହୋଇଛନ୍ତି। କମିଟିରେ ଦଳର ଅନ୍ୟ ବହୁ ବରିଷ୍ଠ ନେତା ଅଛନ୍ତି। ସେମାନଙ୍କ ମଧ୍ୟରେ ହର୍ଷବର୍ଦ୍ଧନ, ମୀନାକ୍ଷୀ ଲେଖି, ବିଜୟ ଗୋଏଲ, ଅରବିନ୍ଦ ସିଂହ ଲଭଲି, ପାଭେଶ ବର୍ମା, ସତୀଶ ଉପାଧ୍ୟାୟ, ବିଧାୟକ ଅଜୟ ମାହାୱାର ପ୍ରମୁଖ। କମିଟି ଶୀଘ୍ର ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ଦଳର ଇସ୍ତାହାର ଚୂଡ଼ାନ୍ତ କରିବ। କମିଟିର ମୁଖ୍ୟ ଶ୍ରୀ ବିଧୁରୀ କହିଛନ୍ତି ଯେ, ଗତ ୧୦ ବର୍ଷର ଆପ ଶାସନ କାଳରେ ଦିଲ୍ଲୀ ଏକ ବସ୍ତିରେ ପରିଣତ ହୋଇଛି। ଏଠାରେ ଲୋକଙ୍କୁ ସର୍ବନିମ୍ନ ସୁବିଧା ସୁଯୋଗ ମଧ୍ୟ ମିଳୁନି। ବିଜେପି ନିର୍ବାଚନ ପ୍ରଚାରରେ ଏହିସବୁ ତଥ୍ୟ ରଖିବ ଏବଂ ପରିବର୍ତ୍ତନ ପାଇଁ ଲୋକଙ୍କୁ ଅପିଲ କରିବ ବୋଲି ସେ କହିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କୁ ନାଇଜେରିଆର ଶ୍ରେଷ୍ଠ ସମ୍ମାନ

**ଅବୁଜା,୧୭।୧୧:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ତିନି ଦେଶ ଗସ୍ତର ପ୍ରଥମ ପର୍ଯ୍ୟାୟରେ ରବିବାର ସକାଳେ ନାଇଜେରିଆରେ ପହଞ୍ଚିଥିଲେ। ଆବୁଜା ବିମାନବନ୍ଦରରେ ନାଇଜେରିଆ ରାଷ୍ଟ୍ରପତି ବୋଲା ଅହମ୍ମଦ ଟିନୁବୁ ତାଙ୍କୁ ସ୍ୱାଗତ କରିଥିଲେ। ସେଠାରେ ଥିବା କେନ୍ଦ୍ରୀୟ ରାଜଧାନୀ ଅଞ୍ଚଳର ମନ୍ତ୍ରୀ ତାଙ୍କୁ ସାଙ୍କେତିକ ଭାବରେ ଆବୁଜା 'ସହରର ଚାବି' ଉପସ୍ଥାପନ କରିଥିଲେ। ଗସ୍ତ ଅବସରରେ ମୋଦିଙ୍କୁ ନାଇଜେରିଆର ସମ୍ମାନଜନକ 'ଗ୍ରାଣ୍ଡ କମାଣ୍ଡର ଅଫ୍ ଦ ଅର୍ଡର ଅଫ୍ ଦ ନାଇଜର' ପ୍ରଦାନ କରାଯାଇଛି।

ଗତ ୧୭ ବର୍ଷ ମଧ୍ୟରେ ଏହି ଦେଶକୁ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଗସ୍ତ। ଏହାପୂର୍ବରୁ ୨୦୦୭ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ନାଇଜେରିଆ ଗସ୍ତ କରିଥିଲେ।



ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସ୍ୱାଗତ କରିବାକୁ ଭାରତୀୟ ସମ୍ପ୍ରଦାୟର ବହୁ ସଂଖ୍ୟକ ଲୋକ ଅବୁଜା ବିମାନବନ୍ଦରରେ ପହଞ୍ଚିଥିଲେ। ଲୋକମାନେ ଏହି ଅବସରରେ 'ଭାରତ ମାତା କି ଜୟ' ଏବଂ 'ବନ୍ଦେ ମାତାରାମ'ର ସ୍ଲୋଗାନ ଦେଇଥିଲେ।

ତାଙ୍କୁ ସ୍ୱାଗତ କରିଥିବାରୁ ନାଇଜେରିଆର ଭାରତୀୟ ସମ୍ପ୍ରଦାୟକୁ ଧନ୍ୟବାଦ ଜଣାଇ ପ୍ରଧାନମନ୍ତ୍ରୀ ମୋଦି ଇନଷ୍ଟାଗ୍ରାମରେ ଏକ ପୋଷ୍ଟରେ ଲେଖିଛନ୍ତି, ନାଇଜେରିଆରେ ଭାରତୀୟ ସମ୍ପ୍ରଦାୟ ଦ୍ୱାରା ଏପରି ଉଷ୍ମ ଏବଂ ଉତ୍ସାହଜନକ ସ୍ୱାଗତ ହୃଦୟସ୍ପର୍ଶୀ!

ସେ ନାଇଜେରିଆରେ ରହୁଥିବା ଭାରତୀୟ ସମ୍ପ୍ରଦାୟକୁ ମଧ୍ୟ ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ ପଶ୍ଚିମ ଆଫ୍ରିକା ଦେଶରେ ରହୁଥିବା ବହୁ ସଂଖ୍ୟାରେ ଭାରତୀୟ ମହିଳା, ଶିଶୁ ଏବଂ ପୁରୁଷଙ୍କ ସହ ଯୋଗାଯୋଗ କରିଥିଲେ ଏବଂ ସେମାନଙ୍କ ସହ ଫଟୋଗ୍ରାଫ ମଧ୍ୟ ଅପଲୋଡ କରିଥିଲେ।

୧୬ ଏବଂ ୧୭ ନଭେମ୍ବରରେ ନାଇଜେରିଆ ଗସ୍ତ ପରେ ପ୍ରଧାନମନ୍ତ୍ରୀ

# ପର୍ଥ ଟେଷ୍ଟ ପୂର୍ବରୁ ଭାରତକୁ ବଡ଼ ଝଟକା



**ମୁମ୍ବାଇ, ୧୭।୧୧:** ତୀବ୍ର ଆହ୍ୱାନଭରା ବର୍ଡର-ଗାଭାସ୍କର ଟ୍ରଫି ଆରମ୍ଭ ହେବାକୁ ଆଉ ମାତ୍ର ପାଞ୍ଚ ଦିନ ବାକି ଅଛି। ସମୟ ଯେତିକି ପାଖେଇ ଆସୁଛି, ଭାରତୀୟ ଦଳ ପାଇଁ ଆହତ ସମସ୍ୟା ସେତିକି ବଢ଼ିବାରେ ଲାଗିଛି। ଶନିବାର ଭାରତ 'ଏ' ଦଳ ବିପକ୍ଷରେ ଅଭ୍ୟାସ ମ୍ୟାଚ୍ ସମୟରେ ସ୍ଲିପରେ ଫିଲ୍ଡିଂ କରୁଥିବାବେଳେ ଯୁବ ବ୍ୟାଟର ଶୁବମନ ଗିଲ୍ ଆହତ ହୋଇଛନ୍ତି।

ମିଳିଥିବା ଖବର ଅନୁସାରେ କ୍ଷେତ୍ରରକ୍ଷଣ ବେଳେ ଗିଲଙ୍କ ବାମ ହାତ ବୁଢ଼ା ଆଙ୍ଗୁଳିରେ ଆଘାତ ଲାଗିଥିଲା। ଏହାପରେ ସେ ପଡ଼ିଆ ଛାଡ଼ିଥିଲେ, ଆଉ ଖେଳିବାକୁ ମଧ୍ୟ ଫେରିନଥିଲେ। ଏକ୍ସ-ରେ ପରେ ତାଙ୍କ ଆଙ୍ଗୁଳି ଭାଙ୍ଗି ଯାଇଥିବା ସ୍ପଷ୍ଟ ହୋଇଛି। ଆସନ୍ତା ପ୍ରାୟ ୧୪ ଦିନ ପର୍ଯ୍ୟନ୍ତ ସେ ଖେଳିପାରିବେ ନାହିଁ ବୋଲି ଡାକ୍ତର ପରାମର୍ଶ ଦେଇଛନ୍ତି। ଅର୍ଥାତ ଆସନ୍ତା ୨୨ ତାରିଖରୁ ପର୍ଥରେ ଆରମ୍ଭ ହେବାକୁ ଥିବା ବହୁ ପ୍ରତୀକ୍ଷିତ ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ମ୍ୟାଚ୍ ସେ ଖେଳିବା ସମ୍ଭବ ହେବନାହିଁ। ତେବେ ଲେ ଦ୍ୱିତୀୟ ଟେଷ୍ଟ ଖେଳିବାକୁ ଫେରିପାରନ୍ତି ବୋଲି ବିସିସିଆଇ ସୂତ୍ରରୁ ପ୍ରକାଶ। ହେଲେ ଏନେଇ ବିସିସିଆଇ ପକ୍ଷରୁ ଆନୁଷ୍ଠାନିକ ଭାବରେ କିଛି ଘୋଷଣା ହୋଇନାହିଁ। ଏହି ଅଭ୍ୟାସ ମ୍ୟାଚରେ ପ୍ରସିଦ୍ଧ କ୍ରିଷ୍ଣା ବୋଲିଂ କରୁଥିବାବେଳେ ଏକ ବଲ୍ କେଏଲ୍ ରାହୁଲଙ୍କ କହୁଣୀରେ ବାଜିବାରୁ ସେ ମଧ୍ୟ ମ୍ୟାଚ୍ ଅଧାରୁ ପଡ଼ିଆ ଛାଡ଼ିଥିଲେ। ତେବେ ଆଜି ରାହୁଲ ପୁଣିଥରେ ଅଭ୍ୟାସକୁ ଫେରିଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଅଧିନାୟକ ରୋହିତ ଶର୍ମା ପତ୍ନୀଙ୍କ ସନ୍ତାନ ଜନ୍ମ ପାଇଁ ଦଳ ସହ ଅଷ୍ଟ୍ରେଲିଆ ଗସ୍ତ କରିନାହାନ୍ତି। ତେଣୁ ଜୟସ୍ୱାଲଙ୍କ ସହ ଗିଲ୍ ପାଳି ଆରମ୍ଭ କରିବେ ବୋଲି କୁହାଯାଉଥିଲା। ଏଭଳି ସ୍ଥିତିରେ ସେ ଆହତ ହେବା ଦଳକୁ ଅଡୁଆରେ ପକାଇଛି। ଶନିବାର ରୋହିତଙ୍କ ପତ୍ନୀ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ତେଣୁ ଯଦି ପ୍ରଥମ ଟେଷ୍ଟ ଖେଳିବାକୁ ରୋହିତ ପର୍ଥରେ ପହଞ୍ଚିଯାଆନ୍ତି, ତାହେଲେ ସ୍ଥିତି ଭିନ୍ନ ହେବ।



# 'ଚାମ୍ପିୟନ୍ସ ଟ୍ରଫି ଟୁର୍' ନୂଆ କାର୍ଯ୍ୟସୂଚୀ ଜାରି, ପିଓକେକୁ ବାଦ ଦେଲା ଆଇସିସି

**ମୁମ୍ବାଇ, ୧୭।୧୧:** ଚାମ୍ପିୟନ୍ସ ଟ୍ରଫିକୁ ନେଇ ବିସିସିଆଇ ଓ ପାକିସ୍ତାନ କ୍ରିକେଟ ବୋର୍ଡ ମଧ୍ୟରେ ଲାଗି ରହିଥିବା ବିବାଦ ମଧ୍ୟରେ ଟ୍ରଫି ଆଜିଠାରୁ ପାକିସ୍ତାନରେ ଟୁର୍ ଆରମ୍ଭ କରିଛି। ଚାମ୍ପିୟନ୍ସ ଟ୍ରଫିକୁ ପାକ୍ ଅଧିକୃତ କଶ୍ମୀର ବା ପିଓକେକୁ ନେଇଯିବା ପାଇଁ ଯୋଜନା କରିଥିବା ପାକିସ୍ତାନକୁ ଲାଗିଛି ଜୋରଦାର ଝଟକା। ଭାରତର ଆପତ୍ତି ପରେ ଆଜି ଆଇସିସି ଟ୍ରଫି ଟୁର୍ ପାଇଁ ନୂଆ ସହରର ତାଲିକା ଘୋଷଣା କରିଛି। ହେଲେ ଏଥିରେ ପିଓକେର କୌଣସି ସହର ନାହିଁ। ଚାମ୍ପିୟନ୍ସ ଟ୍ରଫି ଆଜି, ଅର୍ଥାତ ନଭେମ୍ବର ୧୬ରୁ ଜାନୁଆରୀ ୨୬ ପର୍ଯ୍ୟନ୍ତ ଅଂଶଗ୍ରହଣକାରୀ ଦେଶଗୁଡ଼ିକର ବିଭିନ୍ନ ସହର ଭ୍ରମଣ କରିବ। ଏହି କାର୍ଯ୍ୟକ୍ରମରେ ଟ୍ରଫିକୁ ପିଓକେ ନେଇ ଯିବାକୁ ଯୋଜନା କରିଥିଲା ପାକିସ୍ତାନ। ହେଲେ ବିସିସିଆଇର ଆପତ୍ତି ପରେ ଆଇସିସି ପାକିସ୍ତାନକୁ ତାଗିଦ୍ କରିଥିଲା। କୌଣସି ବିବାଦୀୟ ସ୍ଥାନରୁ ଟ୍ରଫି ନନେବାକୁ ପାକିସ୍ତାନକୁ କଡ଼ା ଚେତାବନୀ ଦେଇଥିଲା ଆଇସିସି। ଏହାସହ ଆଜି ଟ୍ରଫି ଟୁର କାର୍ଯ୍ୟକ୍ରମ ପାଇଁ ଆଜି ବିଭିନ୍ନ ଅଂଶଗ୍ରହଣକାରୀ ଦେଶର ନୂଆ ସହର ତାଲିକା ଜାରି କରିଛି ଆଇସିସି। ସଦ୍ୟତମ ପ୍ରକାଶିତ ତାଲିକାରେ ପାକ୍ ଅଧିକୃତ କାଶ୍ମୀରର କୌଣସି ସହର ନାହିଁ। ଆଇସିସି ଚାମ୍ପିୟନ୍ସ ଟ୍ରଫି ଟୁର୍ କାର୍ଯ୍ୟକ୍ରମରେ ପାକିସ୍ତାନରେ ନଭେମ୍ବର ୧୬ରୁ ୨୫ ତାରିଖ ଯାଏଁ ବୁଲିବ। ଏହାପରେ ଆଫଗାନିସ୍ତାନ ଯାଇ ସେଠାରେ ୨୬ରୁ ୨୮ ତିନିଦିନ ଭ୍ରମଣ କରିବ। ଏହାପରେ ବାଂଲାଦେଶ ପହଞ୍ଚି ସେଠାରେ ଡିସେମ୍ବର ୧୦ରୁ ୧୩ ପର୍ଯ୍ୟନ୍ତ ବୁଲିବ। ଡିସେମ୍ବର ୧୫ରୁ ୨୨ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାରେ, ଡିସେମ୍ବର ୨୫ରୁ ଜାନୁଆରୀ ୫ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆରେ, ଜାନୁଆରୀ ୬ରୁ ୧୧ ନ୍ୟୁଜିଲାଣ୍ଡରେ, ଜାନୁଆରୀ ୧୨ରୁ ୧୪ ଯାଏଁ ଇଂଲଣ୍ଡରେ ଭ୍ରମଣ କରିବ। ଏହାପରେ ଟ୍ରଫି ଭାରତ ଆସିବ। ୧୫ରୁ ୨୬ ଜାନୁଆରୀ ପର୍ଯ୍ୟନ୍ତ ଭାରତରେ ବିଭିନ୍ନ ସହର ଭ୍ରମଣ କରିବ ଚାମ୍ପିୟନ୍ସ ଟ୍ରଫି। ଏହାପରେ ୨୭ ଜାନୁଆରୀରେ ଟ୍ରଫି ପୁଣି ପାକିସ୍ତାନ ଫେରିଯିବ।

# ବୁମ୍‌ରାଙ୍କ ପାଇଁ କାଳ ଅଷ୍ଟ୍ରେଲିୟ ବ୍ୟାଟ୍ସମ୍ୟାନ୍ ଉସ୍‌ମାନ ଖ୍ୱାଜା





**ନୂଆଦିଲ୍ଲୀ,୧୭।୧୧:** ଭାରତୀୟ ବୋଲର୍ ଜସପ୍ରିତ ବୁମ୍‌ରା ନିଜର ସ୍ୱତନ୍ତ୍ର ବୋଲିଂ ଶୈଳୀକୁ ନେଇ ସାରା ବିଶ୍ୱରେ ପରିଚିତ। ତାଙ୍କ ସାମ୍ନାରେ ବଡ଼ ବଡ଼ ବ୍ୟାଟ୍ସମ୍ୟାନ ଅଧିକ ସମୟ ତିଷ୍ଠି ପାରନ୍ତି ନାହିଁ। ହେଲେ ଅଷ୍ଟ୍ରେଲିଆର ଏଭଳି ଜଣେ ବ୍ୟାଟ୍ସମ୍ୟାନ୍ ଅଛନ୍ତି ଯିଏ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପୂର୍ବରୁ ବୁମ୍‌ରାଙ୍କୁ ନେଇ ଭୟଭୀତ ନାହାନ୍ତି। କାରଣ ସେ ବେଶ ଆରାମରେ ତାଙ୍କୁ ଖେଳିପାରନ୍ତି। କେବଳ ଏତିକି ନୁହେଁ ବୁମ୍‌ରା ଆଜିଯାଏ ତାଙ୍କୁ ଟେଷ୍ଟରେ ଆଉଟ୍ କରିପାରିନାହାନ୍ତି। ଆମେ କହୁଛୁ ଅଷ୍ଟ୍ରେଲିଆର ଓପନର ଉସ୍‌ମାନ ଖ୍ୱାଜାଙ୍କ ବିଷୟରେ। ବର୍ଡର ଗାଭାସ୍କର ଟ୍ରଫି ଆରମ୍ଭ ହେବା ପୂର୍ବରୁ ସେ କହିଛନ୍ତି ଯେ ବୁମ୍‌ରାଙ୍କୁ ଖେଳିବା ବହୁତ ସହଜ। ହେଲେ ସେ ଭାରତୀୟ ଟିମ୍‌ରୁ ବାଦ୍ ପଡ଼ିଥିବା ଜଣେ ବୋଲରଙ୍କ ନାମ କହିଛନ୍ତି ଯାହାକୁ ସେ ବହୁତ ଡ଼ରିଥାନ୍ତି।

ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେବାକୁ ଆଉ ଦିନ କେଇଟା ବାକି। ନଭେମ୍ବର ୨୨ରେ ପ୍ରଥମ ମ୍ୟାଚ୍ ଖେଳାଯିବ। ହେଲେ ଏହା ପୂର୍ବରୁ ଉସ୍‌ମାନ ଚକିତ କଲା ଭଳି ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ, ପ୍ରାରମ୍ଭରୁ ବୁମ୍‌ରାଙ୍କୁ ଖେଳିବା ସହଜ ହୋଇ ନ ଥାଏ। ହେଲେ କିଛି ସମୟ ଖେଳିବା ପରେ ଅଭ୍ୟାସରେ ପରିଣତ ହୋଇଯାଏ। 'ତେବେ ସେ ଟେଷ୍ଟରେ ବୁମ୍‌ରାଙ୍କ ୧୫୫ ବଲ୍ ଖେଳିଥିବା ବେଳେ ଗୋଟିଏ ଥର ଆଉଟ୍ ହୋଇନାହାନ୍ତି। ଏଥିରେ ସେ ୪୩ ରନ୍ ମଧ୍ୟ କରିଛନ୍ତି। ଯଦି ଏଭଳି ଚାଲୁ ରହେ ତେବେ ଭାରତୀୟ ଦଳ ଅଡୁଆରେ ପଡ଼ିପାରେ।

ତେବେ ଉସମାନ୍ ମହମ୍ମଦ ଶାମୀଙ୍କୁ ଡରୁଥିବା କହିଛନ୍ତି। କାରଣ ସେ ଘାତକ ବୋଲିଂ କରନ୍ତି। ଏଯାବତ ସେ ୨୯୬ ବଲ୍ ଖେଳିଥିବା ବେଳେ ୨୪୨ ଡଟ୍ ବଲ୍ ରହିଛି। ସେହିଭଳି ୧୦୯ ରନ୍ କରିବା ସହ ୨ ଥର ଉଇକେଟ ମଧ୍ୟ ହରାଇଛନ୍ତି।

## ଏସୀୟ ମହିଳା ଚାମ୍ପିଅନ୍ସ ଟ୍ରଫି ହକି ପ୍ରତିଯୋଗିତା

# ଚୀନ୍‌କୁ ହରାଇ ସେମିରେ ଭାରତ

**ପାଟନା, ୧୭।୧୧:** ଅଲିମ୍ପିକ୍ସ ରୌପ୍ୟ ପଦକ ବିଜେତା ଚୀନ୍‌କୁ ୩-୦ ଗୋଲ୍‌ରେ ହରାଇ ଭାରତୀୟ ଦଳ ଏସୀୟ ମହିଳା ଚାମ୍ପିଅନ୍ସ ଟ୍ରଫି ହକି ପ୍ରତିଯୋଗିତାର ସେମିଫାଇନାଲ୍‌ରେ ପ୍ରବେଶ କରିଛି। ବିହାରର ରାଜଗିରଠାରେ ଚାଲିଥିବା ଏହି ପ୍ରତିଯୋଗିତାରେ ଭାରତ ଏକତରଫା ଭାବେ ବିଜୟୀ ହୋଇଥିଲା। ପ୍ରଥମ ଦୁଇ କ୍ୱାର୍ଟର ଗୋଲ୍‌ଶୂନ୍ୟ ରହିବା ପରେ ତୃତୀୟ କ୍ୱାର୍ଟରରେ ସଙ୍ଗୀତା କୁମାରୀ (୩୨ ମିନିଟ୍) ଓ ଅଧିନାୟିକା ସଲିମା ଟେଟେ (୩୭ ମିନିଟ୍) ଦୁଇଟି ଫିଲ୍ଡ ଗୋଲ୍ ଦେଇ ଭାରତକୁ ଆଗୁଆ କରିଥିଲେ। ଚୀନ୍ ଯେତେ ଚେଷ୍ଟା କରିଥିଲେ ମଧ୍ୟ ଗୋଲ୍ ଶୁଝିବାରେ ସଫଳ ହୋଇ ନଥିଲା। ଶେଷ ମିନିଟ୍‌ରେ ପ୍ରତିଯୋଗିତାର ସର୍ବୋଚ୍ଚ ଗୋଲ୍‌ସ୍କୋରର ଦୀପିକା ପେନାଲ୍‌ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରିବାରୁ ଭାରତ ଏକତରଫା ଭାବେ ବିଜୟୀ ହୋଇଥିଲା। ଫଳରେ ବିଶ୍ୱର ଷଷ୍ଠ ମାନ୍ୟତାପ୍ରାପ୍ତ ଚୀନ୍‌କୁ ନବମ ମାନ୍ୟତାପ୍ରାପ୍ତ ଭାରତୀୟ ଦଳ ହରାଇବା ପରେ ଚଳିତ ପ୍ରତିଯୋଗିତାରେ ଏହା ଲଗାତାର ଚତୁର୍ଥ ବିଜୟ ଥିଲା। ଏବେ ଭାରତ ଏହି ୬ ଦଳୀୟ ପ୍ରତିଯୋଗିତାରେ ୮ ପଏଣ୍ଟ୍ ପାଇ ଶୀର୍ଷରେ ରହିଛି। ଭାରତ ଏହାର ଶେଷ ଲିଗ୍ ମ୍ୟାଚ୍ ରବିବାର ଜାପାନ୍ ବିପକ୍ଷରେ ଖେଳିବ।





# ଗମ୍ଭୀର ଜଣେ କ୍ରୋଧି, ଭାରତୀୟ ଦଳର କୋଚ୍ ପାଇଁ ଉପଯୁକ୍ତ ନୁହନ୍ତି



**ନୂଆଦିଲ୍ଲୀ, ୧୭।୧୧:** ନିକଟରେ ନ୍ୟୁଜିଲାଣ୍ଡ ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଭାରତୀୟ ଦଳ କ୍ଲିନ ସୁଇପ୍ ପରାଜୟ ଭୋଗିଥିଲା। ଯାହା ପରେ କେବଳ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଫର୍ମ ଉପରେ ପ୍ରଶ୍ନ ଉଠି ନାହିଁ ବରଂ ଭାରତୀୟ ଦଳର ନୂତନ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ କୋଚିଂ ଉପରେ ମଧ୍ୟ ପ୍ରଶ୍ନ ଉଠିଛି। ଭାରତୀୟ ଦଳ ନଭେମ୍ବର ୨୨ରୁ ବର୍ଡର-ଗାଭାସ୍କର ଟ୍ରଫି ଖେଳିବାକୁ ଯାଉଛି। ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଏହି ଟେଷ୍ଟ ସିରିଜ୍ ପୂର୍ବରୁ ପୁଣି ଥରେ ଗୌତମ ଗମ୍ଭୀରଙ୍କ କୋଚିଂ ଶୈଳୀ ଉପରେ ପ୍ରଶ୍ନ ଉଠିଛି। ଅଷ୍ଟ୍ରେଲିଆ ଦଳର ପୂର୍ବତନ ଅଧିନାୟକ ଟିମ୍ ପେନ ଗୌତମ ଗମ୍ଭୀରଙ୍କ କୋଚିଂର ସମାଲୋଚନା କରିଛନ୍ତି। ସେ କହିଛନ୍ତି ଗୌତମ ଗମ୍ଭୀରଙ୍କ କୋଚିଂ ଶୈଳୀ ଭାରତୀୟ ଦଳ ପାଇଁ ମଙ୍ଗଳ ନୁହେଁ। ଯଦି ଭାରତୀୟ ଦଳ ନଭେମ୍ବର ୨୨ରୁ ଆରମ୍ଭ ହେଉଥିବା ପର୍ଥ ଟେଷ୍ଟରେ ମଜବୁତ ଆରମ୍ଭ କରିବାରେ ବିଫଳ ହୁଏ ତେବେ ଆଗକୁ ସିରିଜ୍‌ରେ ଦଳ ପାଇଁ ବହୁତ ମୁସ୍କିଲ ହୋଇପାରେ। ପେନ ଏସଇଏନ ରେଡିଓରେ କହିଛନ୍ତି, ଗତ ଦୁଇଟି ସିରିଜରେ ଭାରତୀୟ ଦଳର ବିଜୟ ସମୟରେ କୋଚ୍ ରବି ଶାସ୍ତ୍ରୀ ଥିଲେ। ସେ ଦଳରେ ସର୍ବଦା ସକାରାତ୍ମକ ମାହୋଲ ତିଆରି କରି ରଖୁଥିଲେ। ଖେଳାଳିଙ୍କୁ ଉତ୍ସାହିତ କରୁଥିଲେ। ଫଳରେ ଖେଳାଳି ମାନେ ଆତ୍ମ ବିଶ୍ୱାସର ସହ ଖେଳୁଥିଲେ। ଖେଳାଳିଙ୍କୁ ସ୍ୱପ୍ନ ଦେଖାଇବା ସହ ଖୁସି ମଜାକ ପ୍ରକ୍ରିୟାରେ ଖେଳାଳିଙ୍କୁ ପ୍ରେରିତ କରୁଥିଲେ। ଟିମ୍ ପେନ କହିଛନ୍ତି, ଏବେ ଭାରତ ନିକଟରେ ନୂଆ କୋଚ୍ ଅଛନ୍ତି ଯିଏ କ୍ରୋଧୀ ସ୍ୱଭାବର। କିନ୍ତୁ ସେ ବହୁତ ପ୍ରତିଯୋଗିତାମୂଳକ ବ୍ୟକ୍ତି। କିନ୍ତୁ ତାଙ୍କର କୋଚିଂ ଶୈଳୀ ଠିକ୍ ନୁହେଁ। ମୋର ଚିନ୍ତା ଏହା ଯେ, ଗମ୍ଭୀର ଭାରତୀୟ କ୍ରିକେଟ୍ ଦଳ ପାଇଁ ଉପଯୁକ୍ତ ନୁହନ୍ତି। ପେନ୍ କହିଛନ୍ତି, ଯଦି ଆପଣଙ୍କ କୋଚ୍ ସାମ୍ବାଦିକ ସମ୍ମିଳନୀରେ ଏକ ସାଧାରଣ ପ୍ରଶ୍ନରେ କ୍ଷୁବ୍ଧ ହୋଇ ଯାଉଛନ୍ତି, ତେବେ ଏହାକୁ କଣ କୁହାଯିବ। ସାମ୍ବାଦିକ ସମ୍ମିଳନୀରେ ଗମ୍ଭୀରଙ୍କ ପ୍ରତିକ୍ରିୟା ଅନୁଚିତ୍। ପଣ୍ଟିଂ ଏବେ ଭାଷ୍ୟକାର ଏବଂ ତାଙ୍କୁ ନିଜର ରାୟ ରଖିବା ପାଇଁ ଟଙ୍କା ମିଳୁଛି। ବିରାଟଙ୍କ ଫର୍ମ ଉପରେ ତାଙ୍କର ବିଶ୍ଳେଷଣ ଠିକ୍ ଥିଲା। ମାତ୍ର ଭାରତ ପାଇଁ ସଂପ୍ରତି ସବୁଠୁ ବଡ଼ ସମସ୍ୟା ବିରାଟ କୋହଲିଙ୍କ ଫର୍ମ ନୁହେଁ ବରଂ କୋଚ୍ ଚାପରେ ଶାନ୍ତ ରହିବା ବଡ଼ ପ୍ରସଙ୍ଗ ରହିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସନ୍ୟାସୀଙ୍କ...

କାଲକୁଲେସନରେ ଭୁଲ ହୋଇଥିବା କହି ସେହି ସଂସ୍ଥାକୁ କାଟି ବ୍ରହ୍ମପୁର ସଂସ୍ଥାକୁ କାମ ଦେଲା। ଅଭିଯୋଗ ହେଉଛି ବ୍ରହ୍ମପୁର ସଂସ୍ଥାକୁ ଟେଣ୍ଡର ଦେବାରେ ଫିକ୍ସିଂ ହୋଇଛି। ଆଉ ତାର ଫଳ ଶନିବାର ସନ୍ଧ୍ୟାରେ ଦେଖିବାକୁ ମିଳିଥିଲା। ଓଡ଼ିଶାର ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଷ୍ଟେଜକୁ ଚଢ଼ି ସୋ ଆରମ୍ଭ କରିବାର ପାଞ୍ଚ ମିନିଟ ପରେ ପୋଲିସ ପହଁଚି ଲାଇଟ ଓ ମ୍ୟୁଜିକ ବନ୍ଦ କରିଦେଲା। ଏହି ଘଟଣାରେ ମଧ୍ୟ କଟକର ଜଣେ ଏସିପିଙ୍କ ବାବୁଗିରିକୁ ନେଇ ଚର୍ଚ୍ଚା ହେଉଛି। ଏହି ଏସିପି ଜଣକ ଦିନେ ତୃତୀୟ ମହଲାର ବ୍ଲୁବୁକରେ ଥିଲେ ଆଉ ଏବେ ସେ ଡିସିପିଙ୍କୁ ବି ଖାତିର କରୁନାହାଁନ୍ତି। ୧୪ଟି ଦେଶର ପ୍ରତିନିଧି ଯୋଗ ଦେଇଥିବା ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମରେ ଷ୍ଟେଜ ଉପରେ ଅତିଥିମାନେ ଥିବା ବେଳେ ୟୁନିଫର୍ମ ଭୟ ଦେଖାଇ ସୋ ବନ୍ଦ କରିଦେବା ପୋଲିସ ଔଦ୍ଧତ୍ୟର ପ୍ରମାଣ ଦେଉଛି। ବାଲିଯାତ୍ରାର ପୂରା ଆୟୋଜନ ଓ ପରିଚାଳନା ଭାର ଭାଉସାହେବଙ୍କ ଉପରେ ଥିବା ବେଳେ ନିଜ ସହଯୋଗୀଙ୍କୁ କମ୍ ଦାମରେ ଟେଣ୍ଡର ଦେବା ଆଉ ଷ୍ଟେଜ ଉପରେ ଅତିଥିଙ୍କୁ ଅପମାନିତ କରିବା ଘଟଣାରୁ ଲାଗୁଛି ସତେ ଯେମିତି ସେ ସରକାରଙ୍କୁ ବଦନାମ କରିବାକୁ ପୂରା ଦମରେ ଲାଗିଛନ୍ତି। ଉଦଘାଟନୀ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମଧ୍ୟ ତାଙ୍କ ପରିଚାଳନାଗତ ତ୍ରୁଟିରୁ ଅପମାନିତ ହୋଇ ଚାଲିଚାଲି ବୁଲିଲେ। ଏବେ ଅତିଥିମାନେ ବି ଜଣେ ଉଦ୍ଧତ ଏସିପିଙ୍କ ପାଇଁ ହିନସ୍ତା ହେଉଛନ୍ତି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଯେଉଁ ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି ସେହି ସଂସ୍ଥାର ମୁଖ୍ୟ କୁଆଡେ ସିନ୍ଦେ ସାହେବ ଯେତେବେଳେ ଗଂଜାମ ଜିଲ୍ଲାପାଳ ଥିଲେ ତାଙ୍କର ଅତି ଘନିଷ୍ଠ ଥିଲେ। ଗଞ୍ଜାମରେ ସିନ୍ଦେ ୩୭ ଏକର ଜାଗା ତାଙ୍କ ସମ୍ପର୍କୀୟଙ୍କ ନାମରେ କିଣିଥିବା ଚର୍ଚ୍ଚା ମଧ୍ୟ ହେଉଛି। ଏହି ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥାର ମୁଖ୍ୟଙ୍କୁ ସିନ୍ଦେ ସାହେବଙ୍କ ସହ ପରିଚୟ କରାଇଥିଲେ ଗଂଜାମର ଆଉଜଣେ ପୂର୍ବତନ ଜିଲ୍ଲାପାଳ। ସେହି ଜିଲ୍ଲାପାଳ ଦିନେ ଭୁବନେଶ୍ୱର ମହାନଗର ନିଗମର କମିଶନର ହୋଇଥିଲେ ଏବେ ପୂର୍ବ ସରକାରରେ ଲୁଜ୍ ଟକ୍ କରି ବିଦା ହୋଇଥିଲେ। ଏହିଭଳି ସ୍ନାଇପର ସେଲକୁ ଚିହ୍ନଟ କରି ବିଦା ନକଲେ ମୋହନ ସରକାର ଆଗକୁ ଆହୁରି ବଦନାମ ହେବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

### ଜଗନ୍ନାଥଙ୍କ...

ଜଗନ୍ନାଥଙ୍କ ଜମି ଜାଲିଆତି ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବାସେଲିସାହି ଥାନାରେ ଏତଲା ଦିଆଯାଇଛି। ମାଟିତୋଟା ମୌଜାରେ ମହାପ୍ରଭୁଙ୍କ ନାଁରେ ଥିବା ଜମିକୁ ଜବରଦଖଲ କରି ବେଆଇନ ଭାବେ ହସ୍ତାନ୍ତର ଉଦ୍ୟମ ଅଭିଯୋଗ ହୋଇଛି। ୧୦୯ଟି ପ୍ଲଟକୁ ବେଆଇନ ଭାବେ ହାତେଇବା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଥିବା ବେଳେ ଏହାକୁ କଦାପି ବରଦାସ୍ତ କରାଯିବନି ବୋଲି ଶ୍ରୀମନ୍ଦିର ପ୍ରଶାସନ କହିଛି। ଏପରିକି ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପୁରୀ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ଶ୍ରୀମନ୍ଦିର ପ୍ରଶାସନ ଅନୁରୋଧ କରିଛି । ଶ୍ରୀଜଗନ୍ନାଥଙ୍କ ଭୂସମ୍ପତ୍ତିର ଏଭଳି ବେଆଇନ୍ ହସ୍ତାନ୍ତର ସମ୍ପୂର୍ଣ୍ଣ ଅବୈଧ। ଏଥିରୁ କ୍ଷାନ୍ତ ରହିବାକୁ ବ୍ୟକ୍ତି ଏବଂ ଅନୁଷ୍ଠାନକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି। ଅନ୍ୟପକ୍ଷରେ ଜଗନ୍ନାଥଙ୍କ ଜମି ଫେରସ୍ତ ଉଦ୍ୟମ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛି ବିଜେଡି। କେବଳ ମହାପ୍ରଭୁଙ୍କୁ ନେଇ ରାଜନୀତି ଛଡ଼ା ଆଉ କିଛି କଥା ନାହିଁ ବୋଲି ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଆକ୍ଷେପ କରିବା ସହ ଏଯାଏ ମ୍ୟାନେଜିଂ କମିଟି ଗଠନ ହୋଇ ପାରି ନ ଥିବା କହିଛନ୍ତି। ଲୋକଙ୍କ ଜମି ଜମା ରେକର୍ଡଭୁକ୍ତ ହୋଇପାରୁନି। ନିଜ ଭୁଲ ଲୁଚେଇବା ପାଇଁ ଏହା କେବଳ ବୟାନବାଜି ବୋଲି କହିଛି ବିଜେଡି। କଂଗ୍ରେସ କହିଛି, ଯେଉଁମାନେ ମହାପ୍ରଭୁଙ୍କ ଜମିକୁ ବିକ୍ରି କରିଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଜଗନ୍ନାଥଙ୍କ ଜମିକୁ ସେଟଲମେଣ୍ଟ କରି କର୍ପସ ପାଣ୍ଠି ହେଉ। ଏ ପ୍ରକ୍ରିୟା ବହୁତ ବିଳମ୍ବ ହେଲାଣି। କାର୍ଯ୍ୟକାରୀ ହେବା ଆବଶ୍ୟକ ବୋଲି କହିଛନ୍ତି ଦଳର ବରିଷ୍ଠ ନେତା ତଥା ବିଧାୟକ ତାରା ପ୍ରସାଦ ବାହିନୀପତି।

### ରିପୋର୍ଟ ମାଗିଲେ...

ଉତ୍ୟକ୍ତ ଲୋକେ ପ୍ରବେଶ କରି ଗାଳିଗୁଲଜ କରିଛନ୍ତି। ପାଦରେ ତୁଳସୀ ଚଢ଼ାଯାଇ ପୂଜା କରାଯିବାର ଫଟୋ ଭାଇରାଲ ହେବା ପରେ ଶନିବାରଠାରୁ ନାବାଳକ କଳ୍କୀ ଫେରାର ହୋଇଯାଇଛନ୍ତି। ନାବାଳକ ପାଦରେ ତୁଳସୀ ରଖି ପୂଜା କରାଯିବା ଘଟଣାରେ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କିଛି ସମାଜସେବୀ ଅଭିଯୋଗ କରିବା ପରେ ଭରତପୁର ଥାନା ପୁଲିସ ତଦନ୍ତ ଆରମ୍ଭ କରିଛି। ସରକାରୀ ଜମିରେ ଆଶ୍ରମ ନିର୍ମାଣ ହୋଇଥିବା ନେଇ ମଧ୍ୟ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ସଂପର୍କରେ ପ୍ରତିକ୍ରିୟା ରଖି ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି, ବୈକୁଣ୍ଠଧାମ ଆଶ୍ରମ ବେଆଇନ ଭାବେ ନିର୍ମାଣ ହୋଇଥିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହାର ତଦନ୍ତ ପାଇଁ ଭୁବନେଶ୍ୱର ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜସ୍ୱ ଅଥବା ଜିଏ ଡିପାର୍ଟମେଣ୍ଟର ଯାଞ୍ଚ ପରେ ମାମଲା ସ୍ପଷ୍ଟ ହେବ ବୋଲି ଜିଲାପାଳ କହିଛନ୍ତି। ଅନ୍ୟପକ୍ଷରେ ଦୁଇ ଦିନ ପରେ ମୁହଁ ଖୋଲିଚନ୍ତି ନାବାଳକର ବାପା କାଶୀନାଥ ମିଶ୍ର। ଭିଡିଓ ଜାରି କରି ସେ କହିଛନ୍ତି, ମୋ ପୁଅ ଠାକୁର ବୋଲି କେବେ କହିନାହିଁ। ଭାଇରାଲ ଫଟୋ ବହୁ ପୁରୁଣା। ପୁଅକୁ ୪/ ୫ ବର୍ଷ ହୋଇଥିବା ବେଳେ ଜଣେ ବନ୍ଧୁଙ୍କ ଘରେ ଜନ୍ମଦିନ ପାଳନ ହୋଇଥିଲା। ସେଥିରେ ମୁଁ, ମୋ ସ୍ତ୍ରୀ ଓ ସମ୍ପର୍କୀୟ କେହି ନ ଥିଲୁ। ସେହିଠାରେ ପୁଅର ପାଦ ତଳେ ତୁଳସୀ ରହିଥିଲା ଓ ସେ ଏକ ଖଟରେ ବସିଥିବା ଦେଖିବାକୁ ପାଇଥିଲୁ। କିଛି କୁଚକ୍ରୀ ଗୋଷ୍ଠୀ ଏପରି ଚକ୍ରାନ୍ତ କରିଛନ୍ତି। ସେମାନେ ଜାଣିଶୁଣି ବଦନାମ କରୁଛନ୍ତି ବୋଲି ଶ୍ରୀ ମିଶ୍ର କହିଛନ୍ତି।

### ନୀତି ଆୟୋଗ...

ହ୍ୱାଟ୍ସ ଆପ୍ ଏବଂ ଇ-ମେଲ ଆଦି ଜରିଆରେ ଜନସାଧାରଣଙ୍କ ଠାରୁ ଗ୍ରହଣ କରାଯାଇଥିବା ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ଅଦ୍ୟାବଧି ୨୦୦୦ରୁ ଊର୍ଦ୍ଧ୍ୱ ପ୍ରସ୍ତାବ ଆସିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତି ପାଇଁ ଅକ୍ଟୋବର ୩୧ରେ ୱେବ୍ ପୋର୍ଟାଲ-ଓଡିଶା ଭିଜନ ୨୦୩୬ ଏବଂ ୨୦୪୭ର ଶୁଭାରମ୍ଭ କରି ଜନସାଧାରଣ, ବୁଦ୍ଧିଜୀବୀ, ନୀତି ନିର୍ଦ୍ଧାରକ, ଶିକ୍ଷାବିତ, ନାଗରିକ, ନାଗରିକ ସଂଗଠନ, ଶିଳ୍ପ କ୍ଷେତ୍ରରେ ପ୍ରତିଷ୍ଠିତ ନେତୃବୃନ୍ଦ ଏବଂ ପ୍ରବାସୀ ଓଡ଼ିଆଙ୍କ ଠାରୁ ପ୍ରସ୍ତାବ ଆହ୍ୱାନ କରିଛନ୍ତି। ଭିଜନ ଡକ୍ୟୁମେଣ୍ଟରେ ଶିଳ୍ପ ଏବଂ ଭିତ୍ତିଭୂମି ବିକାଶ, ସାମାଜିକ ଏବଂ ମାନବ ବିକାଶ, ସଂସ୍କୃତି ଓ ଐତିହ୍ୟ,ପ୍ରଯୁକ୍ତି ଏବଂ ନବସୃଜନ, ଗ୍ରାମୀଣ ରୂପାନ୍ତରଣ ଓ ସୁଶାସନ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ପ୍ରାଧାନ୍ୟ ଦିଆଯାଇଛି। ନଭେମ୍ବର ୨୦ ସୁଦ୍ଧା ଭିଜନ ଡକ୍ୟୁମେଣ୍ଟ ପୋର୍ଟାଲ ଜରିଆରେ ଅଧିକରୁ ଅଧିକ ମତାମତ ଏବଂ ପ୍ରସ୍ତାବ ଦେବାକୁ ଅନୁରୋଧ କରାଯାଇଛି ।ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବିଭିନ୍ନ ନାଗରିକ ସମାଜର ପ୍ରସ୍ତାବ ସଂପର୍କରେ ଆଲୋକପାତ କରିଥିଲେ। ଆଗାମୀ ୨ ଦଶନ୍ଧି ଭିତରେ ଓଡ଼ିଶାର ଅର୍ଥନୀତି କିପରି ସୁଦୃଢ଼ ହୋଇ ଅଧିକ ଉତ୍ପାଦନଭିତ୍ତିକ କର୍ମନିଯୁକ୍ତି ସୃଷ୍ଟିହେବ ସେ ସଂପର୍କରେ ଆଲୋକପାତ କରାଯାଇଥିଲା । ମୁଖ୍ୟ ଶାସନ ସଚିବ କହିଛନ୍ତି, ଜନସାଧାରଣଙ୍କ ଠାରୁ ପ୍ରସ୍ତାବ ଗ୍ରହଣ ପରେ ମୁକ୍ତ ଆଲୋଚନା କରାଯିବ। ଭିଜନ ଡକ୍ୟୁମେଣ୍ଟରେ ରାଜ୍ୟ ଓ ଦେଶର ଦ୍ରୁତ ବିକାଶନ୍ମୋଖୀ ପରିବର୍ତ୍ତନରେ ସହାୟକ ହେଉଥିବା ପ୍ରସ୍ତାବର ଗୁରୁତ୍ୱ ରହିବ। ପ୍ରସ୍ତାବ ଆଧାରରେ ବିଭିନ୍ନ ସଂସ୍ଥାଗତ ଆବଶ୍ୟକ ପରିବର୍ତ୍ତନ କରାଯିବା ଏବଂ ବିଭିନ୍ନ ବିଭାଗ ତରଫରୁ ସାମୟିକ ଏବଂ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତି ଉପରେ ମୁଖ୍ୟ ଶାସନ ସଚିବ ଆଲୋକପାତ କରିଥିଲେ। ଭିଜନ ଡକ୍ୟୁମେଣ୍ଟରେ ରହିଥିବା ପ୍ରସ୍ତାବ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ କିପରି ତୁରନ୍ତ କାର୍ଯ୍ୟକାରୀ ହେବ ସେ ସଂପର୍କରେ ଶ୍ରୀ ସୁବ୍ରମଣ୍ୟମ ପ୍ରକାଶ କରିଥିଲେ। ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଂଜନ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

### ବବିଙ୍କ ପାଖରେ ...

ପାଳନ କରୁଛନ୍ତି। ଏହି ତିନି ହାରୁ ନେତା ଏବେ ଦଳକୁ ଦିଗଦର୍ଶନ ଦେବେ। ବବି ସପରିବାର ହାରିଥିବାବେଳେ ଦେବୀ ଓ ଅତନୁ ମଧ୍ୟ ନିର୍ବାଚନରେ ଶୋଚନୀୟ ଭାବେ ହାରିଛନ୍ତି। ତେଣୁ ଏମାନଙ୍କୁ ତଳ ସ୍ତରରେ କର୍ମୀମାନେ କିଭଳି ଗ୍ରହଣ କରିବେ ତାହା ବଡ କଥା। କର୍ମୀଙ୍କ ନିକଟକୁ ଯିବା ପୂର୍ବରୁ ଦଳର ବରିଷ୍ଠମାନେ ଯେଭଳି ଆତ୍ମସମର୍ପଣ ମୁଦ୍ରାରେ ରହୁଛନ୍ତି ତାହା ଆଗାମୀ ଦିନରେ ବିଜେଡିକୁ ବଡ କ୍ଷତି ପହଞ୍ଚାଇବ ବୋଲି ଉପସ୍ଥିତ କିଛି କର୍ମୀ ମତ ଦେଇଛନ୍ତି।

### ସିଙ୍ଗାପୁର...

ଅନୁଷ୍ଠିତ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ମୁଖ୍ୟମନ୍ତ୍ରୀ, ସେମ୍ବକର୍ପର ସିଇଓ ଓ ଅଧିକାରୀମାନଙ୍କୁ ନିମନ୍ତ୍ରଣ କରିଛନ୍ତି । ସିଟି ମାଟ୍ରିକ୍ସର ପ୍ରତିଷ୍ଠାତା ଡକ୍ଟର ଏଡଓ୍ୱାର୍ଡ ମୋର୍ଟନଙ୍କ ସହ ରାଜ୍ୟରେ ସେମିକଣ୍ଡକ୍ଟର, ଆଇଟି, ଡାକ୍ତରୀ ଉପକରଣ ସହ ସ୍ମାର୍ଟ ସିଟି ସଲ୍ୟୁସନର ବିକାଶ ନେଇ ଆଲୋଚନା କରିଥିଲେ ମୁଖ୍ୟମନ୍ତ୍ରୀ। ରାଜ୍ୟରେ ଆଇଟିର ବିକାଶ ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି ପାଇଁ ରାଜ୍ୟ ସରକାର ସବୁ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେବା ସହ ରାଜ୍ୟରେ ଥିବା ବ୍ୟବସାୟୀକ ସୁଯୋଗର ଜାଣିବାକୁ ତାଙ୍କୁ ଓଡ଼ିଶା ଆସିବାକୁ ଆମନ୍ତ୍ରଣ କରିଛନ୍ତି। ସେହିଭଳି ଭିସା ଗ୍ରୁପ ନିର୍ଦ୍ଦେଶକ ବିବେଶ ଅଗ୍ରଓ୍ୱାଲ ସହ ମଧ୍ୟ ମୁଖ୍ୟମନ୍ତ୍ରୀ ଆଲୋଚନା କରି ରାଜ୍ୟରେ ଇସ୍ପାତ ଓ ଫେରକ୍ରୋମ କ୍ଷେତ୍ରରେ ପୁଂଜିନିବେଶ ପାଇଁ ଆମନ୍ତ୍ରଣ କରିଛନ୍ତି। ଏହାଦ୍ୱାରା ରାଜ୍ୟର ଯୁବଶକ୍ତି ପାଇଁ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ।

ପୁଂଜିନିବେଶକାରୀଙ୍କ ସହ ଆଲୋଚନା ବେଳେ ସିଙ୍ଗାପୁରରେ ବିଜନେସ ଡେଲିଗେସନକୁ ଭେଟିବାକୁ ରାଜ୍ୟ ସରକାର କାହିଁକି ଆଗ୍ରହ ପ୍ରକାଶ କରିଛନ୍ତି ସେ ସମ୍ପର୍କରେ କହିଛନ୍ତି ମୁଖ୍ୟମନ୍ତ୍ରୀ। ସିଙ୍ଗାପୁରରେ ଥିବା ଶିଳ୍ପ ଅନୁକୂଳ ବାତାବରଣ ଓ ନୂଆ ନୂଆ ପ୍ରାକଟିସ ବ୍ୟାପକ ସହରୀକରଣ ଦିଗରେ ଅଗ୍ରସର ହେଉଥିବା ଓଡ଼ିଶାକୁ ବେଶ ସୁହାଇବ। ଏଥିସହିତ ଓଡ଼ିଶା ସିଙ୍ଗାପୁର ମଧ୍ୟରେ ରହିଛି ଅର୍ଥନୈତିକ, ସାଂସ୍କୃତିକ ସମ୍ପର୍କ ରହିଛି। ସିଙ୍ଗାପୁର କମ୍ପାନୀମାନେ ରାଜ୍ୟରେ ପୁଂଜିନବେଶ କଲେ ଦୁଇ ରାଷ୍ଟ୍ର ମଧ୍ୟରେ ବୈଦେଶିକ ସମ୍ପର୍କ ମଧ୍ୟ ଆହୁରି ସଦୃଢ଼ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

### ଭରତପୁର...

ତୁଳସୀ ଥୋଇଲା, କିଏ ପ୍ରଭୁ ବୋଲି ମାନିଲା, କିନ୍ତୁ ଅଯଥାରେ ଘାଣ୍ଟି ହଉଛନ୍ତି ଭରତପୁର ଥାନା କର୍ତ୍ତୃପକ୍ଷ। ଏଭଳି ଘଟଣା ଏବେ ଚର୍ଚ୍ଚାର ଶିରୋନାମା ପାଲଟିଥିବା ବେଳେ ସଭିଙ୍କ ମୁହଁରେ ଏବେ ଗୋଟିଏ କଥା। 'ଭରତପୁର ଥାନାକୁ ବୋଧହୁଏ ଶନି ଦଶା ପଡ଼ିଛି'।

### ବଦଳି ନିୟମ...

ସେକ୍ସନ ଅଫିସର ଗୋଟିଏ ବିଭାଗରେ ୧୫/୨୦ ବର୍ଷରୁ ଅଧିକ ରହିଥିଲେ ବି ସେମାନଙ୍କର ବଦଳି ହେଉନାହିଁ। ପଦୋନ୍ନତି ପାଇଲା ପରେ ମଧ୍ୟ ବାବୁମାନେ ନିଜ ବିଭାଗ ଛାଡି ଯିବାକୁ ରାଜି ହେଉନାହାନ୍ତି। ରାଜ୍ୟରେ ଡାକ୍ତର, ଇଞ୍ଜିନିୟର, ବିଡିଓ, ଜିଲ୍ଲାପାଳ ଓ ଏସ୍‌ପି ସ୍ତରରେ ଘନ ଘନ ବଦଳି ହେଉଥିବାବେଳେ ନିୟମ ଅନୁଯାୟୀ କ'ଣ ପାଇଁ ସଚିବାଳୟରେ ଗୋଟିଏ ବିଭାଗ ଛାଡି ଅନ୍ୟ ବିଭାଗକୁ ଯିବାକୁ କର୍ମଚାରୀମାନେ ମଙ୍ଗୁ ନାହାନ୍ତି ତାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ସରକାରଙ୍କ କୋହଳ ମନୋଭାବକୁ ଅନେକ ଦାୟୀ କରୁଥିବାବେଳେ ନୂଆ ସରକାର ଆସିବାରେ ଧରାଧରି କରି କିଛି କର୍ମଚାରୀ ପୂର୍ତ୍ତ, ପରିବହନ, ସ୍ୱାସ୍ଥ୍ୟ, ବିଦ୍ୟାଳୟ ଓ ଗଣଶିକ୍ଷା ଓ ଉଚ୍ଚଶିକ୍ଷା ଭଳି ବିଭାଗକୁ ଯିବାପାଇଁ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ବଦଳି ପାଇଁ ବିଭିନ୍ନ ସ୍ତରରେ ଚାପ ପ୍ରୟୋଗ କରୁଥିବା କର୍ମଚାରୀଙ୍କ ପାଇଁ ମୁଖ୍ୟ ଶାସନ ସଚିବ ଯେଭଳି କଠୋର ମନୋଭାବ ପୋଷଣ କରିଛନ୍ତି ଅନୁରୂପ ଭାବେ ରାଜ୍ୟ ପ୍ରଶାସନର ପ୍ରାଣକେନ୍ଦ୍ର ସଚିବାଳୟରେ ପ୍ରଶାସନିକ ସଂସ୍କାର ପାଇଁ ଗାଦିମଡା କର୍ମଚାରୀଙ୍କର ବଦଳି ପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି। ଏହା କରାଗଲେ ପ୍ରଶାସନିକ କାର୍ଯ୍ୟ କେବଳ ଗତିଶୀଳ ହେବନାହିଁ, ବହୁ ଅପବାଦରୁ ସରକାର ବି ରକ୍ଷା ପାଇଯିବେ।

### ୨୦ ଓ ୨୨ରୁ...

ତାରିଖ ସୁଦ୍ଧା ମଣ୍ଡିରେ ଧାନ ଦେଇଥିବା ସମସ୍ତ ଚାଷୀ ଏକାଥରକେ କୁଇଣ୍ଟାଲ ପିଛା ୮୦୦ ଟଙ୍କା ପାଇବେ। ଧାନର ମାନ ପରୀକ୍ଷଣ ପାଇଁ ଅଟୋମେଟିକ ଗ୍ରେନ ଆନାଲାଇଜର ବ୍ୟବହାର କରାଯିବ। ୪୦୦୦ ମେଟ୍ରିକ ଟନରୁ ଅଧିକ ଧାନ ସଂଗ୍ରହ କ୍ଷମତା ଥିବା ୨୦୦ ବୃହତ ମଣ୍ଡିରେ ଏହି ଅଟୋମେଟିକ ଗ୍ରେନ ଆନାଲାଇଜର ମେସିନ ଲଗାଯିବା ନିମନ୍ତେ ପ୍ରଦାନ ହୋଇସାରିଛି। ଏହା ସହ ଆଦ୍ରତା ପରୀକ୍ଷଣ ମେସିନ ମଧ୍ୟ ବ୍ୟବସ୍ଥା କରାଯାଇଛି। କଟନୀ ଛଟନୀ ବନ୍ଦ କରିବା ପାଇଁ ମିଲରମାନେ ମଣ୍ଡିରେ ଉପସ୍ଥିତ ରହିବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ଜିଲ୍ଲାରେ ଚାଷୀଙ୍କ ସୁବିଧା ପାଇଁ କଣ୍ଟ୍ରୋଲ ରୁମ ବ୍ୟବସ୍ଥା ରହିବ। ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସ୍ୱଚ୍ଛ ଭାବେ କରାଯିବ। ଏଥି ନିମନ୍ତେ ମଣ୍ଡିରେ ନୋଡ଼ାଲ ଅଫିସର, ସୁପରଭାଇଜର ନିଯୁକ୍ତ କରାଯାଇଛି। ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ, ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ପ୍ରମୁଖ ଯୋଗଦେଇଥିଲେ।

### ଓଡ଼ିଶା ଆସିଲେ ...

ମିଜୋରାମ, ଗୋଆ, ଓ କେନ୍ଦ୍ରଶାସିତ ଅଞ୍ଚଳ(ଏଜିଏମ୍‌ୟୁଟି) କ୍ୟାଡର ଆଇଏଏସ୍ ଶ୍ରୀ ସାହୁଙ୍କୁ ୩ ବର୍ଷ ପାଇଁ ଡେପୁଟେସନ୍‌ରେ ଅଣାଯିବ। ତାଙ୍କ ଘର ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ ସିଙ୍ଗାପୁର ଗ୍ରାମରେ। ସର୍ବକନିଷ୍ଠ ଡେପୁଟି ନିର୍ବାଚନ କମିଶନର ଭାବେ ଅବସ୍ଥାପିତ ହୋଇଥିବା ମନୋଜ ଜଣେ ଦକ୍ଷ ଅଧିକାରୀ ଏବଂ ସଚ୍ଚୋଟତା ପାଇଁ ପରିଚିତ। ପୂର୍ବରୁ ସେ ଜଳ ଶକ୍ତି ମନ୍ତ୍ରଣାଳୟ ସମେତ ପାନୀୟ ଜଳ କାର୍ଯ୍ୟକ୍ରମ, ହର ଘର ଜଲ୍ ଭଳି ଯୋଜନାରେ କାର୍ଯ୍ୟ କରିଛନ୍ତି। ଏଥିସହିତ ଉଭୟ କେନ୍ଦ୍ର ତଥା ବିଭିନ୍ନ ରାଜ୍ୟରେ କଲେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଭାବରେ ମଧ୍ୟ ଦକ୍ଷତାର ପରିଚୟ ଦେଇଛନ୍ତି। ସେ ମଧ୍ୟ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମଙ୍କ ବ୍ୟକ୍ତିଗତ ସଚିବ ଥିଲେ। ଆଦିବାସୀଙ୍କ ପାଇଁ ଅନେକ ପ୍ରଗତିଶୀଳ କାର୍ଯ୍ୟ କରିଥିବା ମନୋଜଙ୍କୁ ଓଡ଼ିଶା ସରକାରଙ୍କ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯିବ ବୋଲି ଆଶା କରାଯାଉଛି।



# ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଲେ ଦୀପକ

**ଯାଜପୁର, ୧୭।୧୧ (ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆଜି ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମିଳିଛି । ଗତ ତିନିବର୍ଷରେ ରାଜ୍ୟରେ ପ୍ରଦର୍ଶିତ ହୋଇଥିବା ଚଳଚ୍ଚିତ୍ର ମଧ୍ୟରୁ ଶ୍ରେଷ୍ଠ ଚଳଚ୍ଚିତ୍ର ଓ ଅଭିନେତା ମାନଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଛି । ଏଥିରେ ଯାଜପୁର ପୁଅ ତଥା ଅଭିନେତା ଦୀପକ କୁମାର ମହାରଣା ୨୦୨୦ ବର୍ଷ ପାଇଁ ଶ୍ରେଷ୍ଠ ଖଳ ଅଭିନେତା ଭାବରେ ପୁରସ୍କୃତ ହୋଇଛନ୍ତି । ଯାହା ଯାଜପୁର ଜିଲ୍ଲା ପାଇଁ ଗୌରବ ଆଣିଦେଇଛି । ଅଭିନେତା ଦୀପକ ଚଳଚ୍ଚିତ୍ର ରୋମିଓ ରାଜା ରେ ଦମଦାର ଅଭିନୟ ପାଇଁ ଏହି ସମ୍ମାନ ଜନକ ପୁରସ୍କାର ପାଇଛନ୍ତି। ନିଜର ପ୍ରଥମ ଚଳଚ୍ଚିତ୍ରରୁ ଏହି ପୁରସ୍କାର ପାଇଥିବାରୁ ତାଙ୍କ ପରିବାର ଓ ସମ୍ପର୍କୀୟ ମାନଙ୍କ ମଧ୍ୟରେ ଖୁସିର ଲହର ଖେଳିଯାଇଛି । ଆଗାମୀ ଦିନରେ ଅଭିନେତା ଦୀପକ ଓଡ଼ିଆ ଚଳଚ୍ଚିତ୍ର ରେ ନିଜର ଅଭିନୟ ଜାରିରଖିବା ସହିତ ନିଜ ଅଭିନୟ ମାଧ୍ୟମରେ ନୂଆ ଟ୍ରେଣ୍ଡ ସୃଷ୍ଟି କରିବେ ବୋଲି ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି ।

# ସାଂସଦ ଓ ବିଧାୟକଙ୍କ ଉପସ୍ଥିତିରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତି ପ୍ରସ୍ତର ସ୍ଥାପନ



**ନୀଳଗିରି, ୧୭।୧୧ (ସଂଚାର ବ୍ୟୁରୋ):** ନୀଳଗିରି ନୀୟନ୍ତ୍ରିତ ବଜାର କମିଟି ପକ୍ଷରୁ ବିଭିନ୍ନ ପ୍ରକଳ୍ପ ଗୁଡିକର ଶୁଭ ଉଦଘାଟନ ଓ ଭିତ୍ତି ପ୍ରସ୍ତର ସ୍ଥାପନ ରବିବାର ଦିବା ୧୦ ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି। ଅଯୋଧ୍ୟା ଠାରେ ଜାତୀୟ କୃଷି ବଜାର ଇ-ନାମକ କାର୍ଯ୍ୟାଳୟକୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆଙ୍କ କର କମଳରେ ଶୁଭ ଉଦଘାଟନ କରାଯାଇଛି।

ଏହି ଶୁଭ ଉଦଘାଟନୀ ଉତ୍ସବରେ ଓଡିଶା କୃଷି ପରିଷଦ ଭୁବନେଶ୍ୱର ଡି.ଜି.ଏମ ଶ୍ରୀମତି ଦମୟନ୍ତି ସିଂ, ବାଲେଶ୍ୱର ଉପ ନିବନ୍ଧକ ବାଲେଶ୍ୱର ସମବାୟ ସମିତି ସମୂହ ଅଧିକାରି ଶ୍ରୀମତି ସରୋଜୀନି ନାୟକ, ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତି ରଞ୍ଜିତା ସିଂ, ନୀଳଗିରି ନୀୟନ୍ତ୍ରିତ ବଜାର କମିଟିର ଅଧ୍ୟକ୍ଷା ତଥା ସ୍ଥାନୀୟ ଉପ-ଜିଲ୍ଲାପାଳ ଶ୍ରୀମତି ଶୁଭଶ୍ରୀ ରଥ, ସ୍ଥାନୀର ସରପଞ୍ଚ ଶ୍ରୀମତି ତାରିଣୀ ସିଂ, ସମିତି ସଭ୍ୟ ସୁକଦେବ ସିଂ, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ସାଂସଦ ପ୍ରତିନିଧି କରୁଣାକର ପଣ୍ଡା ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଓ ସାଧାରଣ ଜନତା ଉପସ୍ଥିତ ଥିଲେ। ଏହି ଆୟୋଜିତ ସାଧାରଣ ସଭାରେ ନୀୟନ୍ତ୍ରିତ ବଜାର କମିଟିର ଅଧ୍ୟକ୍ଷା ତଥା ସ୍ଥାନୀୟ ଉପ-ଜିଲ୍ଲାପାଳ ଶ୍ରୀମତି ଶୁଭଶ୍ରୀ ରଥ ଅଧ୍ୟକ୍ଷତା କରିଥିବା ବେଳେ ନୀୟନ୍ତ୍ରିତ ବଜାର କମିଟିର ସଂପାଦକ ସୁକାନ୍ତ ପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ କରିଥିଲେ। ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ ସାରା ଦେଶରେ ୧୮ ଗୋଟି ରାଜ୍ୟରେ ୩୬୦୦ ବ୍ୟବସାୟିକ କ୍ଷେତ୍ରରେ ଇ-ନାମକ ମାଧ୍ୟମରେ ସାମିଲ ହୋଇଥିବା କୃଷିଜାତ ଦ୍ରବ୍ୟରେ ଉଚିତ୍ ମୂଲ୍ୟ ପାଇଁ ଲାଭବାନ ହେବା ସମ୍ପର୍କରେ ଅବଗତ କରାଇଥିଲେ। ପରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଭିଜନ ୨୦୪୭ କେନ୍ଦ୍ର ସରକାରଙ୍କ ଆହ୍ୱାନ ସବ୍ କା ବିକାଶ ଦେଶ କା ବିକାଶ ଇ-ନାମର ଆଭିମୁଖ୍ୟକୁ ଉଦାହରଣ ସ୍ୱରୁପ ବିଭିନ୍ନ ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ।

ପରିଶେଷରେ ଆର.ଏମ.ସି.ର ସଂପାଦକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ନରଣପୁର ସ୍ଥିତ ନକୁଳକର ହାଟର ଉନ୍ନତି କରଣ ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପନ କରାଜାଇଥିଲା।

# ଭୂମିହୀନ ଦର୍ଶାଇ ସରକାରୀ ଜମି ହଡ଼ପ

## ସତ୍ୟ ପାଠ ପରେ ବି ନିର୍ମାଣକୁ ଭାଙ୍ଗୁନି ତହସିଲ୍ ପ୍ରଶାସନ



**ମହାକାଳପଡ଼ା, ୧୭।୧୧ (ସଂଚାର ବ୍ୟୁରୋ) :** ସବୁ ନୀତିନିୟମକୁ ଜଳାଞ୍ଜଳି ଦେଇ ଥିଲା ବାଲାଙ୍କୁ ଭୂମିହୀନ ଦର୍ଶାଯାଇଛି। କେବଳ ଭୂମିହୀନ ଦର୍ଶା ଯାଇନି, ଭୂମିହୀନ ଦର୍ଶାଯାଇ ସ୍ଥିତିବାନ ପଟ୍ଟା ପ୍ରଦାନ କରାଯାଇଛି। ମହାକାଳପଡ଼ା ତହସିଲ କର୍ତ୍ତୃପକ୍ଷଙ୍କ ଏମିତି କାର୍ଯ୍ୟ କୁ ପଦାରେ ପକାଇ ତହସିଲଦାରଙ୍କୁ ଅଦାଲତକୁ ଟାଣିଛନ୍ତି ସୂଚନା ଅଧିକାର କର୍ମୀ।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତ ନିବାସୀ ସନ୍ୟାସୀ ଦେବନାଥଙ୍କ ପୁଅ ଅଜୟ ଦେବନାଥ ଓ ତାଙ୍କ ପତ୍ନୀ ଭୂମିହୀନ ଭାବରେ ଖରିନାସୀ ମୌଜା ଖାତା ନମ୍ବର ୬୮, ପ୍ଲଟ୍ ନମ୍ବର ୫୧୦/୧୪୧୩ ରେ ଥିବା ୨.୧୫ ଏକର ଜଙ୍ଗଲ ଜମି କିସମରୁ ଅଢେଇ ଗୁଣ୍ଠ (୧୦ ଡିସିମିଲ) ଜମି ନିଜ ନାମରେ ହାତେଇଛନ୍ତି। ଏବଂ ସରକାରଙ୍କ ପକ୍ଷରୁ ପଟ୍ଟା ପାଇବା ପରେ ସେହି ଜମିରେ ଦୋକାନ ଗୃହ ନିର୍ମାଣ କରି ଭଡ଼ାରେ ଲଗାଇଥିଲେ। ଏ ଘଟଣା ସୂଚନା ଅଧିକାର ଆଇନ ବଳରେ ଜାଣିବା ପରେ ମହାକାଳପଡ଼ା ତହସିଲଦାର ଓ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଜଣାଇଥିଲେ ଅମିତାଭ ଚାନ୍ଦ ଓ ନରୋତ୍ତମ ଦେବନାଥ। ଅଭିଯୋଗ ପରେ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ଅଭିଯୋଗକାରୀ ସିଧାସଳଖ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସନ୍ୟାସୀ, ତାଙ୍କ ଭାଇ, ପୁଅ ଏବଂ ପୁତୁରାଙ୍କ ନାମରେ ରାମନଗର, ଖରିନାସୀ ସମେତ କୁଜଙ୍ଗ ତହସିଲର ବଗଦିଆ, ବଟଣି ତହସିଲର ପାଣ୍ଡିଆବିଲ ଆଦି ମୌଜାରେ ୨୫ ଏକରରୁ ଉର୍ଦ୍ଧ୍ୱ ସମ୍ପତ୍ତି ରହିଥିବା ଓ ସେମାନଙ୍କୁ ଭୂମିହୀନ ପଟ୍ଟା ପ୍ରଦାନ କରାଯିବା ଅନୁଚିତ ଓ ଜଙ୍ଗଲ ଜମି କିସମ ପରିବର୍ତ୍ତନ କରାଇବା ବେଆଇନ ବୋଲି ତାଙ୍କ ଆବେଦନରେ ହାଇକୋର୍ଟଙ୍କୁ ଜଣାଇଥିଲେ।

ହାଇକୋର୍ଟ ଉକ୍ତ ମାମଲାର ବିଚାର କରି ୨୦୨୩ ମସିହା ନଭେମ୍ବର ୨୦ ତାରିଖରେ ମହାକାଳପଡ଼ା ତହସିଲଦାରଙ୍କୁ ୪ ମାସ ଭିତରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶରେ ରାମଚଣ୍ଡି ଆଇଆଇ ଘଟଣାର ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦିଆଯାଇଥିବା ପଟ୍ଟା ବେଆଇନ ବୋଲି ରିପୋର୍ଟ ଦେଇଥିଲେ। ହାଇକୋର୍ଟ ଦେଇଥିବା ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନହେବା ହେତୁ ତହସିଲଦାରଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଦାୟର କରିଥିଲେ ଅଭିଯୋଗକାରୀ। ମାମଲା ପରେ ହାଇକୋର୍ଟ ନୋଟିସ୍ ଜାରି କରିଥିଲେ। ନୋଟିସ୍ ମିଳିବା ପରେ ଦିଆଯାଇଥିବା ଜମିକୁ ସରକାରୀ ଖାତାକୁ ଫେରାଇ ଅଣାଯିବ ସହ ଜମି ହାତେଇଥିବା ବ୍ୟକ୍ତିଙ୍କୁ ଅଯୋଗ୍ୟ ଘୋଷିତ କରିବାକୁ ମହାକାଳପଡ଼ା ତହସିଲଦାର ତାଙ୍କ ସତ୍ୟପାଠରେ ଅଦାଲତକୁ ଜଣାଇଥିଲେ। ସତ୍ୟପାଠ ଦାଖଲ କରିବାକୁ ୨ ମାସ ହେବାକୁ ବସିଲାଣି ହେଲେ ଏବେ ମଧ୍ୟ ସରକାରୀ ରେକର୍ଡକୁ ଆସି ନଥିବା ଓ ଅନଲାଇନରେ ପଟ୍ଟା ଉପଲବ୍ଧ ହେଉଥିବା ଅଭିଯୋଗକାରୀ ଦର୍ଶାଇଛନ୍ତି। ସେହିପରି ଉକ୍ତ ଜମି ଉପରେ ନିର୍ମାଣ କରାଯାଇଥିବା ଦୋକାନ ଗୃହକୁ ତହସିଲ ପ୍ରଶାସନ ନଭାଙ୍ଗିବା ପଛରେ କ'ଣ କାରଣ ରହିଛି ବୋଲି ଉଦବେଗ ପ୍ରକାଶ କରିଛନ୍ତି ଅମିତାଭ ଓ ନରୋତ୍ତମ।

# ଉତ୍କଳମଣି ଯୁବକ ସଂଘର ସଫେଇ ଅଭିଯାନ

**କେନ୍ଦ୍ରାପଡ଼ା, ୧୭।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଉତ୍କଳମଣି ଯୁବକ ସଂଘ, ଏକ ଅନନ୍ୟ



ପଦକ୍ଷେପ ନେଇ କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ ପରେ ଗ୍ରାମର ବଡ଼ ପୋଖରୀରେ ସଫେଇ ଅଭିଯାନ ଆୟୋଜନ କରିଥିଲେ। ଏହି ଅଭିଯାନର ଉଦ୍ଦେଶ୍ୟ ଥିଲା ପରମ୍ପରାକୁ ସମ୍ମାନ ସହିତ ପାଳନ କରିବା ସଙ୍ଗେ ସଙ୍ଗେ ପ୍ରାକୃତିକ ସୌନ୍ଦର୍ଯ୍ୟ ରକ୍ଷା କରିବା।

ସଂଘର ସମ୍ପାଦକ ବୈଷ୍ଣବ ବେହେରାଙ୍କ ନେତୃତ୍ୱରେ ସଦସ୍ୟମାନେ ପୋଖରୀରୁ ବୋଇତ ବନ୍ଦାଣ ପରେ ଛାଡ଼ିଯାଇଥିବା ଥର୍ମକୋଲ୍, ପ୍ଲାଷ୍ଟିକ୍ ଡଙ୍ଗା, ପୂଜା ସାମଗ୍ରୀ ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁକୁ ସଫା କରି ଏହାକୁ ପରିଷ୍କାର କରିଥିଲେ। ସଂଘର ସଭାପତି ଗୌତମ ବେହେରା କହିଛନ୍ତି, "ଏକ ପରିଷ୍କାର ପରିବେଶ କେବଳ ଆମର ନୁହେଁ ବରଂ ଭବିଷ୍ୟତ ପିଢ଼ିଙ୍କ ପାଇଁ ଏକ ମୂଲ୍ୟବାନ ଉପହାର।ଯେତେବେଳେ ଆମେ ଆମର ପାରମ୍ପରିକ ଉତ୍ସବକୁ ପାଳନ କରୁ, ସେହି ସମୟରେ ପ୍ରକୃତିକୁ ମଧ୍ୟ ସୁରକ୍ଷା ଦେବା ଆବଶ୍ୟକ।"ଉତ୍ସବ ପରେ ବର୍ଜ୍ୟବସ୍ତୁ ଏକ ମହତ୍ତ୍ୱପୂର୍ଣ୍ଣ ସମସ୍ୟା ହେଲେ ମଧ୍ୟ, ଏହି ପଦକ୍ଷେପ ଦ୍ୱାରା ଉତ୍କଳମଣି ଯୁବକ ସଂଘ ଏକ ମୂଲ୍ୟବାନ ସନ୍ଦେଶ ପ୍ରସାର କରିଛି। ଅଭିଯାନ ଫଳରେ ଏକ ପରିଷ୍କାର ଓ ସୁନ୍ଦର ପରିବେଶ ପୁନର୍ଜୀବିତ ହୋଇଛି।



# ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀ ମୃତ

**କେନ୍ଦ୍ରାପଡ଼ା, ୧୭।୧୧ (ସଂଚାର ବ୍ୟୁରୋ):** ଚଣ୍ଡିଖୋଲ ପାରାଦ୍ୱୀପ ୫୩ ନମ୍ବର ଜାତୀୟ ରାଜପଥରେ ଥିବା ନୀଳାଚଳ ବଜାର ନିକଟରେ ସଡ଼କ ଦୁର୍ଘଟଣା ଘଟି ଦୁଇ ବାଇକ ଆରୋହୀଙ୍କର ମୃତ୍ୟୁ ଘଟିଥିବା ଦେଖିବାକୁ ମିଳିଛି । ମୃତ ଦୁଇ ବାଇକ୍ ଆରୋହୀଙ୍କ ଘର ମାର୍ଶାଘାଇ ଥାନା ଅଧିନ ଯଦୁପୁର ଗ୍ରାମର ଯୁବକ ମନୋଜ ରାଉତ ହୋଇଥିବା ବେଳେ ଅନ୍ୟ ଜଣେ ହେଲେ ସାନଗାଁ ଗ୍ରାମର ଯୁବକ ରମେଶ ବେହେରା । ଦୁହେଁ ପାରାଦ୍ୱୀପରୁ ଫିସିଂ କାମ ସାରି ବାଇକ ଯୋଗେ ଶନିବାର ରାତିରେ ଘରକୁ ଫେରୁଥିଲେ । ଅଜଣା ଗାଡ଼ି ଧକ୍କାରେ ଦୁହିଁଙ୍କର ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଛି । ଖବର ପାଇ ସ୍ଥାନୀୟ ମାର୍ଶାଘାଇ ପୁଲିସ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ମେଡିକାଲକୁ ପଠାଇଥିଲେ ବି ଡାକ୍ତର ମୃତ ଘୋଷଣା କରିଥିଲେ ।

# ଏସ୍‌ପିଙ୍କ ହସ୍ତକ୍ଷେପ ପରେ ସରପଞ୍ଚ ଓ ସମିତି ସଭ୍ୟ ସଂଘର ଅନଶନ ପ୍ରତ୍ୟାହୃତ

**ପଟ୍ଟାମୁଣ୍ଡାଇ, ୧୭।୧୧ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବିଡ଼ିଓ ଶୁଭ୍ରାଂଶୁ ସାହୁ ଙ୍କୁ ଦୁଃବ୍ୟବହାର ଓ ବ୍ଲକ ଗଣ୍ଡଗୋଳ ଘଟଣା ପ୍ରତିବାଦରେ ପଟ୍ଟାମୁଣ୍ଡାଇ ବ୍ଲକ ସରପଞ୍ଚ ଓ ସମିତି ସଭ୍ୟ ସଂଘ ପକ୍ଷରୁ ବ୍ଲକ ମୁଖ୍ୟ ଫାଟକରେ ତାଲା ପକାଇ ଗତ ୫ ଦିନ ଧରି ଚାଲିଥିବା ଆମରଣ ଅନଶନ ଆନ୍ଦୋଳନ କେନ୍ଦ୍ରାପଡ଼ା ଏସପି ସିଦ୍ଧାର୍ଥ କଟାରିଆଙ୍କ ହସ୍ତକ୍ଷେପ ଓ ଆଇନ ଅନୁଯାୟୀ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶୃତି ପରେ ଆଜି ସନ୍ଧ୍ୟାରେ ପ୍ରତ୍ୟାହୃତ ହୋଇଛି। ଏସପି କଟାରିଆ ନିଜେ ଫଳ ରସ ପିଆଇ ଅନଶନକାରୀଙ୍କୁ ଅନଶନରୁ ଉଠାଇ ଥିଲେ ।

**ପଟ୍ଟାମୁଣ୍ଡାଇ ବିଡ଼ିଓଙ୍କୁ ଦୁର୍ବ୍ୟବହାର ଘଟଣା**

ପ୍ରକାଶ ଯେ ଗତ ୫ ତାରିଖରେ ପଟ୍ଟାମୁଣ୍ଡାଇ ବିଡ଼ିଓଙ୍କୁ ଦୁଃବ୍ୟବହାର ଓ ବ୍ଲକ ଗଣ୍ଡଗୋଳ ପ୍ରତିବାଦରେ ବ୍ଲକ କର୍ମଚାରୀ କଲମ ଛାଡ଼ ଆନ୍ଦୋଳନ ଓ ସରପଞ୍ଚ ସମିତି ସଭ୍ୟ ସଂଘ ପକ୍ଷରୁ ଥାନାରେ ଧାରଣା ଓ ଗତ ୧୩ ତାରିଖରୁ ୫ ଦିନ ଧରି ବ୍ଲକ ସମ୍ମୁଖରେ ଆମରଣ ଅନଶନ କରାଯାଇଥିଲା । ଏପରିକି ଆସନ୍ତାକାଲି ଥାନା ଘେରାଉ ଚେତାବନୀ ଦିଆଯାଇଥିଲା । ଯାହା ଫଳରେ ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାୟ ୧୩ ଦିନ ଧରି ଅଚଳ ହୋଇପଡିଥିଲା । ଜିଲ୍ଲା ଓ ସ୍ଥାନୀୟ ପ୍ରଶାସନ ଅନଶନ ଆନ୍ଦୋଳନ ପ୍ରତ୍ୟାହାର ପାଇଁ ଚଳାଇ ଥିବା ସମସ୍ତ ଉଦ୍ୟମ ବିଫଳ ହେବା ପରେ ପ୍ରଶାସନର ମୁଣ୍ଡ ବ୍ୟଥା ବଢ଼ି ଯାଇଥିଲା । ତେବେ ଛୁଟିରେ ଥିବା କେନ୍ଦ୍ରାପଡ଼ା ଏସପି ସିଦ୍ଧାର୍ଥ କଟାରିଆ ଆଜି କାର୍ଯ୍ୟରେ ଯୋଗଦେବା ପରେ ଘଟଣାର ଗୁରୁତ୍ୱ ଅନୁଭବ କରି ତୁରନ୍ତ ହସ୍ତକ୍ଷେପ କରିଥିଲେ ।

ଆଜି ଅପରାହ୍ନରେ ଏସପି କଟାରିଆ ପଟ୍ଟାମୁଣ୍ଡାଇ ଥାନାରେ ପହଂଚି ବିଜେଡି ସରପଞ୍ଚ ଓ ସମିତି ସଭ୍ୟ ସଂଘ ପ୍ରତିନିଧିମଣ୍ଡଳୀଙ୍କୁ ପଟ୍ଟାମୁଣ୍ଡାଇ ବ୍ଲକ ଗଣ୍ଡଗୋଳ ମାମଲା ସମ୍ପର୍କରେ ପୁ ଙ୍ଖ । ନୁ ପୁ ଙ୍ଖ ଆଲୋଚନା ପାଇଁ ଡାକି ଥିଲେ । ଏସପି କଟାରିଆ, ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା, ଆଦର୍ଶ ଥାନା ଆଇ ଆଇ ସି ସୁଶାନ୍ତ ସାହୁ ପ୍ରମୁଖ ବରିଷ୍ଠ ପୋଲିସ ଅଧିକାରୀ ଙ୍କ ଉପସ୍ଥିତିରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ସରପଞ୍ଚ ସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ସମ୍ପାଦକ ପ୍ରିୟବ୍ରତ ଓଝା, ସରପଞ୍ଚ ସନ୍ତୋଷ ସେଠୀ, ସଂଗ୍ରାମ ବାରିକ, ରମେଶ ମଲିକ,ନରେଶ ମଲିକ, ସମିତି ସଭ୍ୟ ଅଭୟ ସ୍ୱାଇଁ, ବିଶ୍ୱରଞ୍ଜନ ଭୂୟାଁ ସୁବାଷ ବାରିକ ଓ ବରିଷ୍ଠ ନେତା ପଞ୍ଚାନନ ଧଳ ପ୍ରମୁଖ ପ୍ରତିନିଧି ଦଳରେ ସାମିଲ ହୋଇ ଆଲୋଚନା କରିଥିଲେ ।

# ଭାରତୀ ବିଦ୍ୟା ମନ୍ଦିରରେ ବିଜ୍ଞାନ ଓ ଚିତ୍ରକଳା ପ୍ରଦର୍ଶନୀ

**କେନ୍ଦ୍ରାପଡା, ୧୭।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଂଚଳ ସ୍ଥିତ ଭାରତୀ ବିଦ୍ୟା ମନ୍ଦିରରେ ବିଜ୍ଞାନମେଳା ଓ ଚିତ୍ରକଳା ପ୍ରଦର୍ଶନୀ ମହା ସମାରୋହ ରେ ପାଳିତ ହୋଇ ଯାଇଛି । ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦିପ କୁମାର ନାଥ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ଚିତ୍ରକଳା ପ୍ରଦର୍ଶନୀ ଆଦର୍ଶ ବିଦ୍ୟାଳୟ ର ଅଧ୍ୟକ୍ଷ ଶ୍ରୀଯୁକ୍ତ ବିଭୁ ପଦରାବିନ୍ଦ ଜେନା ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । ବିଦ୍ୟାଳୟର ପରିଷଦର ସଭାପତି ଅଶ୍ୱିନୀ କୁମାର ସାହୁ, ସଂପାଦକ ଶାନ୍ତି ସ୍ୱରୂପ ଭୂୟାଁ, ସଦସ୍ୟ ବବିନ କୁମାର ସେନାପତି, କମିଟିର ସଦସ୍ୟ ତାପସ କୁମାର ଲେଙ୍କା, ସାରଥୀ ଚନ୍ଦ୍ର କାନୁନଗୋ, ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟ ବିଜୟିନୀ ଦାସ, ବିଦ୍ୟାଳୟ ର ଗୁରୁଜୀ/ଗୁରୁମା ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରଦର୍ଶନୀ ରେ ୧୧୮ଟି ଚିତ୍ର ସ୍ଥାନ ପାଇଥିଲା । ଦେବାଶିଷ ନାୟକ, ମନୋଜ କୁମାର ଶତପଥୀ, ମନୋଜ କୁମାର ପଟ୍ଟନାୟକ, ଶୁଭଦର୍ଶିନୀ ପଣ୍ଡା, ଶୁଭକାନ୍ତ ମିଶ୍ର, ଦେବରାଜ ନାୟକ ବିଚାରକ ଭାବେ ଯୋଗ ଦେଇଥିଲେ । ଆ।ଚାର୍ଯ୍ୟ ଶ୍ରୀମତୀ ବିଜୟିନୀ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ, ଶ୍ରୀକାନ୍ତ ବେହେରା, ସମ୍ମାନିତ ଅତିଥି ଭାବେ ପୀତବାସ ପଣ୍ଡା ଯୋଗ ଦେଇଥିଲେ । ଶିଶୁ ଦିବସର ଆଭିମୁଖ୍ୟ ଏହା କିପରି ଶିଶୁ ମାନଙ୍କର ଗୁଣାବଳୀର ବିକାଶ ହୋଇପାରିବ ଏ ବିଷୟରେ ଆଲୋଚନା କରିଥିଲେ । ଆୟୋଜିତ ବିଜ୍ଞାନ ଓ ଚିତ୍ରକଳା ପ୍ରଦର୍ଶନୀରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରା ଯାଇଥିଲା । ଭାରତୀ ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମାଙ୍କ ସହ ପରିଚାଳନା କମିଟିର ସମସ୍ତ ସଦସ୍ୟ ମାନେ ସହଯୋଗ ମଧ୍ୟ କରିଥିଲେ ।

# ତୁଳସୀ କ୍ଷେତ୍ରରେ ହବିଷ୍ୟାଳି ବ୍ରତ ଉଦ୍‌ଯାପିତ




**କେନ୍ଦ୍ରାପଡ଼ା, ୧୭।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମ ପକ୍ଷରୁ ଆୟୋଜିତ ପୁରାଣ ପ୍ରସିଦ୍ଧ ତୁଳସୀ କ୍ଷେତ୍ରରେ କାର୍ତ୍ତିକ ପଞ୍ଚୁକ ହବିଷ୍ୟାଳି ବ୍ରତ ଉଦ୍‌ଯାପିତ ହୋଇଯାଇଛି । କେନ୍ଦ୍ରାପଡା ଜିଲ୍ଲା ଓ ଜିଲ୍ଲା ବାହାରୁ ୨ଶହରୁ ଉର୍ଦ୍ଧ୍ୱ ମହିଳା ଏଥିରେ ଯୋଗଦେଇ ହବିଷ୍ୟାଳୀ ବ୍ରତ କରିଥିଲେ। ଜିଲ୍ଲା ପ୍ରଶାସନ ଓ ଶ୍ରୀବଳଦେବଜୀଉ ମନ୍ଦିର ପ୍ରଶାସନ ସମେତ ବଳଦେବ ସେନାର ସଭାପତି ପୁପୁନ ସ୍ୱାଇଁ ଓ ତାଙ୍କ ସହଯୋଗୀମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଶ୍ରୀକ୍ଷେତ୍ର ପୁରୀକୁ ଯାଇପାରୁନଥିବା ମା' ମାନଙ୍କ ପାଇଁ ତୁଳସୀ କ୍ଷେତ୍ରରେ କାର୍ତ୍ତିକ ପଞ୍ଚୁକ ହବିଷ୍ୟାଳି ବ୍ରତର ଆୟୋଜନ କେନ୍ଦ୍ରାପଡା ଦିବ୍ୟଜୀବନ ସଂଘର ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଦୀର୍ଘ ୮ବର୍ଷଧରି ଆରମ୍ଭ କରିଛନ୍ତି । କେନ୍ଦ୍ରାପଡା ଆରାଧ୍ୟ ଦେବତା ଶ୍ରୀବଳଦେବଜୀଉଙ୍କ ପୀଠରେ ଏକ ଆଧ୍ୟାତ୍ମିକ ପରିବେଶ ଶ୍ରୀମା ସୃଷ୍ଟି କରିଛନ୍ତି । ପାଞ୍ଚ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ମନ୍ଦିର ଟ୍ରଷ୍ଟବୋର୍ଡର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ପ୍ରମୁଖ ଯୋଗ ଦେଇ ଶ୍ରୀମାଙ୍କ ଏଭଳି ଏକ ମହତ୍ୱ ଉଦ୍ୟମକୁ ପ୍ରଶଂସା କରିବା ସହିତ ହବିଷ୍ୟାଳୀ ମା' ମାନଙ୍କର ସୁସ୍ଥ ନିରାମୟ ଜୀବନ କାମନା କରିଥିଲେ। ଏହି ଅବସରରେ ଶ୍ରୀମାଙ୍କ ପକ୍ଷରୁ ହବିଷ୍ୟାଳୀ ମା'ମାନଙ୍କୁ ଶୀତବସ୍ତ୍ର କମ୍ବଳ ଅତିଥିମାନେ ବଣ୍ଟନ କରିଥିଲେ ।

# ମହିଳା ବସ କଣ୍ଡକ୍ଟରଙ୍କୁ ବଳାତ୍କାର ଅଭିଯୋଗ

**କେନ୍ଦ୍ରାପଡ଼ା, ୧୭।୧୧ (ସଂଚାର ବ୍ୟୁରୋ):** ବସଷ୍ଟାଣ୍ଡ ପରିସରରେ ଜଣେ ମହିଳା ବସ କଣ୍ଡକ୍ଟରଙ୍କୁ ବଳାତ୍କାର କରାଯାଇଛି ଏଭଳି ଘଟଣା ମହାକାଳପଡ଼ା ଥାନା ଅଧୀନରେ ଘଟିଥିବା ଅଭିଯୋଗ ହୋଇଛି । ଏ ନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ହେବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଏଥିସହ ମହିଳାଙ୍କ ଡାକ୍ତରୀମାଇନା କରାଯିବା ପାଇଁ ତାଙ୍କୁ ସ୍ଥାନୀୟ ଡାକ୍ତରଖାନା ପଠାଯାଇଛି । ଏଥିସହିତ ଅଭିଯୁକ୍ତ ଦିବ୍ୟଜ୍ୟୋତି ନାୟକଙ୍କୁ ମଧ୍ୟ ପୋଲିସ ଗିରଫ କରିଛି । ପୋଲିସର ସୂଚନା ଅନୁଯାୟୀ ମହିଳା ଜଣକ ପୂର୍ବରୁ ବିବାହିତ ଥିଲେ । ହେଲେ ଏବେ ସେ ସ୍ୱାମୀ ପରିତ୍ୟକ୍ତା । ତାଙ୍କୁ ବଳାତ୍କାର କରିଥିବା ଯୁବକ ଜଣକ ସେହି ବସଷ୍ଟାଣ୍ଡରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ । ଅଭିଯୁକ୍ତ ଦିବ୍ୟଜ୍ୟୋତିର ଘର କୁଦାନଗରୀ ଥାନା ଅନ୍ତର୍ଗତ ବଙ୍ଗାଳପୁର ଗ୍ରାମରେ ।

# ଚାଷୀଙ୍କୁ ସ୍ୱାବଲମ୍ବୀ କରିଛି କପା ଚାଷ

**କମ୍ ପରିଶ୍ରମ, ଅଧିକ ଲାଭ**



**ବ୍ରହ୍ମପୁର, ୧୭।୧୧ (ସଂଚାର ବ୍ୟୁରୋ) :** କପା ଚାଷ କରି ସ୍ୱାବଲମ୍ବୀ ହୋଇଛନ୍ତି ଚାଷୀ । ଅଳ୍ପ ପରିଶ୍ରରେ ଅଧିକ ଲାଭ ମିଳୁଥିବାରୁ କପା ଚାଷକୁ ମୁଖ୍ୟ ଚାଷ ଭାବେ ଚାଷୀ ମାନେ ଗ୍ରହଣ କରିଛନ୍ତି । ତା ସହ ଆଖପାଖ ଅଞ୍ଚଳରେ ଲୋକଙ୍କୁ ରୋଜଗାରର ପନ୍ଥା ବି ଦେଖାଇଛନ୍ତି। ଖେତରେ ଫୁଟିଥିବା ଧଳା ସୁନା ଅର୍ଥାତ୍ କପାକୁ ମନ ଖୁସିରେ ଚାଷୀମାନେ ତୋଳି ନେଉଛନ୍ତି । ବାସ୍ତବରେ ମଣିଷର ୪ଟି ଦରକାରୀ ଜିନିଷ ମଧ୍ୟରେ କପଡା ଅନ୍ୟତମ । ଯାହାକୁ ତିଆରି କରିବା ପାଇଁ କପା ବା ତୁଳା ନିହାତି ଆବଶ୍ୟକ ହୋଇଥାଏ। ଆଉ ଏହି କପା ଚାଷ କରି ସ୍ୱାବଲମ୍ବୀ ହୋଇଛନ୍ତି ଗଂଜାମ ଜିଲ୍ଲା ବଡଗଡ଼ ଅଞ୍ଚଳର ଅନେକ ଚାଷୀ ।

ସାଧାରଣତଃ ଏହି ଚାଷ କରିବା ପାଇଁ ଉପଯୁକ୍ତ ପାଣିପାଗର ଆବଶ୍ୟକତା ରହିଥାଏ। ପ୍ରଥମେ ବଜାରରୁ ଚାରା ଆଣି ଜମିରେ ମଞ୍ଜି ବୁଣା ଯାଇଥାଏ। ମାଟି ଯଦି ଭଲ ଥାଏ, ତାହାଲେ ବୁଣି ସାରିବାର ପ୍ରାୟ ୫ ଦିନ ଭିତରେ ଗଜା ହୋଇଥାଏ। ଆଉ ଗଜା ହେବାର ପ୍ରାୟ ୪ ମାସ ପରେ ଜମିରେ ଫୁଲ ଆସିବା ଆରମ୍ଭ ହୁଏ । କ୍ଷେତରୁ ସେହି ଫୁଲକୁ ତୋଳି ସାରି ପାଖା ପାଖି ୨ ରୁ ୩ ଦିନ ଶୁଖାଇବାକୁ ପଡ଼ିଥାଏ । ଶୁଖିଲା ପରେ ଏହାକୁ ବିକ୍ରି କରାଯାଇଥାଏ। ଏହି ଚାଷରେ କମ୍ ସମୟ ଦେବା ସହ ଅଳ୍ପ ପରିଶ୍ରମ କରିବାକୁ ପଡ଼ିଥାଏ । ଚଳିତ ବର୍ଷ କପା ଆଦାୟ ବଢ଼ି ଥିବାରୁ ଭଲ ରୋଜଗାର ହେବା ନେଇ ଚାଷୀ ଆଶା ରଖିଛନ୍ତି ।

ଗଞ୍ଜାମ ଜିଲ୍ଲାର ସୋରଡ଼ା, ବଡଗଡ଼ ଅଞ୍ଚଳର ଅନେକ ପଞ୍ଚାୟତରେ ଏହି କପା ଚାଷ ପ୍ରାୟ ୨୦୦ ଏକର ଜମିରେ କରାଯାଉଛି । ପୂର୍ବରୁ ସେହି ଅଞ୍ଚଳର ଚାଷୀ ମାନେ ପନି ପରିବା, ଡାଲି, ଜାତୀୟ ଫସଲ ଅଧିକ ଆଦାୟ କରୁଥିଲେ । କିନ୍ତୁ କପା ଚାଷରେ ଅଧିକ ଲାଭ ହେଉଥିବାରୁ ଏହାକୁ ମୁଖ୍ୟ ଚାଷ ଭାବେ ଚାଷୀ ମାନେ ଆପଣାଇଛନ୍ତି। ତା ସହ ଆଖ ପାଖ ଅଞ୍ଚଳର ଅନେକ ଲୋକେ ଦିନକୁ ଦୁଇ ଓଳା କାମ କରି ରୋଜଗାର ପାଇପାରିଛନ୍ତି। ଉତ୍ତମ ଧରଣର କପା କ୍ୟୁଣ୍ଟାଲ ପ୍ରତି ୬ରୁ ୭ ହଜାର ଟଙ୍କାରେ ବିକ୍ରି ହେଉଥିବା ବେଳେ ମଧ୍ୟମ ଧରଣର କପା ୪ ହଜାର ଟଙ୍କାରେ ବିକ୍ରି ହେଉଥିବା ଚାଷୀ କହିଛନ୍ତି । ପୂର୍ବରୁ ଏହାର ବିକ୍ରି ନିମନ୍ତେ ଉପଯପୁକ୍ତ ବଜାର ନଥିବାରୁ ସ୍ୱଳ୍ପ ଲାଭରେ ବାହାର ରାଜ୍ୟକୁ ବିକ୍ରି କରିବାକୁ ପଡୁଥିଲା । ବର୍ତ୍ତମାନ ସରକାର କପା ମଣ୍ଡିର ବ୍ୟବସ୍ଥା କରିଥିବାକୁ ଅଭାବୀ ବିକ୍ରି ସମସ୍ୟା ଦୂର ହୋଇଛି । ଫଳରେ ଏହାକୁ ସୁବିଧାରେ ବିକ୍ରି କରିପାରୁଥିବା ଚାଷୀ କହିଛନ୍ତି । ଜନସଂଖ୍ୟା ବୃଦ୍ଧି ହିସାବରେ କପଡା ଉତ୍ପାଦନ ସର୍ବାଧିକ ହୋଇଥାଏ। କପାକୁ ବସ୍ତ୍ରର କଞ୍ଚା ମାଲ ହିସାବରେ ଏବଂ ଏହାର ମଞ୍ଜିକୁ ତୈଳବୀଜ ଭାବରେ ମଧ୍ୟ ଗଣନା କରାଯାଏ। ଯାହାକୁ ଚାଷ କରି ସ୍ୱାବଲମ୍ବୀ ହୋଇଛନ୍ତି ଚାଷୀ ।

# ବାଇକ-ଟାଟାଏସି ମୁହାଁମୁହିଁ: ଜଣେ ମୃତ

**ନୟାଗଡ଼, ୧୭।୧୧ (ସଂଚାର ବ୍ୟୁରୋ):** ନୟାଗଡ଼ ଝୁମ୍ପୁରୀ ନିକଟରେ ବାଇକ-ଟାଟାଏସି ମୁହାଁମୁହିଁ ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ବାଇକ ଚାଳକ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହାତ ହୋଇଥିବା ଜଣାପଡିଛି । ମୃତ ବ୍ୟକ୍ତି ଜଣଙ୍କ ହରିହରପୁର ଗାଁର ବୋଲି ଜଣାପଡିଛି । ସୂଚନାନୁସାରେ, ନୟାଗଡ଼ ଟାଉନ ଥାନା ଅନ୍ତର୍ଗତ ଝୁମ୍ପୁରୀ ୫୭ନଂ ଜାତୀୟ ରାଜପଥ ଦେଇ ଯାଉଥିବା ଟାଟାଏସି ଗାଡ଼ି ନମ୍ବର (ଓଡି୦୨ଟି ୫୦୮୨) ଦଶପଲ୍ଲା ଅଭିମୁଖେ ଯାଉଥିବା ବେଳେ ବିପରିତ ଦିଗରୁ ହୋଣ୍ଡା ସାଇନ ଗାଡ଼ି ନମ୍ବର (ଓଡି ୨୫ଏଫ୍ ୩୪୨୩) ବାଇକ ଝୁମ୍ପୁରୀ ନିକଟରେ ଥିବା ପେଟ୍ରୋଲ ପମ୍ପ ସମ୍ମୁଖରେ ଧକ୍କା ଦେଇଥିଲା। ଘଟଣା।ସ୍ଥଳରେ ବାଇକ ଚାଳକର




ମୃତ୍ୟୁ ହୋଇଥିବା ବେଳେ ବାଇକ ପଛରେ ବସିଥିବା ବ୍ୟକ୍ତି ଗୁରୁତର ଆହାତ ହୋଇଥିବା ଜଣାପଡିଛି । ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୧୦୮ ଆମ୍ବୁଲାନ୍ସ ମାଧ୍ୟମରେ ମୃତ ବ୍ୟକ୍ତିଙ୍କ ମର ଶରୀର ଓ ଗୁରୁତର ଆହାତ ବ୍ୟକ୍ତିଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ମୃତକଙ୍କ ପରିଚୟ ମିଳିପାରିନାହିଁ । ତେବେ ଗୁରୁତର ଆହାତ ଥିବା ବ୍ୟକ୍ତି ଜଣଙ୍କ ଶରଣକୁଳ ଥାନା ହରିହରପୁର ଗାଁର ବୋଲି ବିଶେଷ ସୂତ୍ରରୁ ଜଣାପଡିଛି । ଟାଉନ ପୋଲିସ ଟାଟାଏସି ଗାଡ଼ି ଜବତ କରି ତଦନ୍ତ ଚଳାଇଥିବା ବେଳେ ଟାଟାଏସି ଚାଳକ ଫେରାର ହୋଇଥିବା ସୂଚନା ମିଳିଛି ।




## ସଡ଼କ ସୁରକ୍ଷାରେ ବାବୁଆଣୀଙ୍କ କେଁ

ପରିବହନ ଦପ୍ତରରେ ଥିବା ଜଣେ ବାବୁଆଣି ସଡକ ସୁରକ୍ଷାରେ କେଁ ପୂରାଉଥିବାରୁ ଦାୟିତ୍ୱରେ ଥିବା ବାବୁମାନେ ନାକେଦମ ହେଲେଣି। ଦୁର୍ଘଟଣା ରୋକିବାପାଇଁ ଯେତେସବୁ ଯୋଜନା ହେଉଛି ଏହି ବାବୁଆଣି ସେଥିରେ କେଁ ପୂରାଇ ଦେଉଛନ୍ତି। ଫାଇଲ୍ ତଳୁ ଉପର ପର୍ଯ୍ୟନ୍ତ ଘୂରି ବୁଲୁଛି। ଫଳରେ ଯେଉଁ ବରିଷ୍ଠ ଅଧିକାରୀମାନେ ସଡକ ସୁରକ୍ଷା ପାଇଁ ରାତି ଦିନ ଏକାଠି କରି ଯୋଜାନା ପ୍ରସ୍ତୁତ କରୁଥିଲେ ସେମାନେ ଏବେ ଆଉ ଏଥିରେ ମନ ଦେଉ ନାହାନ୍ତି। କେଉଁ ପୂରାଉଥିବା ଅଧିକାରିଣୀ ଜଣଙ୍କ ମଧୁର କଥା କହିବା ସହିତ ସ୍ମିତହାସ୍ୟ କରୁଛନ୍ତି। ସମସ୍ତେ ଭାବୁଛନ୍ତି ୟଙ୍କର କିଛି ଦୋଷ ନାହିଁ। ହେଲେ ଯୋଜନାର ଫାଇଲ କିନ୍ତୁ ବାବୁଆଣୀଙ୍କ ନିକଟରେ ଅଟକି ଯାଉଛି। ଏହା ଦେଖିଲା ପରେ ଏହି ବାବୁଆଣୀ ଜଣଙ୍କ କାହା ଆର୍ଶୀବାଦରେ ଏଭଳି କାର୍ଯ୍ୟ କରୁଛନ୍ତି ସେ ସଂକ୍ରାନ୍ତରେ ଏବେ ପରିବହନ ବାବୁମାନେ ଖୋଳତାଡ ଆରମ୍ଭ କରିଛନ୍ତି। ତେବେ ରାଜ୍ୟରେ ସଡକ ଦୁର୍ଘଟଣା ବଢି ବଢି ଚାଲୁଥିବାରୁ କେତେବେଳେ ଅଦାଲତି ଖଣ୍ଡା କାହା ମୁଣ୍ଡରେ ପଡିବ ସେଥିପାଇଁ ଏବେ ଅନେକଙ୍କ ନିଦ ହଜିବାରେ ଲାଗିଛି।




## ବିଜେଡି ଖାକିବାବୁ ଏବେ ବିଜେପିର ଗେହ୍ଲାପୁଅ

ରାଜଧାନୀର ଜଣେ ଖାକି ବାବୁ ରାତାରାତି ବିଜେପିର ଗେହ୍ଲାପୁଅ ପାଲଟି ଯାଇଛନ୍ତି। ଚାକିରି ଆରମ୍ଭରୁ ବାବୁ ରାଜଧାନୀରେ ଏ ଥାନାରୁ ସେ ଥାନା ଡିଆଁଡେଇଁ କରିବାପରେ ଏଠାରେ ପଦୋନ୍ନତି ପାଇଥିଲେ। ମଝିରେ ମଝିରେ ଲୋକଙ୍କ ନଜର ହଟାଇବାପାଇଁ ମୁଖ୍ୟଦପ୍ତର ଆଡେ ଘେରାଏ ବଦଳି ହୋଇଯାଉଥିଲେ। ହେଲେ ରାଜଧାନୀ ଛାଡୁନଥିଲେ। ବାବୁଙ୍କ ଉପରେ ବିଜେଡି ନେତାଙ୍କର ଆର୍ଶୀବାଦ ଥିଲା। ବାବୁ ବିଜେଡିକୁ ସାହାଯ୍ୟ କରିବାପାଇଁ ନିଜ ଥାନା କଡରେ ଘରଟିଏ କରି ସମାନ୍ତରାଳ ପାର୍ଟି କାର୍ଯ୍ୟ ବି ଚଳାଇଥିଲେ। ତେଣୁ ବାବୁଙ୍କ ଉପରେ ସଭିଏ ଖୁସ୍ ଥିଲେ। ସରକାର ବଦଳିବା ପରେ ସମସ୍ତେ ଭାବିଥିଲେ ଏଥର ବାବୁ ତଡିପାର ହେବେ। ହେଲେ ବାବୁ କିନ୍ତୁ ନିଜ କାମରେ ଲାଗିପଡିଲେ। ରାମମନ୍ଦିର ଆଡେ ଚକ୍କର କାଟିଲେ। ସଫଳ ବି ହେଲେ। ଏବେ ତାଙ୍କର ବଦଳି ହୋଇଛି। ହେଲେ ରାଜଧାନୀ ଛାଡି ନାହାନ୍ତି। ଏଇଠି ଆଡଜଷ୍ଟ ହୋଇଯାଇଛି। ଏବେ କହି ବୁଲିଲେଣି, ମୁଁ ଗେରୁଆ ହୋଇଗଲି, ଏବେ ଚାକିରି ସରିବାଯାଏ ରାଜଧାନୀ ସୁଖ। ତେବେ ବାବୁ ଗେରୁଆପାର୍ଟି ପାଇଁ କେଉଁଠି ଅଫିସ ଖୋଲୁଛନ୍ତି ତାହା ଉପରେ ଏବେ ସମସ୍ତଙ୍କ ନଜର।



## ଅଳିଆ ପ୍ରକ୍ରିୟାକରଣ କେନ୍ଦ୍ର ଏବେ ପର୍ଯ୍ୟଟନ ସ୍ଥାନ



ରାଜଧାନୀରୁ ଘରକୁ ଘର ବୁଲି ସଂଗ୍ରହ ହେଉଥିବା ଅଳିଆଗୁଡିକ ଯେଉଁସବୁ କେନ୍ଦ୍ରରେ ପ୍ରକିୟାକରଣ ହେଉଛି ତାହା ପର୍ଯ୍ୟଟନ କେନ୍ଦ୍ର ପାଲଟିଛି। ଏହି କେନ୍ଦ୍ର ପ୍ରତିଷ୍ଠାରେ ମୁଖ୍ୟ ନାୟକ ଥିବା ପୂର୍ବତନ ସଚିବଙ୍କ ଦୟାରୁ ଅନ୍ୟ ରାଜ୍ୟର ବାବୁ ବାବୁଆଣୀମାନେ ଏହି କେନ୍ଦ୍ର ବୁଲୁଛନ୍ତି। ପୂର୍ବତନ ସଚିବ ଏବେ ନବାଗତ ଆଇଏଏସମାନଙ୍କ ତାଲିମ ଦାୟିତ୍ୱରେ ଅଛନ୍ତି। ତେଣୁ ଅନ୍ୟ ରାଜ୍ୟରୁ ଆସୁଥିବା ଯୁବ ଆଇଏଏସ୍‌ମାନଙ୍କୁ ନିଜର ଏହି ଅଳିଆ କେନ୍ଦ୍ରକୁ ବୁଲାଇ ନେଉଛନ୍ତି। ଇଚ୍ଛା ନଥିଲେ ଭୟରେ ସେମାନେ ଯାଉଛନ୍ତି। ନିକଟରେ କିଛି ଯୁବ ଅଫିସର ଅଳିଆ କେନ୍ଦ୍ରକୁ ଯାଇଥିଲେ। ହେଲେ ନାକରେ ଦୁର୍ଗନ୍ଧ ବାଜିବାରୁ ଗାଡିରୁ ଓହ୍ଲାଇଲେ ନାହିଁ। ଜଣେ ନବାଗତା ଅଧିକାରୀ ମୁହଁରେ ରୁମାଲ ଦେଇ ଗାଡିରୁ ଓହ୍ଲାଇଲେ। ହେଲେ ଗନ୍ଧ ସମ୍ଭାଳି ନପାରି ବାନ୍ତି କରିପକେଇଲେ। ତାଙ୍କୁ ଦେଖି ଅନ୍ୟମାନେ ଭୟରେ ତୁରନ୍ତ ସ୍ଥାନ ଛାଡି ପଳାଇ ଆସିଲେ। ହେଲେ ବାବୁ କିନ୍ତୁ ଅଳିଆ କେନ୍ଦ୍ର ବୁଲାଇଥିବାରୁ ଗର୍ବରେ ଫାଟି ପଡୁଥିଲେ।

## ଆରମ୍ଭରୁ ଦେଢ ଲକ୍ଷ ଟଙ୍କିଆ ଭ୍ୟାନିଟି

ଚାକିରି ହୋଇନାହିଁ। ତାଲିମରେ ଅଛନ୍ତି। ହେଲେ ତାଲିମ ନେବାକୁ ଆସିଲା ବେଳେ ଗୋଟିଏ ବିଦେଶୀ କମ୍ପାନୀର ଦେଢ ଲକ୍ଷ ଟଙ୍କିଆ ବ୍ୟାଗ୍ କାନ୍ଧରେ ପକାଇ ଆସୁଛନ୍ତି। କାଳେ କିଏ ଦେଖି ନପାରିବ ସେଥିପାଇଁ ସମସ୍ତଙ୍କ ଆଗରେ ବ୍ୟାଗକୁ ହଲାଇ ହଲାଇ ଚାଲୁଛନ୍ତି। ଯେଉଁଠି ଛିଡା ହେଉଛନ୍ତି ସେଠାରେ ବ୍ୟାଗର ଦର ନେଇ ଆଲୋଚନା କରୁଛନ୍ତି। ଚାକିରି ଆରମ୍ଭ ହେଲେ କିଭଳି ବିଦେଶ ଯାଇ ଏଭଳି ଆଉ ଦୁଇ ତିନିଟି ଆଣିବେ ଯୋଜନା କରୁଛନ୍ତି। ଏହି ତାଲିମଧାରୀମାନେ ଏବେ ଗୋପବନ୍ଧୁ ଏକାଡେମୀକୁ ଆସିଛନ୍ତି। ତେବେ ଏମାନଙ୍କର ମନ ତାଲିମରେ ମାନୁନାହିଁ। କିଏ କେତେ ନିଜକୁ ପ୍ରଦର୍ଶନ କରିବ ସେଥିପାଇଁ ପ୍ରତିଯୋଗିତା ଚାଲିଛି। ସବୁଠାରୁ ବଡ କଥା ହେଉଛି ଆରମ୍ଭରୁ ଏଭଳି ମତି ଗତି ଦେଖି ସେମାନଙ୍କୁ ସାବାଡ କରିବାକୁ କର୍ତ୍ତୃପକ୍ଷ ଯୋଜନା କରିଥିଲେ। ହେଲେ ଏମାନଙ୍କ ମଧ୍ୟରେ ଜଣେ ଦୁଇଜଣ ନିଜର ବନ୍ଧୁପୁତ୍ରୀ ଥିବାରୁ କାହାକୁ କ'ଣ କହିବେ ଜାଣିପାରୁ ନାହାନ୍ତି। ତେବେ ତାଲିମ ସମୟରେ ଦେଢ ଲକ୍ଷ ଟଙ୍କିଆ ବ୍ୟାଗ୍ ଧରୁଥିବା ଏହି ଅଫିସରମାନେ ଚାକିରି ପାଇଲା ପରେ କ'ଣ କରିବେ ତାହାକୁ ନେଇ ଏବେ ଗୋପବନ୍ଧୁ ଭବନରେ ଜୋରଦାର ଚର୍ଚ୍ଚା ଚାଲିଛି। ତେବେ ତାଲିମଧାରୀମାନେ କିନ୍ତୁ କାହାରିକୁ ଖାତିର କରୁନାହାନ୍ତି।



## ଟିଭି ପାଇଁ ନାଚ ଗୀତ ହୋଇପାରିଲାନି



ଗତ ସପ୍ତାହରେ ଆମେ ଲେଖିଥିଲୁ ଜଣେ ଶକ୍ତିମାନ ବାବୁ କିଭଳି ରାଜଧାନୀର ଗୋଟିଏ ପ୍ରତିଷ୍ଠିତ ଦୋକାନରୁ ବଡ ଟିଭି ଓ ଦୁଇ ଫାଳିଆ ଫ୍ରିଜ କିଣି ହଟହଟା ହୋଇଥିଲେ। ଏଥିପାଇଁ ତାଙ୍କ ଘରେ ମହାଭାରତ ହୋଇଥିଲା। ଏବେ ସୂଚନା ମିଳିଛି ସେହି ଟିଭି ଓ ଫ୍ରିଜ୍ ପାଇଁ ବାବୁଙ୍କ ଦପ୍ତରରେ ଏବର୍ଷର ନାଚଗୀତ କାର୍ଯ୍ୟକ୍ରମ ଫିକା ପଡି ଯାଇଛି। କେବଳ ଦୀପଦାନ ଓ ଭୋଜିଭାତରେ ଏହା ସରିଛି। ଆଲୋଚନା ହେଉଛି ଯେ ଟିଭି ଓ ଫ୍ରିଜ୍ କିଣା ଖବର ଉଡି ବୁଲିବାପରେ ଏହାକୁ ପାଇଥିବା ବାବୁ କୁଆଡେ ରାଗି ପଞ୍ଚମ ହୋଇଥିଲେ। ତାଙ୍କ ରାଗ ଆଗରେ ଶକ୍ତି ଉତ୍ପାଦନ ସଂସ୍ଥାର ଶକ୍ତିମାନ ବାବୁ ବି ତୁନି ପଡିଯାଇଥିଲେ। ଉପହାର ପାଇଥିବା ବାବୁ ତାଗିଦା କରିଥିଲେ ସବୁ କଥା ବାହାରକୁ ଯାଉଛି ତେଣୁ ଏଥର ଆଉ ଯେମିତି ବାର୍ଷିକ ଉତ୍ସବଟି ପୂର୍ବଭଳି ହୋଟେଲରେ ନାଚଗୀତ କରି ବଦନାମ ନହୁଅ। ସହଜେ ତ ସଂସ୍ଥାର ଲାଭ ଅଧା ହୋଇଯାଇଛି। ତେଣୁ ବାବୁମାନେ କାନମୁଣ୍ଡା ଆଉଁଷି ଯଥାସମ୍ଭବ ନିରାଡମ୍ବର ଉତ୍ସବ ପାଳନ କରିଛନ୍ତି। ଏବେ ଦପ୍ତର ସାରା କର୍ମଚାରୀ ଟିଭି କିଣା ବାବୁଙ୍କ ଗାଳି ଦେଉଥିବାବେଳେ ବଡ ହାକିମ କିନ୍ତୁ ଠିକା ଚାକିରି ଭୟରେ ପାଟି ଖୋଲୁ ନାହାନ୍ତି।

## ବିଧାୟକଙ୍କ ବାଦାମବାଡି ଇଂରାଜୀ



ବିଧାୟକଙ୍କର ରହିଛି ଇଂଜିନିୟରିଂ ଡିଗ୍ରୀ। ପଢିଛନ୍ତି ରେଭେନ୍ସାରେ। ହେଲେ ୧୪ଟି ଦେଶର ପ୍ରତିନିଧିଙ୍କ ଆଗରେ ଐତିହାସିକ ବାଲିଯାତ୍ରା ପଡିଆରେ ଯେଉଁ ଇଂରାଜୀ ଭାଷଣ ଦେଲେ ତାକୁ ଶୁଣିବାପରେ ଅନେକ କଟକିଆ ଏହାକୁ ବାଦାମବାଡି ଇଂରାଜୀ ବୋଲି କହୁଛନ୍ତି। ଏ ସଂକ୍ରାନ୍ତରେ ଆମେ ଜଣେ କଟକିଆଙ୍କୁ ପଚାରିବାରୁ ସିଏ କହିଲେ, ଆଗରୁ ବାଦାମବାଡି ବସ୍‌ଷ୍ଟାଣ୍ଡକୁ ରାଜ୍ୟର ବିଭିନ୍ନ ସ୍ଥାନରୁ ଲୋକେ ଆସୁଥିଲେ। ସେମାନଙ୍କର ଭାଷା ଅଲଗା ଅଲଗା ଥିଲା। ତେଣୁ ସେମାନଙ୍କୁ ନିଜ ଗାଡିରେ ବସାଇବାପାଇଁ ହକରମାନେ ଗୋଟିଏ ନିଜସ୍ୱ ଭାଷା ସୃଷ୍ଟି କରିଥିଲେ। ସେ ଭାଷାକୁ ଯିଏ ଶୁଣିବ ତାକୁ ନିଜ ଭାଷା ଭଳି ଲାଗିବ। ଏହି ଭାଷାର ନାଁ ଦେଇଥବଲେ ବାଦାମବାଡି ଭାଷା। ଏବେ କଟକ ସଦର ବିଧାୟକ ଠିକ୍ ସେହିଭଳି ଭାଷା କହିଛନ୍ତି। ୧୪ଟି ଦେଶର ରାଷ୍ଟ୍ରଦୂତ ଯିଏ ଶୁଣୁଛନ୍ତି ତାଙ୍କୁ ନିଜ ଭାଷା ଭଳି ଲାଗୁଛି। ସହଜେତ ସେଥିରେ ଓଡିଆ ପଞ୍ଚ୍ ହୋଇଛି। ଓଡିଆ ବି ତାକୁ ନିଜ ଭାଷା ବୋଲି ଭାବୁଛନ୍ତି। ହେଲେ କିଛି କଟକିଆ ରେଭେନ୍ସା ପାଠୁଆ ଏହାକୁ ବାଦାମବାଡି ଇଂରାଜୀ ବୋଲି କହିବୁଲୁଛନ୍ତି। ସେଥିରେ କିନ୍ତୁ ବିଧାୟକ ଇଂଜିନିୟର ପ୍ରକାଶ ସେଠୀଙ୍କର କିଛି ଯାଏ ଆସେ ନାହିଁ। ଯେମିତି ବି ହଉ ନିଜର ଗୁଡିଏ ପ୍ରଚାର ମାଗଣାରେ ହୋଇଗଲା।

# ଯୁବ କ୍ରୀଡ଼ାବିତ୍‌ଙ୍କ ପାଇଁ ପ୍ରେରଣା ଓଡ଼ିଶା ହକି ଟିମ୍




**ଭୁବନେଶ୍ୱର,୧୭।୧୧ (ସଂଚାର ବ୍ୟୁରୋ):** ୧୪ତମ ହକି ଇଣ୍ଡିଆ ସିନିୟର ପୁରୁଷ ଜାତୀୟ ଚମ୍ପିଆନସିପରେ ପ୍ରଥମ ଥର ପାଇଁ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଓଡ଼ିଶା ହକି ଦଳକୁ ଭୁବନେଶ୍ୱର ବିମାନବନ୍ଦରରେ କ୍ରୀଡା ବିଭାଗ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଚେନ୍ନାଇର ମେୟର ରାଧାକ୍ରିଷ୍ଣନନ ହକି ଷ୍ଟାଡିୟମଠାରେ ଅନୁଷ୍ଠିତ ମ୍ୟାଚରେ ହରିୟାଣାକୁ ପରାସ୍ତ କରି ଓଡ଼ିଶା ଟିମ୍ ଐତିହାସିକ ବିଜୟ ହାସଲ କରିଛି।

ରବିବାର କଳିଙ୍ଗ ଷ୍ଟାଡିୟମରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତିରେ ବିଜୟୀ ଖେଳାଳିଙ୍କୁ କ୍ରୀଡା ବିଭାଗ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ଏହା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଟିମ ଓଡ଼ିଶାର ଏହି ବିଜୟ ଆଗାମୀ ଦିନରେ ରାଜ୍ୟର ଯୁବ କ୍ରୀଡ଼ାବିତମାନଙ୍କୁ ପ୍ରେରଣା ଯୋଗାଇବ। ପୂର୍ବତନ ହକି ଷ୍ଟାର ଦୀଲିପ ତିର୍କୀ କହିଛନ୍ତି, ଓଡିଶା ଦଳ ବିଜୟୀ ହୋଇ ଆମ ସ୍ୱପ୍ନ ସାକାର କରିଛି। ଓଡ଼ିଶା ଖେଳାଳିଙ୍କ ପାଖରେ ଦକ୍ଷତା ରହିଛି । ସେମାନେ ଭଲ ଟିମକୁ ହରାଇଛନ୍ତି। ଖେଳାଳି ଶିଲାନନ୍ଦ ଲାକ୍ରା କହିଛନ୍ତି, ଆମେ ଯେଉଁ ସ୍ୱପ୍ନ ଦେଖିଥିଲୁ ତାହା ସାକାର ହୋଇଛି। ସୂଚନାଯୋଗ୍ୟ, ଟିମ୍ ଓଡ଼ିଶା ୫-୧ ଗୋଲରେ ଟିମ ହରିୟାଣାକୁ ପରାସ୍ତ କରିଛି। ଶିଲାନନ୍ଦ ଲାକ୍ରା ଓଡ଼ିଶା ପାଇଁ ହ୍ୟାଟ୍ରିକ ଗୋଲ କରିଥିବାବେଳେ ରଜତ ଆକାଶ ତିର୍କୀ ଓ ପ୍ରତାପ ଲାକ୍ରା ଗୋଟିଏ ଗୋଟିଏ ଗୋଲ କରିଥିଲେ। ଶିଲାନନ୍ଦ ଲାକ୍ରାଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ଭାବେ ଘୋଷଣା କରାଯାଇଛି।

### ଶରଧାପୁରରେ ରାଜନୈତିକ ହିଂସା

## ସରପଞ୍ଚଙ୍କ ସ୍ୱାମୀଙ୍କୁ ହାଣିଲେ ସମିତି ସଭ୍ୟ

**ନୟାଗଡ଼,୧୭।୧୧ (ସଂଚାର ବ୍ୟୁରୋ):** ରାଜନୈତିକ ହିଂସାକାଣ୍ଡର ଚରମ ପରିଣତି ଦେଖିବାକୁ ମିଳିଛି ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅଞ୍ଚଳରେ। ସରପଞ୍ଚଙ୍କ ସ୍ୱାମୀଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି ସମିତି ସଭ୍ୟ। ଉଭୟଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇ ଭୁବନେଶ୍ୱରରେ ଏକ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଛି। ପୁଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ଇଟାମାଟି ଥାନା ଶରଧାପୁର ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚଙ୍କ ସ୍ୱାମୀ ସନ୍ତୋଷ କୁମାର ମୁଦୁଲି ଓ ସେହି ପଞ୍ଚାୟତର ବିଜେପି ସମର୍ଥିତ ସମିତି ସଭ୍ୟ ସୁଜିତ କୁମାର ପ୍ରଧାନଙ୍କ ମଧ୍ୟରେ ରାଜନୈତିକ ଶତ୍ରୁତା ଲାଗି ରହିଥିଲା। ଉଭୟଙ୍କ ଘର ଲଗାଲଗି। ଆଜି ସେହି ଶତ୍ରୁତା ଉଗ୍ର ରୂପ ଧାରଣ କରିଥିଲା। ସନ୍ତୋଷ ମୁଦୁଲି ତାଙ୍କ ଘର ପଛପଟେ ଠିଆ ହୋଇଥିବା ବେଳେ ସମିତି ସଭ୍ୟ ସୁଜିତ ପ୍ରଧାନ ଓ ତାଙ୍କର ୪/୫ ଜଣ ସମର୍ଥକ ଖଣ୍ଡା ଓ ଠେଙ୍ଗାରେ ଆକ୍ରମଣ କରିଥିଲେ। ସନ୍ତୋଷଙ୍କ ପରିବାର ଲୋକ ପାଟିଶୁଣି ପହଞ୍ଚିବାରୁ ଉଭୟ ପକ୍ଷ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଆକ୍ରମଣ ଓ ପ୍ରତିଆକ୍ରମଣରେ ଉଭୟ ରକ୍ତାକ୍ତ ହୋଇଥିଲେ। ଗାଁ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସନ୍ତୋଷଙ୍କ ମୁଣ୍ଡରେ ୧୫ଟି ଷ୍ଟିଚ ପଡ଼ିଛି। ଉଭୟଙ୍କୁ ଭୁବେନେଶ୍ୱର ସ୍ଥାନାନ୍ତର କରାଯାଇଛି। ଘରୋଇ ଆମ୍ବୁଲାନ୍ସରେ ସନ୍ତୋଷଙ୍କୁ ନିଆଯାଇଥିଲା। ବିଧାୟକ ଡ. ଅରୁଣ ସାହୁ ହସ୍ପିଟାଲରେ ପହଞ୍ଚି ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଛନ୍ତି।

## ପୁଲିସ୍ କବ୍‌ଜାରେ ୨ ଚେନ୍ ଲୁଟେରା

**ଭୁବନେଶ୍ୱର, ୧୭।୧୧ (ସଂଚାର ବ୍ୟୁରୋ):** ରାଜଧାନୀରେ ଚେନ୍ ଲୁଟ୍ କମିଶନରେଟ୍ ପୁଲିସର ମୁଣ୍ଡ ବିନ୍ଧାର କାରଣ ହୋଇଛି। ପ୍ରତିଦିନ ମହିଳାଙ୍କ ବେକରୁ ଚେନଲୁଟ ପୁଲିସ୍‌ର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୁଇ କୁଖ୍ୟାତ ଚେନ୍ ଲୁଟେରାଙ୍କୁ ଧରିବାରେ ସଫଳ ହୋଇଛି ଚନ୍ଦ୍ରଶେଖରପୁର ପୁଲିସ୍। ଏକ ଚେନ୍ ଚୋରି ଘଟଣାରେ ଅଭିଯୁକ୍ତ ପ୍ରଫୁଲ୍ଲ ଓ ତାଙ୍କର ସହଯୋଗୀ ଫିରୋଜଙ୍କୁ ଚନ୍ଦ୍ରଶେଖରପୁର ପୁଲିସ୍ ଗିରଫ କରିଛି। ପୁଲିସ୍ ପ୍ରଥମେ ଫିରୋଜକୁ ଗିରଫ କରିଥିବା ବେଳେ ପ୍ରଫୁଲ୍ଲ ଫେରାର ଥିଲା। ଯାହାକୁ ପୁଲିସ୍ ଶେଷରେ ଗିରଫ କରିଛି।

### ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବ

# ପୁରସ୍କୃତ ହେଲେ ଅନନ୍ତ, ଶ୍ରୀନିବାସ ଓ ଜୟୀ



**ଭୁବନେଶ୍ୱର,୧୭।୧୧ (ସଂଚାର ବ୍ୟୁରୋ):** ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ୩୩ ବର୍ଗରେ ୨୦୨୦, ୨୦୨୧ ଓ ୨୦୨୨ ବର୍ଷ ପାଇଁ ପ୍ରଦାନ କରାଯାଇଛି ପୁରସ୍କାର। ଅନନ୍ତ ମହାପାତ୍ର, ଶ୍ରୀନିବାସ ମହାପାତ୍ର, ଜୟୀଙ୍କୁ ଦିଆଗଲା 'ମୋହନସୁନ୍ଦର ଦେବ ଗୋସ୍ୱାମୀ ପୁରସ୍କାର'। ଶ୍ରେଷ୍ଠ ଫିଲ୍ମ ଭାବେ ୨୦୨୦ ପାଇଁ ସହିଦ ରଘୁ ସର୍ଦ୍ଦାର, ୨୦୨୧ ପାଇଁ ପ୍ରତୀକ୍ଷା ଓ ଡାଲ୍‌ଚିନି ଏବଂ ୨୦୨୨ ବର୍ଷ ପାଇଁ ଦମନ ପୁରସ୍କୃତ ହୋଇଛି।

ଆଜିର ପୁରସ୍କାର ବିତରଣ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ରାଜ୍ୟପାଳ ରଘୁବର ଦାସ। ଏଥିସହ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ୨୦୨୦ ବର୍ଷ ପାଇଁ ଶ୍ରେଷ୍ଠ ଅଭିନେତା ଭାବରେ ଚଳଚ୍ଚିତ୍ର 'ରଘୁ ସର୍ଦ୍ଦାର' ପାଇଁ ଦେବାଶିଷ ପାତ୍ର ଓ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ କାବ୍ୟା କିରଣ ଶୁକ୍ଳା ପୁରସ୍କୃତ ହୋଇଛନ୍ତି।

ସେହିପରି ୨୦୨୧ ବର୍ଷ ପାଇଁ ଶ୍ରେଷ୍ଠ ଅଭିନେତା ଭାବରେ 'ପ୍ରତୀକ୍ଷା' ଚଳଚ୍ଚିତ୍ର ପାଇଁ ଦୀପନ୍ୱିତ ଦାସ ମହାପାତ୍ର ଓ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ 'ଡାଲଚିନି' ଚଳଚ୍ଚିତ୍ର ପାଇଁ ସୂର୍ଯ୍ୟମୟୀ ମହାପାତ୍ରଙ୍କୁ ପୁରସ୍କୃତ କରାଯାଇଛି। ୨୦୨୨ ବର୍ଷ ପାଇଁ ଚଳଚ୍ଚିତ୍ର 'ଦମନ' ପାଇଁ ଶ୍ରେଷ୍ଠ ଅଭିନେତା ଭାବରେ ବାବୁଶାନ୍ ମହାନ୍ତି ଓ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ଲୋପାମୁଦ୍ରା ମିଶ୍ରଙ୍କୁ 'ବୋଉର ହାତ ବାକ୍ସ' ପାଇଁ ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ଗ୍ରହଣ ଅବସରରେ ଶୁଣିବାକୁ ମିଳିଥିଲା ହାସ୍ୟ ସମ୍ରାଟ୍ ଜୟୀଙ୍କ ସିଗ୍ନେଚର ଡାଇଲଗ୍ ଓ ଚିରପରିଚିତ ହସ।

## ଓଲଟିଲା ଭ୍ୟାନ୍,ମହିଳା ମୃତ

**ମୋହନା,୧୭।୧୧(ସଂଚାର ବ୍ୟୁରୋ):** ଗୁପ୍ତେଶ୍ୱର ଯିବାବେଳେ ଓଲଟିଲା ଟୁରିଷ୍ଟ ଭ୍ୟାନ୍ । ଗଜପତି ଜିଲ୍ଲା ମୋହନା ଥାନା କେନ୍ଦୁଘାଟିରେ ଏହି ଦୁର୍ଘଟଣା ଘଟି ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ୧୩ ଜଣ ଆହତ ହୋଇଛନ୍ତି । ମୃତକ ଭୁବନେଶ୍ୱରର ସରୋଜିନୀ ବେହେରା। ଗୋଟିଏ ପରିବାରର ୧୩ ସଦସ୍ୟ ଗତ ରାତିରେ ଭୁବନେଶ୍ୱର ଓ ନୟାଗଡ଼ରୁ ଏକ ଭ୍ୟାନ୍ ଯୋଗେ ଗୁପ୍ତେଶ୍ୱର ବାହାରିଥିଲେ। ଭୋର ସମୟରେ ଗାଡ଼ିଟି ଗଜପତି ଜିଲ୍ଲା ମୋହନା ଥାନା ରାମଗଡ଼ ନିକଟସ୍ଥ କେନ୍ଦୁଘାଟି ଅତିକ୍ରମ କରୁଥିବା ବେଳେ ବୁଲାଣିରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ସରୋଜିନୀଙ୍କ ମୃତ୍ୟୁ ହୋଇଥିବା ବେଳେ ୧୩ ଜଣ ଆହତ ହୋଇଛନ୍ତି। ପୁଲିସ୍ ପହଞ୍ଚି ଆହତଙ୍କୁ ପ୍ରଥମେ ମୋହନା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଦୁଇ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ଏମକେସିଜିକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଭ୍ୟାନ୍ ଡ୍ରାଇଭର ଫେରାର ହୋଇ ଯାଇଛି।

## ଡମ୍ପିଂୟାର୍ଡରେ ସ୍କୁଲ ୟୁନିଫର୍ମ

**ଜୟପୁର, ୧୭।୧୧(ସଂଚାର ବ୍ୟୁରୋ):** ଛୋଟ ଛୋଟ ପିଲାଙ୍କୁ ସ୍କୁଲମୁହାଁ କରିବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ରାଜ୍ୟ ସରକାର। ସେମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରିବାଠୁ ଆରମ୍ଭ କରି ୟୁନିଫର୍ମ ଡ୍ରେସ ଓ ଜୋତା ବି ଯୋଗାଇ ଦେଉଛନ୍ତି। ମାତ୍ର ଏହି ଡ୍ରେସ୍ ଓ ଜୋତା ପିଲାଙ୍କୁ ମିଳିବା ପରିବର୍ତ୍ତେ ଯାଉଛି ଡମ୍ପିଂୟାର୍ଡ । ଏପରି ଏକ ଅଭାବନୀୟ ଘଟଣା କୋରାପୁଟ ଜିଲ୍ଲା ବୈପାରିଗୁଡାରେ ଦେଖିବାକୁ ମିଳିଛି। କୋରାପୁଟ ଜିଲ୍ଲା ବୈପାରିଗୁଡାରୁ ୨ କିମି ଦୂର ଏକ ଡମ୍ପିଂୟାର୍ଡରେ ସ୍କୁଲ ଓ ଅଙ୍ଗନୱାଡ଼ି ପିଲାଙ୍କ ଲଧାଧିକ ଟଙ୍କାର ପୋଷାକ ପଡ଼ିଥିବା ଦେଖିଥିବା ଦେଖିବାକୁ ମିଳିଛି। ତେବେ ପିଲାଙ୍କ ମଧ୍ୟରେ ବାଣ୍ଟିବା ପରିବର୍ତ୍ତେ କିଏ ଓ କାହିଁକି ଏସବୁ ଫିଙ୍ଗିଛି ସେଥିରେ 'ଗଢିବୁ ନୂଆ ଓଡ଼ିଶା' ଲୋଗୋ ମଧ୍ୟ ଲାଗିଛି। ସରକାରଙ୍କ ତରଫରୁ ଲକ୍ଷାଧିକ ଟଙ୍କାର ଡ୍ରେସ୍ ଓ ଜୋତା ସ୍କୁଲକୁ ପଠାଯାଉଛି। ଅଥଚ ତାହାକୁ ପିଲାଙ୍କ ମଧ୍ୟରେ ନ ବାଣ୍ଟି କିଏ ଏଭଳି କାମ କରିଛି ସେନେଇ ତଦନ୍ତ କରିବାକୁ ଦାବି ହୋଇଛି। ଅନ୍ୟପଟେ ଜିଲ୍ଲା ଭିତରର କେହି ଏହାକୁ ଫୋପାଡ଼ିଛି ନା ଅନ୍ୟ କେଉଁ ଜିଲ୍ଲାରୁ ଆସି କିଏ ଏସବୁ ପକାଇଛି ସେନେଇ ମଧ୍ୟ ସନ୍ଦେହ ଲାଗି ରହିଛି । ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ଜୋତା ଏବଂ ୟୁନିଫର୍ମ ବଣ୍ଟନ ପରିବର୍ତ୍ତେ ଏପରି ଫିଙ୍ଗିବାର କାରଣ କ'ଣ? ପିଲାଙ୍କ ପାଇଁ ଆସିଥିବା ଏସବୁ ପୋଷାକ ଏବଂ ଜୋତା ପିଲାଙ୍କୁ ଦିଆନଯାଇ କାହିଁକି ଭଳି ଅବସ୍ଥାରେ ପଡିରହିଛି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କିଏ ଏଭଳି କାମ କରିଛି ସେନେଇ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି। ଏନେଇ ପ୍ରଶାସନ ତରଫରୁ କୌଣସି ପ୍ରତିକ୍ରିୟା ମିଳିନାହିଁ।

# ମଧୁବାବୁଙ୍କୁ ବି ଛାଡ଼ିଲେନି ଜବରଦଖଲକାରୀ

**ଭୁବନେଶ୍ୱର, ୧୭।୧୧:** ଶ୍ରୀମନ୍ଦିର ଠାରୁ ଆରମ୍ଭକରି ବହୁ ଧର୍ମାନୁଷ୍ଠାନରେ ହଜାର ହଜାର ଏକର ଜମି ଜବରଦଖଲକାରୀମାନେ କବଜା କରି ରଖିବାଭଳି ଉତ୍କଳ ଗୌରବ ମଦୁସୂଦନ ଦାସଙ୍କ ଠାରୁ ଓଡିଆ ବର୍ଣ୍ଣବୋଧର ସ୍ରଷ୍ଟା ମଧୁସୂଦନ ରାଓଙ୍କ ପର୍ଯ୍ୟନ୍ତ ଅନେକ ବରପୁତ୍ରଙ୍କ ଭୂସମ୍ପତ୍ତି ମଧ୍ୟ ଆମ ରାଜ୍ୟରେ ହଡପ ହେବାର ନଜିର ରହିଛି।

ମଧୁସୂଦନ ରାଓଙ୍କର ଏକର ଏକର ଭୂସମ୍ପତ୍ତି ଜାଲିଆତି କରି ଲୁଟିନେବା ପରେ ତାଙ୍କ ଉତ୍ତରଦାୟଦମାନେ ଏ ପ୍ରସଙ୍ଗରେ ଆଇନ୍ ଅଦାଲତରେ ଲଢେଇକରି ହାଲିଆ ହୋଇ ପଡ଼ିବାର ଉଦାହରଣ ରହିଛି। ସେହଭଳି ଉତ୍କଳଗୌରବ ମଧୁସୂଦନଙ୍କର ପୈତୃକ ଭୂସମ୍ପତ୍ତିରୁ ଅନେକ ଏବେ କେବଳ ଜବରଦଖଲକାରୀଙ୍କ କବ୍‌ଜାରେ ନୁହେଁ, ଏହାର ରେକର୍ଡପତ୍ର ମଧ୍ୟ ବଦଳି ସାରିଛି।

ଗୋଟିଏ ସମୟରେ ମଧୁବାବୁଙ୍କ ପୈତୃକ ଗୃହକୁ ବିକ୍ରିକରି ଦେବାପାଇଁ ପ୍ରସ୍ତାବ ଥିଲା। ସେତେବେଳେ ମଧୁବାବୁଙ୍କ ଝିଆରି ମା'ରମାଦେବୀଙ୍କ ଉଦ୍ୟମ କ୍ରମେ ଲୋକସଭାର ପୂର୍ବତନ ବାଚସ୍ପତି ତଥା ବିଶିଷ୍ଟ ଗାନ୍ଧିବାଦୀ ନେତା ମାଭଲଙ୍କରଙ୍କ ହସ୍ତକ୍ଷେପ ଫଳରେ ତାହା ରକ୍ଷା ପାଇଯାଇଥିଲା। ଏହି ଅର୍ଥରେ କିଣାଯାଇଥିବା ମଧୁବାବୁଙ୍କ ପୈତୃକ ଗୃହକୁ ରମାଦେବୀ ଚାହିଁଥିଲେ ତାଙ୍କ ନିଜ ନାମରେ ବି ରେକର୍ଡ କରପାରିଥାନ୍ତେ। କିନ୍ତୁ ମହାତ୍ମାଗାନ୍ଧୀଙ୍କ ଅନ୍ୟତମ ପଟ୍ଟଶିଷ୍ୟ ମା' ରମାଦେବୀ ଏହି ସମ୍ପତ୍ତିକୁ ଅର୍ଥଦାନ କରିଥିବା ରାଷ୍ଟ୍ରୀୟ ଗାନ୍ଧୀ ସ୍ମାରକନିଧି ନାମରେ କିଣାଇଥିଲେ।

ପୂର୍ବରୁ ଗଢାଯାଇଥିବା କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକନିଧିର ଅନ୍ୟତମ ପ୍ରତିନିଧିଭାବେ ରମାଦେବୀଙ୍କୁ ନିଜେ ମହାତ୍ମାଗାନ୍ଧୀ ମନୋନିତ କରିଥିଲେ। ତାଙ୍କ ଉଦ୍ୟମରେ ବରୀର ରାମଚନ୍ଦ୍ରପୁରରେ କସ୍ତୁରବା ଗାନ୍ଧୀ ନିଧିର ପ୍ରାଦେଶକିକ କାର୍ଯ୍ୟାଳୟ ସ୍ଥାପିତ



ହୋଇଥିଲା। ମଧୁବାବୁଙ୍କ ପୈତୃକ ଗୃହର ସୁରକ୍ଷା କରିବାପରେ ମା' ରମାଦେବୀଙ୍କ ଉଦ୍ୟମ କ୍ରମେ କସ୍ତୁରବାନିଧି ପ୍ରାଦେଶିକ ପ୍ରାଣକେନ୍ଦ୍ର ସତ୍ୟଭାମାପୁର ସ୍ଥିତ ଏହି ସୌଧକୁ ସ୍ଥାନାନ୍ତରିତ ହୋଇଥିଲା। ଏଠାରେ ଉଲ୍ଲେଖନୀୟ ଯେ ୧୯୩୪ ମଇ ମାସରେ ପଦଯାତ୍ରାବେଳେ ଗାନ୍ଧୀଜୀ ମଧୁବାବୁଙ୍କ ପୈତୃକ ଗୃହର ଛାତ ଉପରେ ରାତ୍ରିଯାଜପନ କରିଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରେ ରମାଦେବୀଙ୍କ ଉଦ୍ୟମରେ କସ୍ତୁରବାନିଧିର ଅନେକ ସେବାକେନ୍ଦ୍ର ଖୋଲିଥିଲା। ବରୀ, ସତ୍ୟଭାମାପୁର, ଖମ୍ବସି ଆଦିରେ ଏବେ ବି ଏସବୁ କାମ କରୁଛନ୍ତି। କସ୍ତୁରବାନିଧିର କାର୍ଯ୍ୟକ୍ରମ ପାଇଁ ସତ୍ୟଭାମାପୁରରେ ରମାଦେବୀଙ୍କ ଉଦ୍ୟମ କ୍ରମେ ସରକାରଙ୍କ ଠାରୁ କିଛି ଜମି ୯୯ବର୍ଷିଆ ଲିଜ୍ ସୂତ୍ରରେ ଦିଆଯାଇଥିଲା। କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଚକ୍ରାନ୍ତ କରି ଏହି ଲିଜ୍ ଜମିର କିସମ ବଦଳାଇଥିବାରୁ ଏ ପ୍ରସଙ୍ଗରେ ଏବେ ଅଦାଲତି ଲଢେଇ ଚାଲିଛି।

କସ୍ତୁରବାନିଧିର କାର୍ଯ୍ୟକ୍ରମ ସହିତ ମଧୁବାବୁଙ୍କ ସ୍ମୃତିରକ୍ଷା ପାଇଁ ଏହି ସଂସ୍ଥା କାମକରି ଆସୁଛି। ପୁରୁଣାକାଳିଆ କୋଠାଘରର ସଂରକ୍ଷଣ ସହିତ ମଧୁବାବୁ ଜନ୍ମ ନେଇଥିବା ଚାଳଛପର ଏକ୍ରୁଡିଶାଳ ଗୃହକୁ ବି ସଂରକ୍ଷିତ କରି ରଖାଯାଇଛି। ଏହାର ପରିସର ମଧ୍ୟରେ ଥିବା ରସକୁଣ୍ଡ ପୁଷ୍କରିଣୀର ତଦାରଖ ସହିତ ଏଠି ମଧୁବାବୁଙ୍କର ଏକ ପୂର୍ଣ୍ଣାବୟବ ପ୍ରତିକୃତି ମଧ୍ୟ ରହିଛି। ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଏଠାରେ ଏକ କୋଠାଘର ନିର୍ମାଣ କରିଥିଲେ ବି ସେଠାରେ ଏଯାବତ୍ ସରକାର ସଂଗ୍ରହାଳୟ ସ୍ଥାପନ କରିନାହାନ୍ତି। ଏହି ଘରଟିକୁ ଦଖଲକୁ ନେବା ସହିତ ମଧୁବାବୁଙ୍କ ପୈତୃକ ଘର ଉପରେ ଏବେ ବି କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ଲୋଲୁପ ଦୃଷ୍ଟି ରହିଥିବାବେଳେ ଓଡିଆ ଜାତୀୟତାର ଏଡି ସ୍ମୃତିପୀଠକୁ ସଂରକ୍ଷିତ ଓ ବିକଶିତ କରିବା ଦିଗରେ କସ୍ତୁରବାନିଧି ପକ୍ଷରୁ ସମସ୍ତଙ୍କ ସହଯୋଗ ଲୋଡାଯାଉଛି। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର

# ଆର୍‌ବିଆଇକୁ ଧମକପୂର୍ଣ୍ଣ କଲ୍






**ନୂଆଦିଲ୍ଲୀ,୧୭।୧୧:** ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)କୁ ଆସିଛି ଧମକପୂର୍ଣ୍ଣ କଲ୍। ବ୍ୟାଙ୍କର ଗ୍ରାହକ ସେବା(କଷ୍ଟମର କେୟାର) ନମ୍ବରକୁ ଜଣେ ଫୋନ୍ କରି ନିଜକୁ ଆତଙ୍କବାଦୀ ସଂଗଠନ ଲଶ୍କର-ଏ-ତୋଇବାର ସିଇଓ ବୋଲି ପରିଚୟ ଦେଇଥିଲେ। ଶନିବାର ସକାଳ ୧୦ଟାରେ ଏହି ଫୋନ୍ ଆସିଥିବା ଜଣାପଡ଼ିଛି। ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଅପରପକ୍ଷେ ପୋଲିସ ଘଟଣାକୁ ଗମ୍ଭୀରତା ସହ ନେଇ ତଦନ୍ତ ଆରମ୍ଭ କରିଛି। ଏନେଇ ମାତା ରାମାବାଇ ମାର୍ଗ ଥାନାରେ ମାମଲା ରୁଜୁ ହୋଇଛି। କେହି ମଜାରେ ଏଭଳି ଫୋନ କରିଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଥିଲେ ହେଁ କଲ୍ କରିଥିବା ବ୍ୟକ୍ତିଙ୍କୁ ଖୋଜୁଛି।

କହିରଖୁଛୁ, ଆର୍‌ବିଆଇକୁ ଏଭଳି ଧମକପୂର୍ଣ୍ଣ କଲ୍ ମିଳିବା ନୂଆ କଥା ନୁହେଁ। ଗତ ୨ ମାସ ମଧ୍ୟରେ ଏଭଳି କଲ୍‌କୁ ନେଇ ଅନେକ ମାମଲା ରୁଜୁ ହୋଇଛି। ଦେଶର ଅନେକ ବିମାନବନ୍ଦର, ସ୍କୁଲ ଏବଂ ଅନ୍ୟାନ୍ୟ ସ୍ଥାନକୁ ଧମକପୂର୍ଣ୍ଣ କଲ୍ କରାଯାଉଛି। ଏପରିକି ବୋମାରେ ଉଡାଇ ଦେବାକୁ ଧମକ ଦେଉଛନ୍ତି। ପରେ ଏସବୁ ମାମଲା ମିଥ୍ୟା ବୋଲି ଜଣାପଡୁଛି। ବିଶେଷକରି ବିମାନ ସେବା କ୍ଷେତ୍ରକୁ ଧମକ ଅଧିକ ଆସୁଥିବାରୁ ଅନେକ ବିମାନ କ୍ରମାଗତ ଭାବେ ପ୍ରଭାବିତ ହେଉଛି।

# ୧୦୦୦ଟଙ୍କା ଜମା କଲେ ଅବସର ପରେ ମିଳିବ ପେନ୍‌ସନ




**ନୂଆଦିଲ୍ଲୀ,୧୭।୧୧:** ବିଶେଷଜ୍ଞମାନେ କହିଛନ୍ତି ଯେ ଦୀର୍ଘ ସମୟ ମଧ୍ୟରେ ଅଧିକ ରିଟର୍ଣ୍ଣ ପାଇବା ପାଇଁ ନିୟମିତ ବିନିଯୋଗ କରିବା ଭଲ । ଆଜିର ବଜାରରେ ଅନେକ ପ୍ରକାରର ନିବେଶ ଅଛି। କିନ୍ତୁ ପ୍ରତ୍ୟେକ ଜିନିଷରେ ବିପଦ ଥାଏ । କିନ୍ତୁ ଆପଣ ସରକାରୀ ଯୋଜନା, ବଣ୍ଡ, ବ୍ୟାଙ୍କ ଜମା ଯୋଜନା ଇତ୍ୟାଦିରେ ବିନିଯୋଗ କରି ସ୍ଥିର ରିଟର୍ନ ପାଇପାରିବେ। ଏଥିରେ କୌଣସି ବିପଦ ନାହିଁ । ଯଦି ଆପଣ ଅଳ୍ପ ପରିମାଣର ବିନିଯୋଗ କରିବାକୁ ଓ କୌଣସି ବିପଦ ବିନା ବିପୁଳ ପରିମାଣର ଅର୍ଥ ପାଇବାକୁ ଚାହୁଁଛନ୍ତି, ତେବେ ପୋଷ୍ଟ ଅଫିସର ଜମା ସ୍କିମ ଆପଣଙ୍କ ପାଇଁ ଉପଯୁକ୍ତ ।

କେତେ ପ୍ରକାରର ନିବେଶକ ଅଛନ୍ତି? ସେମାନଙ୍କର ଆବଶ୍ୟକତା ଅଲଗା ଅଟେ। କେତେକ ନିବେଶ ଉପରେ ଅଧିକ ସୁଧ ହାର ଚାହାଁନ୍ତି । ଅନ୍ୟମାନେ ମାସିକ ଆୟ ଖୋଜନ୍ତି। ସମସ୍ତ ପ୍ରକାର ନିବେଶକଙ୍କ ପାଇଁ ପୋଷ୍ଟ ଅଫିସରେ ଯୋଜନା ରହିଛି । ଏଠାରେ ଟଙ୍କା ଗ୍ୟାରେଣ୍ଟି ରିଟର୍ନ ସହିତ ସମ୍ପୂର୍ଣ୍ଣ ସୁରକ୍ଷିତ ।

ଅବସର ପରେ ମାସିକ ଆୟ ବନ୍ଦ ହୋଇଯାଏ? ଅନେକେ ନିୟମିତ ସ୍କିମ ଖୋଜୁଥିବା ଯୋଜନା ଖୋଜନ୍ତି । ପୋଷ୍ଟ ଅଫିସ ମାସିକ ଆୟ ଯୋଜନା ସେମାନଙ୍କ ପାଇଁ ବେଷ୍ଟ । ଏହି ଯୋଜନାରେ ଥରେ ନିବେଶ ଆବଶ୍ୟକ । ସେବେଠାରୁ ପ୍ରତି ମାସରେ ସୁଧ ରାଶି ଦେବାର ଅଛି । କେବଳ ଅବସରପ୍ରାପ୍ତ ବ୍ୟକ୍ତି ନୁହଁନ୍ତି, ଯେଉଁମାନଙ୍କର ବହୁତ ଟଙ୍କା ଅଛି ଓ ନିୟମିତ ଆୟ ଚାହୁଁଛନ୍ତି ସେମାନେ ମଧ୍ୟ ଏହି ଯୋଜନାରେ ବିନିଯୋଗ କରିପାରିବେ ।

ଡାକ କାର୍ଯ୍ୟାଳୟ ୱେବସାଇଟରେ ଦିଆଯାଇଥିବା ସୂଚନା ଅନୁଯାୟୀ, ମାସିକ ଆୟ ଯୋଜନା ୭.୪ ପ୍ରତିଶତ ହାରରେ ସୁଧ ଦେଇଥାଏ । ଯୋଜନାରେ ଖାତା ଖୋଲିବା ଦିନଠାରୁ ଏକ ମାସ ସମାପ୍ତ ହେବା ପରେ ସୁଧ ମିଳିବା ଆରମ୍ଭ ହୁଏ । ଏହାର ଅର୍ଥ ହେଉଛି ନିବେଶର ପରବର୍ତ୍ତୀ ମାସରୁ ନିୟମିତ ଆୟ ନିଶ୍ଚିତ ହୋଇଯାଏ ।

ସର୍ବନିମ୍ନ ୧୦୦୦ ଟଙ୍କା ବିନିଯୋଗ: ଡାକଘର ମାସିକ ଆୟ ଯୋଜନାରେ ଏକକ ଏବଂ ମିଳିତ ଆକାଉଣ୍ଟ ଖୋଲାଯାଇପାରିବ । ସର୍ବନିମ୍ନ ବିନିଯୋଗ ପରିମାଣ ହେଉଛି ୧୦୦୦। ଗୋଟିଏ ଆକାଉଣ୍ଟରେ ସର୍ବାଧିକ ୯ ଲକ୍ଷ ଟଙ୍କା ବିନିଯୋଗ କରାଯାଇପାରିବ । ମିଳିତ ଆକାଉଣ୍ଟରେ ସର୍ବାଧିକ ବିନିଯୋଗ ପରିମାଣ ହେଉଛି ୧୫ ଲକ୍ଷ ଟଙ୍କା । ମାସିକ ଆକାଉଣ୍ଟ ସ୍କିମରେ ବିନିଯୋଗ କରିବାକୁ ହେଲେ ପ୍ରଥମେ ଡାକଘରେ ଏକ ସେଭିଂ ଆକାଉଣ୍ଟ ଖୋଲିବାକୁ ପଡିବ । ୧୮ ବର୍ଷରୁ ଅଧିକ ବୟସର ଯେକୌଣସି ବ୍ୟକ୍ତି ଏହି ଯୋଜନାରେ ବିନିଯୋଗ କରିପାରିବେ ।

# ବନ୍ଦେ ଭାରତ ଏକ୍ସପ୍ରେସ୍ ଜଳଖିଆରେ ପୋକ



**ନୂଆଦିଲ୍ଲୀ,୧୭।୧୧:** ବନ୍ଦେ ଭାରତ ଏକ୍ସପ୍ରେସ୍ ସହ ଜଡ଼ିତ ପୁଣି ଏକ ଘଟଣା ସାମ୍ନାକୁ ଆସିଛି। ତିରୁନେଲଭେଲି-ଚେନ୍ନାଇ ଏଗମୋର ବନ୍ଦେ ଭାରତ ଏକ୍ସପ୍ରେସ୍ (୨୦୬୬)ରେ ଯାତ୍ରା କରୁଥିବା ଜଣେ ଯାତ୍ରୀ ଜଳଖିଆ ପାଇଁ ଦିଆଯାଉଥିବା ସାମ୍ବରରେ ଏକ ପୋକ ଦେଖିବାକୁ ପାଇଥିଲେ। ଟ୍ରେନର ମଦୁରାଇ ଷ୍ଟେସନରେ ସେମାନଙ୍କୁ ଜଳଖିଆ ଦିଆଯାଇଥିଲା। ମଦୁରାଇ ଷ୍ଟେସନରୁ ବାହାରିବା ପରେ ସେ ଏହି ଅଭିଯୋଗ କରିଥିଲେ।

ଯାତ୍ରା ସମୟରେ ସାମ୍ବରରେ କୃମି ମିଳୁଥିବା ଅଭିଯୋଗ ଆସିବା ପରେ ଦକ୍ଷିଣ ରେଳବାଇ ପକ୍ଷରୁ ସ୍ପଷ୍ଟୀକରଣ ଜାରି କରାଯାଇଛି। ରେଳବାଇ ମଧ୍ୟ ଯାତ୍ରୀଙ୍କୁ କ୍ଷମା ମାଗିବା ସହ ଲାଇସେନ୍ସଧାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛି।

ଅଧିକାରୀମାନେ କହିଛନ୍ତି ଯେ, ଅନବୋର୍ଡ ମ୍ୟାନେଜର, ଚିଫ୍ କ୍ୟାଟରିଂ ଇନ୍ସପେକ୍ଟର (ସିଆଇଆର୍), ମୁଖ୍ୟ ବାଣିଜ୍ୟିକ ନିରୀକ୍ଷକ (ସିସିଆଇ) ଏବଂ ଆସିଷ୍ଟାଣ୍ଟ କମର୍ସିଆଲ ମ୍ୟାନେଜର (ଏସିଏମ୍) ବୃନ୍ଦାବନ ଫୁଡ୍ ପ୍ରଡକ୍ଟସ୍ ଦ୍ୱାରା ପରିଚାଳିତ ତିରୁନେଲଭେଲି ବେସ୍ ରୋଷେଇ ଘରେ ଦିଆଯାଉଥିବା ଖାଦ୍ୟର ଯାଞ୍ଚ କରିଥିଲେ।

ଅନୁସନ୍ଧାନରୁ ଜଣାପଡିଛି ଯେ ଏହି ପୋକ କ୍ୟାସେରୋଲ କଣ୍ଟେନରର ଢାଙ୍କାରେ ଚିପି ରହିଥିଲା। ଅଧିକାରୀମାନେ ଯାତ୍ରୀଙ୍କୁ କ୍ଷମା ମାଗିବା ସହ ଲାଇସେନ୍ସଧାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେବା ସହ ଡିଣ୍ଡିଗୁଲ ଷ୍ଟେସନରେ ଖାଦ୍ୟ ଅଫର କରିଥିଲେ, ଯାହାକୁ ଗ୍ରାହକ ମନା କରିଦେଇଥିଲେ।

ଗୁଣାତ୍ମକ ନିଶ୍ଚିତତା ପାଇଁ ଦୂଷିତ ଖାଦ୍ୟ ପ୍ୟାକେଟ୍ ଡିଣ୍ଡିଗୁଲ ସ୍ୱାସ୍ଥ୍ୟ ନିରୀକ୍ଷକଙ୍କୁ ଦିଆଯାଇଥିଲା। ଏହାପରେ ବାକି ଖାଦ୍ୟକୁ ମଧ୍ୟ ଯାଞ୍ଚ କରାଯିବା ପରେ ବାକି ଖାଦ୍ୟରେ କୌଣସି ଅସୁବିଧା ନାହିଁ ବୋଲି ତଦନ୍ତରୁ ଜଣାପଡ଼ିଥିଲା।

ରେଳବାଇ କହିଛି ଯେ ଅବହେଳା ପାଇଁ ବୃନ୍ଦାବନ ଫୁଡ୍ ପ୍ରଡକ୍ଟ ଉପରେ ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି ଏବଂ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ବିଚାର କରାଯାଉଛି। ରେଳବାଇ ଏହି ଘଟଣାର ତଦନ୍ତ କରୁଥିବା ବେଳେ ଦୂଷିତ ଖାଦ୍ୟ କୁ ନେଇ ରେଳବାଇ ସମସ୍ତ ସମ୍ଭାବନା ଖୋଜୁଛି। ରେଳବାଇ ଯାତ୍ରୀଙ୍କୁ ଗୁଣାତ୍ମକ ଖାଦ୍ୟ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବା ସହ ଖାଦ୍ୟର ମାନ ଉପରେ ନଜର ରଖିବା ପାଇଁ ନିୟମିତ ଯାଞ୍ଚ କରିବାକୁ ପ୍ରତିଶ୍ରୁତି ଦେଇଛି। ଠିକ୍ ସମୟରେ ସମାଧାନ ଓ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରିବା ପାଇଁ ରେଳ ସହାୟତା ବ୍ୟବସ୍ଥା ଉପରେ ଅଭିଯୋଗ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

# ଅଷ୍ଟ୍ରିଆକୁ ଗ୍ୟାସ୍ ଯୋଗାଣ ବନ୍ଦକଲା ରୁଷ୍



**ମସ୍କୋ,୧୭।୧୧:** ଅଷ୍ଟ୍ରିଆକୁ ଗ୍ୟାସ୍ ଯୋଗାଣ ବନ୍ଦ କରିଛି ରୁଷ୍। ଗ୍ୟାସ୍ ଯୋଗାଣ ବନ୍ଦ କରିବ ବୋଲି ରୁଷ୍ ନୋଟିସ ଦେଇଥିବା ସଂପର୍କରେ ଅଷ୍ଟ୍ରିଆର ଶକ୍ତି କମ୍ପାନି ଓଏମ୍‌ଭି କହିବାର କିଛି ସମୟ ପରେ ଏହାକୁ ବନ୍ଦ କରାଯାଇଛି। ତେବେ ଶନିବାର ୟୁକ୍ରେନ ବାଟେ ୟୁରୋପକୁ ରୁଷର ଗ୍ୟାସ ଯୋଗାଣ ଅବ୍ୟାହତ ରହିଛି। ୟୁକ୍ରେନ ଯୁଦ୍ଧ ପୂର୍ବରୁ ୟୁରୋପକୁ ରୁଷ୍ ଥିଲା ସବୁଠୁ ବଡ଼ ଗ୍ୟାସ ଯୋଗାଣକାରୀ ରାଷ୍ଟ୍ର।

ତେବେ ୟୁରୋପୀୟ ସଂଘ ରୁଷ୍ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ନିଷ୍ପତ୍ତି ନେବା ସହିତ ଜର୍ମାନୀକୁ ଯାଇଥିବା ନର୍ଡ ଷ୍ଟ୍ରିମ ଗ୍ୟାସ୍ ପାଇପଲାଇନକୁ ଉଡ଼ାଇ ଦେବା ପରେ ଏହାର ଗ୍ୟାସ ଯୋଗାଣ ହ୍ରାସ ପାଇଥିଲା। ବର୍ତ୍ତମାନ ରୁଷ୍‌ରୁ ୟୁରୋପକୁ ଗ୍ୟାସ୍ ଯୋଗାଣ ହେଉଥିବା ଏକମାତ୍ର ୟୁରେନଗୟ-ପୋମାରି-ଉଜଗୋରଡ ପାଇପଲାଇନ ଚଳିତବର୍ଷ ଶେଷ ସୁଦ୍ଧା ବନ୍ଦ ହେବ। କାରଣ କିବ୍ ଗ୍ୟାସ ଯୋଗାଣ ଚୁକ୍ତିକୁ ଆଉ ବଢ଼ାଇ ନପାରେ।

# ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରରେ ହ୍ରାସ



**ମୁମ୍ବାଇ,୧୭।୧୧:** ଭାରତୀୟ ଟଙ୍କା ତୁଳନାରେ ଆମେରିକୀୟ ଡଲାର ଶକ୍ତିଶାଳୀ ହୋଇପଡ଼ିବାରୁ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ଚାପ ସୃଷ୍ଟି ହୋଇଛି। ଟଙ୍କା ମୂଲ୍ୟକୁ ନିୟନ୍ତ୍ରଣରେ ରଖିବା ଲାଗି ରିଜର୍ଭ ବ୍ୟାଙ୍କ ଏହାର ଭଣ୍ଡାରରୁ ବିଦେଶୀ ମୁଦ୍ରା ବାହାର କରି ବିକ୍ରି କରୁଛି। ଚଳିତ ମାସ ୮ ତାରିଖରେ ଶେଷ ହୋଇଥିବା ସପ୍ତାହରେ ଭଣ୍ଡାରରୁ ପ୍ରାୟ ୫୪,୦୪୯ କୋଟି ଟଙ୍କା (୬.୫) ବିଲିଅନ୍ ଡଲାରର ବୈଦେଶିକ ମୁଦ୍ରା ବାହାର କରାଯାଇଛି। ତେଣୁ ବିଦେଶୀ ମୁଦ୍ରାଭଣ୍ଡାର ୫୭,୦୫,୫୨୫ (୬୭୫.୬୫ ବିଲିଅନ୍ ଡଲାର)କୁ ଖସିଆସିଛି। ଗତ ଦେଢ଼ ମାସ ମଧ୍ୟରେ ଭଣ୍ଡାରରୁ ୨,୪୬,୯୧୪ କୋଟି ଟଙ୍କା (୨୯.୨୪ ବିଲିଅନ ଡଲାର)ର ବିଦେଶୀ ମୁଦ୍ରା ବାହାର କରାଯାଇଛି ବୋଲି ରିଜର୍ଭ ବ୍ୟାଙ୍କ ଜାରି କରିଥିବା ତଥ୍ୟରୁ ଜଣାପଡ଼ିଛି।

ଚଳିତ ବର୍ଷ ସେପ୍ଟେମ୍ବର ୨୭ ବେଳକୁ ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ସର୍ବକାଳୀନ ରେକର୍ଡ ୭୦୪.୮୯ ବିଲିଅନ ଡଲାରରେ ପହଞ୍ଚିଥିଲା। ଏହା ପରଠାରୁ ବିଦେଶୀ ମୁଦ୍ରା ଭଣ୍ଡାର କମିବାରେ ଲାଗିଛି। ବିଦେଶୀ ମୁଦ୍ରା ଯେକୌଣସି ଦେଶ ଲାଗି ବେଶ୍ ଗୁରୁତ୍ୱପୂର୍ଣ୍ଣ, କାରଣ ଆମଦାନି ବିଲ୍ ଭରଣାରେ ତାହା ପ୍ରମୁଖ ଭୂମିକା ନିର୍ବାହ କରିଥାଏ। ଯେଉଁ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ଯେତେ ବଡ଼ ତାହାର ଅର୍ଥନୀତି ସେତେ ଦୃଢ଼ ବୋଲି ବିଚାର କରାଯାଏ। କୌଣସି ପରିସ୍ଥିତିରେ ଯଦି ଦେଶ ଉପରେ ଅର୍ଥନୈତିକ କଟକଣା ଲଗାଯାଏ ତେବେ ବିଦେଶୀ ମୁଦ୍ରା ଭଣ୍ଡାରରେ ଥିବା ମୁଦ୍ରାକୁ ବ୍ୟବହାର କରି ଆମଦାନି ବାବଦ ଅର୍ଥ ବିଭିନ୍ନ ଦେଶକୁ ପ୍ରଦାନ କରାଯାଇପାରିବ। ସମଗ୍ର ବିଶ୍ୱରେ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ହେଉଛି ଚତୁର୍ଥ ବୃହତ୍ତମ। ଏହା ଉପରେ ଚୀନ୍, ଜାପାନ ଓ ସ୍ୱିଜରଲ୍ୟାଣ୍ଡ ରହିଛନ୍ତି। ଭଣ୍ଡାରରେ ଥିବା ମୁଦ୍ରାଗୁଡ଼ିକର ବିଭିନ୍ନ ସାମଗ୍ରୀ ଆମଦାନି, ବିଦେଶ ଭ୍ରମଣରେ ଯାଉଥିବା ଓ ବିଦେଶରେ ନିଜ ପିଲାଙ୍କୁ ପାଠ ପଢ଼ାଉଥିବା ଲୋକମାନଙ୍କ ଆବଶ୍ୟକତା ପୂରଣ କରିବାରେ ବ୍ୟବହାର କରାଯାଏ। ଟଙ୍କା ମୂଲ୍ୟରେ ସ୍ଥିରତା ପାଇଁ ରିଜର୍ଭ ବ୍ୟାଙ୍କର ହସ୍ତକ୍ଷେପ ଜାରି ରହିଲେ ମୁଦ୍ରା ଭଣ୍ଡାର ନିମ୍ନମୁଖୀ ରହିବ।

# ଏୟାର ହୋଷ୍ଟେସଙ୍କ ଦରମା କେତେ ?




**ନୂଆଦିଲ୍ଲୀ,୧୭।୧୧:** ଦେଶ ତଥା ବିଦେଶରେ ଏୟାର ହୋଷ୍ଟେସ୍ମାନଙ୍କର ବହୁତ ଚାହିଦା ଅଛି। ତାହା ଛୋଟ କିମ୍ବା ବଡ ବିମାନ ହେଉ, ଏୟାର ହୋଷ୍ଟେସ୍ ମାନଙ୍କୁ ଚାକିରି ଦିଆଯାଏ। ଏକ ପ୍ରତିଷ୍ଠିତ ଅନୁଷ୍ଠାନରୁ ଏୟାର ହୋଷ୍ଟେସ୍ ପାଠ୍ୟକ୍ରମ ପଢି, ଆପଣ ସହଜରେ ମାସକୁ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିପାରିବେ।

ବିମାନରେ ବିଜନେସ ଏବଂ ଇକୋନୋମି କ୍ଲାସ୍ ଏୟାର ହୋଷ୍ଟେସ୍ ଏୟାରଲାଇନ୍ସରେ ଚାକିରି ପାଆନ୍ତି। ଉଭୟଙ୍କ ଦରମା ଏବଂ ପ୍ରୋଫାଇଲରେ ବହୁତ ପାର୍ଥକ୍ୟ ଅଛି। ଏହି ଆଲେଖ୍ୟରେ ଆମେ ଆପଣଙ୍କୁ ଏୟାର ହୋଷ୍ଟେସଙ୍କର ଦରମା ସମ୍ବନ୍ଧୀୟ ସୂଚନା ଦେବୁ। ସାଧାରଣତଃ ଇକୋନୋମି କ୍ଲାସ୍ ଏୟାର ହୋଷ୍ଟେସ୍ ଅପେକ୍ଷା ବ୍ୟବସାୟ ଶ୍ରେଣୀର ଏୟାର ହୋଷ୍ଟେସ୍ ଅଧିକ ବେତନ ପାଆନ୍ତି। ଆନ୍ତର୍ଜାତୀୟ ବିମାନ ସେବା ଯୋଗାଉଥିବା ଏୟାରଲାଇନ୍ସର ବିଜନେସ ଶ୍ରେଣୀରେ କାର୍ଯ୍ୟ କରୁଥିବା ଏୟାର ହୋଷ୍ଟେସମାନେ ଭଲ ଦରମା ଏବଂ ଅନ୍ୟାନ୍ୟ ସୁବିଧା ପାଆନ୍ତି। ଏଥି ସହିତ ଘରୋଇ ବିମାନ ସେବା ବ୍ୟବସାୟ ଶ୍ରେଣୀ ସେବା ମଧ୍ୟ ପ୍ରଦାନ କରିଥାଏ, କିନ୍ତୁ ସେମାନଙ୍କର ଦରମା ସାଧାରଣତଃ ଆନ୍ତର୍ଜାତୀୟ ବିମାନ ସେବା ତୁଳନାରେ କମ୍ ହୋଇଯାଥାଏ। ବ୍ୟବସାୟ ଶ୍ରେଣୀରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ଏକ ଉଚ୍ଚ ସ୍ତରର ସେବା ଯୋଗାଇବା ପାଇଁ ବିମାନ ସେବା ଅଧିକ ତାଲିମପ୍ରାପ୍ତ ଏବଂ ଅଭିଜ୍ଞ କର୍ମଚାରୀ ଆବଶ୍ୟକ କରନ୍ତି।

ତେଣୁ, ବ୍ୟବସାୟ ଶ୍ରେଣୀ ପାଇଁ ଏୟାର ହୋଷ୍ଟେସ୍ ମାନଙ୍କୁ ଅଧିକ ଦରମା ଦିଆଯାଏ। ଉଦାହରଣ ସ୍ୱରୂପ, ଘରୋଇ ବିମାନରେ ଏକ ଫ୍ରେଶର୍ ବ୍ୟବସାୟ ଶ୍ରେଣୀର ଏୟାର ହୋଷ୍ଟେସ୍ ବାର୍ଷିକ ୩ ରୁ ୫ ଲକ୍ଷ ଟଙ୍କା ପାଉଥିବାବେଳେ ଜଣେ ବରିଷ୍ଠ ଏୟାର ହୋଷ୍ଟେସଙ୍କ ଦରମା ପ୍ରାୟ ୮ ରୁ ୧୦ ଲକ୍ଷ ପର୍ଯ୍ୟନ୍ତ ରହିଥାଏ। ଏଥି ସହିତ, ଇକୋନୋମି ଶ୍ରେଣୀରେ କାର୍ଯ୍ୟ କରୁଥିବା ଏୟାର ହୋଷ୍ଟେସମାନଙ୍କର ପ୍ରାରମ୍ଭିକ ଦରମା ସାଧାରଣତ କମ୍ ହୋଇଥାଏ।



# ନବରାତ୍ରିରୁ ଧନତେରସ୍: ୪୨ ଦିନରେ ୪୩ ଲକ୍ଷ ଗାଡ଼ି ବିକ୍ରି

**ନୂଆଦିଲ୍ଲୀ,୧୭।୧୧:** ଚଳିତବର୍ଷ ପାର୍ବଣ ଋତୁରେ ଗାଡ଼ି ବଜାରରେ ଉତ୍ସାହ ଦେଖିବାକୁ ମିଳିଛି। ଦେଶରେ ନବରାତ୍ରି ଆରମ୍ଭରୁ ଧନତେରସ୍ ଶେଷ ହେବାର ୧୫ ଦିନ ପର୍ଯ୍ୟନ୍ତ (୪୨ଦିନ) ଦେଶରେ ଗାଡ଼ି ବିକ୍ରିରେ ବୃଦ୍ଧି ଦେଖାଦେଇଛି। ୪୨ ଦିନର ଏହି ଅବଧିରେ ପାଖାପାଖି ୪୩ ଲକ୍ଷ ଗାଡ଼ି ବିକ୍ରି ହୋଇଛି। ଗତବର୍ଷର ଏହି ପାର୍ବଣ ଅବଧିରେ ଗାଡ଼ି ବିକ୍ରି ସଂଖ୍ୟା ୩୮.୮୭ ଲକ୍ଷ ରହିଥିଲା। ଗତବର୍ଷ ପାର୍ବଣ ତୁଳନାରେ ଚଳିତବର୍ଷ ପାର୍ବଣରେ ଗାଡ଼ି ବିକ୍ରିରେ ୧୧.୭୬ ପ୍ରତିଶତ ବୃଦ୍ଧି ଘଟିଛି।

ବିଶେଷକରି ଦୁଇ ଚକିଆ ଯାନ ବିକ୍ରି ଭଲ ରହିଛି। ଏହି ସମୟ ମଧ୍ୟରେ ଦେଶରେ ୩୩.୧୧ ଲକ୍ଷ ୟୁନିଟ୍ ଦୁଇ ଚକିଆ ଯାନ ବିକ୍ରି ହୋଇଛି। ଗ୍ରାମାଞ୍ଚଳରେ ଦେଖାଦେଇଥିବା ଚାହିଦା ଦ୍ୱାରା ଏହା ସମ୍ଭବ ହୋଇଛି। ପାସେଞ୍ଜର ଯାନ ବିକ୍ରିରେ ୭.୧୦ ପ୍ରତିଶତ ବୃଦ୍ଧି ଘଟି ୬.୦୩ ଲକ୍ଷ ୟୁନିଟ୍‌ରେ ପହଞ୍ଚିଛି। ଉକ୍ତ ୪୨ ଦିନର ଅବଧିରେ ଦେଶରେ ୪୫ ଲକ୍ଷ ଗାଡ଼ି ବିକ୍ରି କରିବାକୁ ଫାଡା( ଅଟୋମୋବାଇଲ ଡିଲର ମହାସଂଘ) ଲକ୍ଷ୍ୟ ରଖିଥିଲା। ତେବେ ଏହି ସମୟରେ ମୋଟ ୪୨ ଲକ୍ଷ ୮୮ ହଜାର ୨୪୮ଟି ଗାଡ଼ି ବିକ୍ରି ହୋଇଛି। ଦକ୍ଷିଣ ଭାରତ, ବିଶେଷକରି ତାମିଲନାଡୁ ଓ ବେଙ୍ଗାଲୁରୁରେ ପ୍ରବଳ ବର୍ଷା ହେବା ଏବଂ ଓଡ଼ିଶା ବାତ୍ୟା ଦାନା ଆଦି ନହୋଇଥିଲେ ଦେଶରେ ଗାଡ଼ି ବିକ୍ରି ୪୫ ଲକ୍ଷରୁ ଅଧିକ ହୋଇଥାନ୍ତା ବୋଲି ଫାଡା ପକ୍ଷରୁ କୁହାଯାଇଛି। ଗତବର୍ଷ ତୁଳନାରେ ଚଳିତବର୍ଷର ପାର୍ବଣ ଅବଧିରେ ଦେଶରେ ଅଧିକ ଗାଡ଼ି ବିକ୍ରି ହୋଇଥିବାରୁ ଫାଡା ସଭାପତି ସିଏସ୍ ବିଘ୍ନେଶ୍ୱର ଖୁସିବ୍ୟକ୍ତ କରିଛନ୍ତି।

ଦୁଇ ଚକିଆ ଯାନ ବିକ୍ରି ଭଲ ରହିଛି ବୋଲି ସେ କହିଛନ୍ତି। ଭଲ ବିକ୍ରି କାରଣରୁ ଅକ୍ଟୋବର ତୁଳନାରେ ନଭେମ୍ବରରେ ଡିଲରଙ୍କ ପାଖରେ ରଖାଯାଇଥିବା ଗାଡ଼ି ସଂଖ୍ୟା ହ୍ରାସ ପାଇବ। ନଭେମ୍ବର ମାସ ଶେଷବେଳକୁ ଏହି ଚିତ୍ରରେ ସ୍ପଷ୍ଟତା ଆସିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। କ୍ୟାଲେଣ୍ଡର ବର୍ଷ ଶେଷ ହେବାକୁ ଦେଢ଼ମାସ ରହିଛି। ଏଭଳି ସ୍ଥିତିରେ ଓଇଏମ୍(ଅରିଜିନାଲ ଇକ୍ୱିପମେଣ୍ଟ ମ୍ୟାନୁଫାକ୍‌ଚର୍ସ)ମାନେ ୨୦୨୪ର ଗାଡ଼ି ବିକ୍ରି କରି ୨୦୨୫ରେ ପ୍ରବେଶ କରିପାରିବେ। ସରକାର ଭିତ୍ତିଭୂମି କ୍ଷେତ୍ରରେ ଅଧିକ ବ୍ୟୟ କରୁଛନ୍ତି। ଏଥିସହିତ ବିଭିନ୍ନ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବୃଦ୍ଧି କରିଛନ୍ତି। ତେଣୁ ଆଗାମୀ ଦିନରେ ବାଣିଜ୍ୟିକ ଯାନ ଏବଂ ଟ୍ରାକ୍ଟର ବିକ୍ରି ବୃଦ୍ଧି ପାଇବ ବୋଲି ଫାଡା ଆଶାବ୍ୟକ୍ତ କରିଛନ୍ତି।

# ଭାରତରେ ସୁନା ଏବେ ଶସ୍ତା



**ନୂଆଦିଲ୍ଲୀ,୧୭।୧୧:** ଭାରତରେ ସୁନା ଦର ଚଳିତ ସପ୍ତାହରେ ବଡ଼ଧରଣର ହ୍ରାସ ଘଟିଛି। ଏହାଫଳରେ ଅନ୍ତର୍ଜାତୀୟ ସ୍ତରରେ ସୁନା କିଣିବା ପାଇଁ ଲୋକପ୍ରିୟ ସ୍ଥାନ ଭାବେ ପରିଚିତ ମଧ୍ୟପ୍ରାଚ୍ୟ ଯଥା ସଂଯୁକ୍ତ ଆରବ ଏମିରେଟ୍‌ସ (ୟୁଏଇ), କତର, ଓମାନ ଏବଂ ସିଙ୍ଗାପୁର ତୁଳନାରେ ଭାରତରେ ସୁନା ଦର ଶସ୍ତା ରହିଛି। ନଭେମ୍ବର ୧୬ରେ ଭାରତରେ ୨୪ କ୍ୟାରେଟ୍ ସୁନା ଦାମ୍ ୧୦ ଗ୍ରାମ୍ ପିଛା ୭୫,୬୫୦ ଟଙ୍କାରେ ରହିଛି। ଗତକାଲି ତୁଳନାରେ ଏଥିରେ ୧୧୦ ଟଙ୍କା ହ୍ରାସ ଘଟିଛି। ସେହିଭଳି ୨୨ କ୍ୟାରେଟ୍ ସୁନା ଦର ୬୯,୩୫୦ ଟଙ୍କାକୁ, ୧୮ କ୍ୟାରେଟ୍ ସୁନା ଦର ୫୬,୭୪୦ ଟଙ୍କାକୁ ଖସିଆସିଛି। ଅନ୍ୟପକ୍ଷରେ ଓମାନରେ ସୁନା ମୂଲ୍ୟରେ ବୃଦ୍ଧି ଘଟିଛି। ୨୪ କ୍ୟାରେଟ୍ ସୁନା ଦାମ ୧୦ ଗ୍ରାମ ପିଛା ୨୨୦ ଟଙ୍କା ବୃଦ୍ଧି ଘଟି ୭୫,୭୬୩ ଟଙ୍କାରେ ପହଞ୍ଚିଛି। ସେହିଭଳି କତରରେ ୨୪ କ୍ୟାରେଟ୍ ସୁନା ଦର ବୃଦ୍ଧି ଘଟି ୭୬,୨୯୩ ଟଙ୍କାରେ ପହଞ୍ଚିଛି। ଇସ୍ରାଏଲ ଏବଂ ଗାଜାରେ ଭୂରାଜନୈତିକ ଉତ୍ତେଜନା ଲାଗି ରହିଥିବାରୁ ଭାରତ ତୁଳନାରେ ମଧ୍ୟପ୍ରାଚ୍ୟରେ ସୁନାଦର ଅଧିକ ରହିଛି। ଅନ୍ତର୍ଜାତୀୟ ସ୍ତରରେ ସୃଷ୍ଟି ହୋଇଥିବା ଅସ୍ଥିରତା କାରଣରୁ ସୁନାକୁ ମଧ୍ୟପ୍ରାଚ୍ୟରେ ଅପେକ୍ଷାକୃତ ଭାବେ ଅଧିକ ସୁରକ୍ଷିତ ସଂପତ୍ତି ଭାବେ ବିବେଚନା କରାଯାଉଛି। ଅନ୍ତର୍ଜାତୀୟ ସ୍ତରରେ ସୁନା ଦର ଗତ ୩ ବର୍ଷ ମଧ୍ୟରେ ସଂପ୍ରତି ସର୍ବାଧିକ ସାପ୍ତାହିକ ହ୍ରାସ ଘଟିଛି। ଆମେରିକାରେ ସୁନାର ସ୍ପଟ ମୂଲ୍ୟରେ ୪.୫ ପ୍ରତିଶତ ହ୍ରାସ ଘଟିଛି। ଆମେରିକାରେ ସୁନା ମୂଲ୍ୟ ଆଉନ୍ସ ପିଛା ୨ ମାସର ସର୍ବନିମ୍ନ ବା ପ୍ରାୟ ୨୫୬୩.୨୫ ଡଲାରରେ କାରବାର ହେଉଛି। ଅକ୍ଟୋବରରେ ସୁନା ଦର ରେକର୍ଡ ସ୍ତର ଛୁଇଁବା ପରେ ସଂପ୍ରତି ଏହା କମିବାରେ ଲାଗିଛି।

# ସ୍ଥାୟୀ ସ୍ୱାସ୍ଥ୍ୟକର ଅଭ୍ୟାସ ସୃଷ୍ଟି କ୍ଷେତ୍ରରେ ଅଭିଭା ଇଣ୍ଡିଆ ସଫଳ




**ଭୁବନେଶ୍ୱର,୧୭।୧୧(ସଂଚାର ବ୍ୟୁରୋ) :** ଅଭିଭା ଇଣ୍ଡିଆ ଦୀର୍ଘାବଧି ପରିବାର ସୁରକ୍ଷା ପାଇଁ ସ୍ଥାୟୀ ସ୍ୱାସ୍ଥ୍ୟକର ଅଭ୍ୟାସ ସୃଷ୍ଟି କରିବା କ୍ଷେତ୍ରରେ ସଫଳ ହୋଇଛି। ନିକଟରେ ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରତିଷେଧମୂଳକ ଯତ୍ନ, ସାମଗ୍ରିକ ସୁସ୍ଥତା ସହଯୋଗ ଓ ସ୍ୱତନ୍ତ୍ର ବୀମା ସମାଧାନ ମାଧ୍ୟମରେ ସୁସ୍ଥ ଜୀବନ ବଞ୍ଚିବାରେ ଗ୍ରାହକଙ୍କୁ ସଶକ୍ତ କରିବା ଉପରେ ଅଭିଭା ଇଣ୍ଡିଆର ଗୁରୁତ୍ୱ ସମ୍ପର୍କରେ ତଥ୍ୟ ପ୍ରଦାନ କରିଛନ୍ତି ଅଭିଭା ଇଣ୍ଡିଆର ସିଇଓ ଓ ଏମ୍‌ଡି ଅସିତ ରଥ। ସେ କହିଛନ୍ତି ଅଭିଭାରେ ଆମେ ବିଶ୍ୱାସ କରୁ ଯେ ସୁସ୍ଥ ଅଭ୍ୟାସଗୁଡିକୁ ପ୍ରୋତ୍ସାହିତ କରି, ନିୟମିତ ଚେକ୍‌ଅପ ଏବଂ ଉଦ୍ଦିଷ୍ଟ ଆର୍ଥିକ ସୁରକ୍ଷା ପ୍ରଦାନ କରି ଆମେ ପରିବାରଗୁଡିକ ପାଇଁ ଦୀର୍ଘାବଧି ପାରିବାରିକ ଖର୍ଚ୍ଚକୁ ହ୍ରାସ କରିପାରିବା। ଆମର ଲକ୍ଷ୍ୟ କେବଳ ବୀମାଭୁକ୍ତ କରିବା ନୁହେଁ ବରଂ ପ୍ରତ୍ୟେକ ପରିବାରକୁ ସକ୍ରିୟ ଭାବେ ନିଜର ସ୍ୱାସ୍ଥ୍ୟକୁ ପରିଚାଳନା କରିବାରେ ସାହାଯ୍ୟ କରି ଏକ ୱେଲନେସ୍ ପାର୍ଟନର ହେବା। ସାଧାରଣ ଗୁଜବଗୁଡିକୁ ସମ୍ବୋଧିତ କରି ଶ୍ରୀଯୁକ୍ତ ରଥ ପରିବାରଗୁଡିକୁ ସ୍ଥାୟୀ ସୁସ୍ଥ ଅଭ୍ୟାସଗୁଡିକୁ ଆପଣାଇବା ପାଇଁ ପ୍ରୋତ୍ସାହିତ କରିଛନ୍ତି। ଚାଲିବା ଭଳି ଶାରୀରିକ କାର୍ଯ୍ୟ ଏବଂ ମୁଖ୍ୟ ଖାଦ୍ୟର ବ୍ୟବହାର କରି ପ୍ରସ୍ତୁତ ହୋଇଥିବା ସନ୍ତୁଳିତ ଆହାର ସେବନ କଲେ ପ୍ରତିଷେଧମୂଳକ ପଦକ୍ଷେପ ପ୍ରଭାବଶାଳୀ ହୋଇଥାଏ।

ଅଭିଭାର ସୁସ୍ଥତା ଦର୍ଶନ ୫ଟି ସ୍ତମ୍ଭ ଉପରେ କେନ୍ଦ୍ରିତ ରହିଛି ଯଥା ଶାରୀରିକ ସୁସ୍ଥତା, ସନ୍ତୁଳିତ ପୋଷଣଯୁକ୍ତ ଆହାର, ମାନସିକ ସୁସ୍ଥତା, ସକ୍ରିୟ ସ୍ୱାସ୍ଥ୍ୟ ଯାଞ୍ଚ ଓ ଆର୍ଥିକ ସୁରକ୍ଷା। ଏହି ସାମଗ୍ରିକ ଆଭିମୁଖ୍ୟ ସୁନିଶ୍ଚିତ କରିଥାଏ ଯେ, ଗ୍ରାହକମାନେ ଷ୍ଟାଣ୍ଡାର୍ଡ ଇନ୍ସୁରାନ୍ସ କଭରେଜ ବାହାରେ ସଂଶାଧନଗୁଡିକ ସହ ସହଯୋଗରୁ ଉପକୃତ ହୋଇଥାନ୍ତି, ଯାହା ସ୍ୱାସ୍ଥ୍ୟ ପ୍ରତି ଏକ ସନ୍ତୁଳିତ, ସକ୍ରିୟ ଦୃଷ୍ଟିକୋଣକୁ ସୁଦୃଢ଼ କରିଥାଏ। ଅଭିଭା ଇଣ୍ଡିଆ ପକ୍ଷରୁ ଏହାର ପ୍ରୋଟେକ୍ସନ ପ୍ଲାନ୍‌ଗୁଡିକ ସହ ଏକ ବିସ୍ତୃତ ପ୍ରିଭେଂଟିଭ୍ ୱେଲ୍‌ନେସ୍ ପ୍ୟାକେଜ ଶୁଭାରମ୍ଭ କରାଯାଇଛି ଯାହା ପରିବାରଗୁଡିକୁ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବା ପାଇଁ ଉପଯୁକ୍ତ ଉପକରଣ ଓ ସଂଶାଧନ ସହ ସୁସଜ୍ଜିତ କରୁଛି। ଏହି ପ୍ୟାକେଜରେ ବଡି କମ୍ପୋଜିଶନ ମନିଟର, ବ୍ଲଡ ପ୍ରେସର ମନିଟର, ନ୍ୟୁଟ୍ରିସ୍‌ନିଷ୍ଟଙ୍କ ସହ ପରାମର୍ଶ ଆଦି ସାମିଲ ରହିଛି। ଏହି ପଦକ୍ଷେପ ଗ୍ରାହକଙ୍କୁ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ପ୍ରୋତ୍ସାହିତ କରିଥାଏ, ସୁସ୍ଥତା ଦିଗରେ ପ୍ରଥମ ପଦକ୍ଷେପ ଭାବେ ପ୍ରତିରୋଧର ମହତ୍ୱକୁ ସୁଦୃଢ଼ କରିଥାଏ। ଶ୍ରୀଯୁକ୍ତ ରଥ ଓଡ଼ିଶାର ଭବିଷ୍ୟତ ପାଇଁ ସକାରାତ୍ମକତା ବ୍ୟକ୍ତ କରିଛନ୍ତି, ଯେଉଁଠାରେ ‘ପ୍ରତ୍ୟେକ ପରିବାର ସମ୍ପୂର୍ଣ୍ଣତା ସହ ବଞ୍ଚିପାରିବେ ଏବଂ ସ୍ୱାସ୍ଥ୍ୟ ସମସ୍ୟା ବିରୋଧରେ ସୁରକ୍ଷିତ ରହିବେ।” ଅଭିଭା ଇଣ୍ଡିଆର ଲକ୍ଷ୍ୟ କେବଳ ଏକ ବୀମା ପ୍ରଦାନକାରୀ ହେବା ଠାରୁ ଆଗରେ ଏକ ବିଶ୍ୱସନୀୟ ୱେଲ୍‌ନେସ୍ ପାର୍ଟନରରେ ପରିଣତ ହେବା ପାଇଁ ବିସ୍ତାର ହୋଇଛି।



ଜନ୍ ହପକିନ୍ସ ବିଶ୍ୱବିଦ୍ୟାଳୟର ସଭାପତି ରୋନାଲ୍ଡ ଜେ. ଡାନିଏଲଙ୍କ ସହ ଶିକ୍ଷାର ବିକାଶ ନେଇ ଆଲୋଚନା କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।



## ମହାବାତ୍ୟାର ସ୍ମୃତି ଷ୍ଟଲକୁ ଉଦ୍‌ଘାଟନ କଲେ ପଦ୍ମଶ୍ରୀ ବାବା ବଳିଆ

**ଜଗତସିଂହପୁର, ୧୭।୧୧ (ସଂଚାର ବ୍ୟୁରୋ):** ଅଲ ଓଡ଼ିଶା ପେଣ୍ଟିଙ୍ଗ ଆର୍ଟିଷ୍ଟ ୱାର୍କସ ଆସୋସିଏସନର ଜଗତସିଂହପୁର ଜିଲ୍ଲା ଶାଖାର ଚିତ୍ର ଶିଳ୍ପୀ ମାନଙ୍କ ଦ୍ୱାରା ତିର୍ତ୍ତୋଲ ଚେଲିତୋଳ ବାଲିଯାତ୍ରା ଠାରେ ୧୯୯୯ ମସିହା ଅକ୍ଟୋବର ମାସ ୨୯ ତାରିକ ଏକ ଚୀରସ୍ମରଣୀ ହୋଇରହିଛି । ମହାବାତ୍ୟା ର ୨୫ ବର୍ଷ ପାଳନ ଉପଲକ୍ଷେ ମହାବାତ୍ୟାର ଘଟିଯାଇଥିବା ବିଭୀଷିକା ରାତ୍ରିର କରାଳ ଦୃଶ୍ୟ ଗୁଡିକୁ ଦର୍ଶକ ମାନଙ୍କ ଉଦେଶ୍ୟରେ ଏକ ମହାବାତ୍ୟାରେ ଘଟିଯାଇଥିବା ଅଭୁଲା ଦୃଶ୍ୟକୁ ଚିତ୍ରମାଧ୍ୟମରେ ପ୍ରଦର୍ଶିତ କରିଛନ୍ତି । ଏହାକୁ ଶ୍ରୀମଦ ପଦ୍ମଶ୍ରୀ ବାବା ବଳିଆଙ୍କ କର କମଳରେ ଉଦଘାଟନ କରାଯାଇଥିଲା. ବାଲିଯାତ୍ରା ସଭାପତି ତଥା ବିଧାୟକ ଡ଼ଃ. ରମାକାନ୍ତ ଭୋଇ ଉପସ୍ଥିତ ରହିଥିଲେ. ଏହି ପ୍ରଦର୍ଶିତ ଚିତ୍ରକଳାକୁ ଜିଲ୍ଲା ସମ୍ପାଦକ ଜ୍ୟୋତି ରଞ୍ଜନ ରାୟ, ଜିଲ୍ଲା ସହସମ୍ପାଦକ ତଥା ତିର୍ତ୍ତୋଲ ବ୍ଲକ ସଂଘର ସଭାପତି ମନୋଜ ସାହୁ, ନୃସିଂହ ସାହୁ, ନରେନ୍ଦ୍ର ଦାସ, ଏରସମା ବ୍ଲକ ଆର୍ଟିଷ୍ଟ ସଙ୍ଘ ସଭାପତି ସିର୍ଦ୍ଧେଶ୍ୱର ଖଟୁଆ, ଆଶିଷ ରାଉତ,ଯୋଗେନ୍ଦ୍ର ବେହେରା,ପ୍ରମୁଖ ଶିଳ୍ପୀ ମାନେ ବହୁ ପରିଶ୍ରମ କରି ଏହି ଚିତ୍ର ବନାଇଥିବା କହିଥିଲେ.। ଏହି କାର୍ଯ୍ୟକ୍ରମ ଆୟୋଜିତ କରିଥିବା ସମସ୍ତ ଚିତ୍ରଶିଳ୍ପୀଙ୍କୁ ତିର୍ତ୍ତୋଲ ବିଧାୟକ ପ୍ରଶଂସା ଜଣାଇଥିଲେ ।

## ବିକଶିତ ଭାରତ @୨୦୪୭ ଫଟୋଚିତ୍ର ପ୍ରଦର୍ଶନୀ



**କଟକ, ୧୭।୧୧ (ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧିନ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ, ଭୁବନେଶ୍ୱର ପକ୍ଷରୁ ଐତିହାସିକ ବାଲିଯାତ୍ରା ଅବସରରେ ବିକଶିତ ଭାରତ @୨୦୪୭ ଶୀର୍ଷକ ଫଟୋ ଚିତ୍ର ପ୍ରଦର୍ଶନୀ, ଆଲୋଚନାଚକ୍ର କାର୍ଯ୍ୟକ୍ରମ ହୋଇଛି । କଟକ ମହାନଗର ନାଗରିକ ମହାସଭାର ସଭାପତି ଡାକ୍ତର ରବି ରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିକଶିତ ଭାରତର ଆଭିମୁଖ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସୂଚନା ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭାଗ ପକ୍ଷରୁ କୁଇଜ୍ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ସଫଳ ହୋଇଥିବା ବିଭିନ୍ନ ବର୍ଗର ପ୍ରାର୍ଥୀଙ୍କୁ ଡାକ୍ତର ସାହୁ ପୁରସ୍କୃତ କରିଥିଲେ।

## ମୋବାଇଲ ଲୁଟେରା ଗିରଫ



**ବ୍ରହ୍ମପୁର, ୧୭।୧୧ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ପୋଲିସ୍ ଜଣେ ମୋବାଇଲ ଲୁଟେରାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ସ୍ଥାନୀୟ ଗୋକର୍ଣ୍ଣପୁର ଗ୍ରାମର ଏଲ୍ ଶିବା ରେଡ୍ଡି ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଯୁବକ ଜଣକ ମୋବାଇଲ ଫୋନ ଚୋରି କରୁଥିବା ବେଳେ ଖବର ପାଇ ପୋଲିସ ବଡ଼ ଡ଼ାକ୍ତରଖାନାରେ ପହଞ୍ଚି ତାକୁ କାବୁ କରି ଥାନାକୁ ନେଇଥିଲେ। ଜେରା କରିବା ବେଳେ ବିଭିନ୍ନ ଅଂଚଳରୁ ଚୋରି କରୁଥିବା ମୋବାଇଲ ଫୋନ ଏକ ପରିତ୍ୟକ୍ତ ସ୍ଥାନରେ ରଖିଥିବା ଜଣାପଡିଥିଲା। ଯାହା ଫଳରେ ପୋଲିସ ଉକ୍ତ ସ୍ଥାନକୁ ଯାଇ ଗଛିତ ରଖିଥିବା ମୋବାଇଲ ଫୋନ ଗୁଡିକୁ ଉଦ୍ଧାର କରି ଅଭିଯୁକ୍ତ ଶିବାକୁ କୋର୍ଟ ଚାଲାଣ କରିଛି। ଅନ୍ୟପକ୍ଷରେ ମୋବାଇଲ ଲୁଟ୍ ର ଶୀକାର ହୋଇଥିବା ବ୍ୟକ୍ତି ବିଶେଷଙ୍କୁ ଉଚିତ ପ୍ରମାଣ ରଖି ମୋବାଇଲ ଫୋନ ଫେରାଇ ଦିଆଯିବ ବୋଲି ବ୍ରହ୍ମପୁର ଏସ୍ ପି ସୂଚନା ଦେଇଛନ୍ତି।

# ୨୨୦ ବର୍ଷରେ ପଦାର୍ପଣ କଲା କର୍ଣ୍ଣଦାଣ୍ଡିର ବାବା କାର୍ତ୍ତିକେଶ୍ୱର ପୂଜା

## ମେଲୋଡି ସାଙ୍ଗକୁ ଯାତ୍ରା ସାଜିଛି ମୁଖ୍ୟ ଆକର୍ଷଣ

**ଦଶରଥପୁର, ୧୭।୧୧ (ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ ମଙ୍ଗଳପୁର ପଞ୍ଚାୟତସ୍ଥ କର୍ଣ୍ଣଦାଣ୍ଡି ଗ୍ରାମରେ ବାବା କାର୍ତ୍ତିକେଶ୍ୱରଙ୍କ ପୂଜା ମହାସମାରୋହରେ ଆରମ୍ଭ ହୋଇଯାଇଛି। ଶନିବାର ରାତି ୯ଟା ସମୟରେ ବାଜା ବାଣ ରୋଷଣୀ ମାଧ୍ୟମରେ କଳସ ଶୋଭାଯାତ୍ରା ହେବା ପରେ ଗ୍ରାମସ୍ତ ବାବା କାର୍ତ୍ତିକେଶ୍ୱରଙ୍କ ପୁଷ୍କରିଣୀରେ କଳସ ବୁଡ଼ା ଯାଇଥିଲା । ଏହାପରେ ଷୋଡଶ ଉପଚାର ପୂଜା ହେବା ପରେ ରୀତିନୀତି ଅନୁଯାଇ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା । ମୃଣ୍ମୟ ମୂର୍ତ୍ତିଟି ବେଶ ଆକର୍ଷଣୀୟ ହୋଇଥିବା ବେଳେ ପୂଜା ମଣ୍ଡପଟିକୁ ବିଭିନ୍ନ ଆଲୋକ ମାଳାରେ ସୁସଜ୍ଜିତ ଭାବେ ସଜା ଯାଇଥିବା ଦେଖିବା ପାଇଁ ମିଳିଛି । ପୂଜାରେ ଗ୍ରାମର ମନ୍ମଥ କୁମାର ପଣ୍ଡା ଓ ତାଙ୍କ ଧର୍ମପତ୍ନୀ ଜୟନ୍ତୀ ପଣ୍ଡା ସଂକଳ୍ପ କରିଥିବା ବେଳେ ପୂଜକ ଗୋବର୍ଦ୍ଧନ ମହାପାତ୍ର ଏବଂ ଦିନେଶ ପଣ୍ଡା ପୂଜା କାର୍ଯ୍ୟ କରୁଛନ୍ତି । ବିଦେଶରେ ଥିବା ଯୁବକ ଯୁବତୀ ମାନେ ପୂଜା ପାଇଁ ଗାଁ ମୁହାଁ ହୋଇଥିବା ବେଳେ ଝିଅ ଝିଆଣୀଙ୍କ ଭିଡରେ କର୍ଣ୍ଣଦାଣ୍ଡି ଗ୍ରାମ ଏବେ ଉତ୍ସବ ମୁଖର ହୋଇ ଉଠିଛି।



ଚଳିତ ବର୍ଷ ଏହି ପୂଜା ୨୨୦ ବର୍ଷରେ ପଦାର୍ପଣ କରିଥିବା ବେଳେ ଗ୍ରାମର ସମସ୍ତ ଗ୍ରାମବାସୀମାନଙ୍କ ସହଯୋଗରେ ଏହି ପୂଜା ଅନୁଷ୍ଠିତ ହୋଇଥାଏ। ବାବା କାର୍ତ୍ତିକେଶ୍ୱରଙ୍କ ନିକଟରେ ଭକ୍ତ ମାନଙ୍କ ଲାଗି ଦୁଇ ବେଳା ପ୍ରସାଦ ସେବନର ବ୍ୟବସ୍ଥା କରାଯାଇ ଥାଏ। ବାବା କାର୍ତ୍ତିକେଶ୍ୱରଙ୍କ ଦର୍ଶନ ପାଇଁ ପାଖ ପଡ଼ୋଶୀ ଗ୍ରାମର ସହ ସହ ଶ୍ରଦ୍ଧାଳୁ ଭକ୍ତ ମାନଙ୍କର ଭିଡ଼ ପରିଲକ୍ଷିତ ହୋଇଥିବା ବେଳେ ଭକ୍ତ ମାନେ ବାବା କାର୍ତ୍ତିକେଶ୍ୱରଙ୍କ ଦର୍ଶନ କରିବା ସହ ପ୍ରସାଦ ସେବନ କରି ସାନିଧ୍ୟ ଲାଭ କରୁଥିବା ଦେଖିବା ପାଇଁ ମିଳିଛି। ସେହିପରି ପୂଜା ମଣ୍ଡପ ନିକଟରେ ପ୍ରତ୍ୟେହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ୨୨ ତାରିଖ ଠାରୁ ୨୪ ତାରିଖ ୩ ଦିନ ଧରି କଳିଙ୍ଗ କନ୍ୟା ଯାତ୍ରା ପାର୍ଟି ଦ୍ୱାରା ଯାତ୍ରା ଅନୁଷ୍ଠିତ ହେବ ବୋଲି ବାବା କାର୍ତ୍ତିକେଶ୍ୱର ପୂଜା କମିଟିର ସଭାପତି ଦାମୋଦର ରାଉତ ଓ ସମ୍ପାଦକ ସୁବ୍ରତ କୁମାର ବେହେରା ସୂଚନା ଦେଇଛନ୍ତି।

ସେହିପରି ପୂଜା ମଣ୍ଡପ ନିକଟରେ ବିଭିନ୍ନ ଉଠା ଦୋକାନି ମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିବା ବେଳେ ବାରମଜା, ମଥୁରା କେକ ପୂଜାରେ ବିଶେଷ ଆକର୍ଷଣ ସାଜିଥିବା ଦେଖିବା ପାଇଁ ମିଳିଛି। ସେହିପରି ପୂଜାର ପ୍ରଥମ ଦିନରେ ବିଜେପିର ବରିଷ୍ଠ ଯୁବ ନେତା ମୃତ୍ୟୁଞ୍ଜୟ ମିଶ୍ର ପୂଜା ମଣ୍ଡପରେ ପହଞ୍ଚି ବାବା କାର୍ତ୍ତିକେଶ୍ୱରଙ୍କ ଦର୍ଶନ କରିବା ସହ ପ୍ରସାଦ ସେବନ କରି ସାନିଧ୍ୟ ଲାଭ କରିଥିବା ଦେଖିବା ପାଇଁ ମିଳିଛି । ମାର୍ଗଶିର ମାସ ବିଛା ସଂକ୍ରାନ୍ତି ତିଥି ତଥା ୧୬ ତାରିଖ ଠାରୁ ବାବା କାର୍ତ୍ତିକେଶ୍ୱରଙ୍କ ପୂଜା ଆରମ୍ଭ ହୋଇ ୨୪ ତାରିଖରେ ବିସର୍ଜନ ଓ ୨୫ ତାରିଖରେ ଭଷାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି ।

## ନାଉଗାଁ ମହୋତ୍ସବ-୨୦୨୪

# ଅହଙ୍କାରର ପରାଜୟ ହୋଇଛି, ଓଡ଼ିଆ ଅସ୍ମିତାର ବିଜୟ ହୋଇନି

**ନାଉଗାଁ, ୧୭।୧୧ (ସଂଚାର ବ୍ୟୁରୋ):** ଅହଙ୍କାରର ପରାଜୟ ହୋଇଛି କିନ୍ତୁ ଅସ୍ମିତାର ବିଜୟ ହୋଇନି; ଲୋକ ଅହଙ୍କାରୀକୁ ବିଦା କରିଛନ୍ତି। ଅସ୍ମିତା ଲାଗି ସମ୍ଭାବନା ଦେଖି ଲୋକେ ବିଜେପିକୁ କ୍ଷମତାକୁ ଆଣିଛନ୍ତି। ଏଥିପାଇଁ ବିଜେପିକୁ ବହୁ ପରିଶ୍ରମ କରିବାକୁ ପଡ଼ିବ। ନାଉଗାଁ ବ୍ଲକ ଅନ୍ତର୍ଗତ ନାଉଗାଁ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବ ଓ ନାଉଗାଁ ମହୋତ୍ସବର ଦ୍ୱିତୀୟ ସଂଧ୍ୟାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାମ୍ବାଦିକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗ ଦେଇ ମନ୍ତବ୍ୟ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବିଜେଡିକୁ କଡା ସମାଲୋଚନା କରିବା ସହିତ ବିଜେପିକୁ ସତର୍କବାଣୀ ଶୁଣାଇଛନ୍ତି। ବିଜେଡି ନିଜ ଅହଂକାର ପାଇଁ ହାରିଛି, ମାତ୍ର ଅସ୍ମିତା ପାଇଁ ବିଜେପି ଜିତି ନାହିଁ। ରାଜ୍ୟବାସୀ ଅସ୍ମିତା ସମ୍ଭାବନାକୁ ବିଜେପିକୁ ଜିତାଇଛନ୍ତି। ପାର୍ଟି ବଡ ନୁହେଁ ମାଟି ବଡ। ସମସ୍ତେ ଯତ୍ନବାନ ହୋଇ ମାଟି ପାଇଁ କାର୍ଯ୍ୟ କଲେ ଜାତିର ବିକାଶ ସହିତ ସମାଜର ମଙ୍ଗଳ ହେବ।



ସୌମ୍ୟରଞ୍ଜନଙ୍କ ବୟାନକୁ ନେଇ ରାଜନୀତିରେ ଚର୍ଚ୍ଚା ପାଲିଟିଛି।

ପରିଷଦର ମୁଖ୍ୟ ଉପଦେଷ୍ଟା ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପରିଷଦର ସମ୍ପାଦକ ଅବସରପ୍ରାପ୍ତ ପ୍ରାଧ୍ୟାପକ ସରୋଜ ନାୟକ, ପ୍ରାଧ୍ୟାପକ ଲଳିତ କୁମାର ଲେଙ୍କା, ସମାଜସେବୀ ନିରଞ୍ଜନ ବେହୁରା, ପୂର୍ବତନ ପାରାଦୀପ ପୋର୍ଟର ଟ୍ରଷ୍ଟି ପ୍ରତାପ ମିଶ୍ର, ଅଧ୍ୟାପକ ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପରିଷଦ ପକ୍ଷରୁ ସ୍ୱର୍ଗତ ଡାକ୍ତର ତ୍ରିଲୋଚନ ଜେନାଙ୍କୁ ମରଣୋତର, ଗୌରହରି ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟ ରବୀନ୍ଦ୍ର ଓଝାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ପରିଷଦର ସଦସ୍ୟମାନେ ପରିଚାଳନା କରିଥିଲେ।

## ଅଜଣା ରୋଗରେ ୪ ଗାଈ ମୃତ

**କଣାସ, ୧୭।୧୧ (ସଂଚାର ବ୍ୟୁରୋ):** କଣାସ ବ୍ଲକରେ ଅଜଣା ରୋଗରେ ବୁଲା ଗାଈ ମାନଙ୍କର ମୃତ୍ୟୁ ହେଉଥିବା ଦେଖିବାକୁ ମିଳୁଛି। ଶାସନ ଗ୍ରାମ ନିକଟରେ ୮ଦିନ ମଧ୍ୟରେ ୪ଟି ବୁଲା ଗାଈଙ୍କର ମୃତ୍ୟୁ ହୋଇଥିବା ବେଳେ ଗୋଟିଏ ଗାଈ ମୃତ୍ୟୁ ସହିତ ସଂଗ୍ରାମ କରୁଛି। କଣାସ ବ୍ଲକର କଣାସ ଠାରେ ମୁଖ୍ୟ ପଶୁ ଚିକିତ୍ସା କେନ୍ଦ୍ର ଥିବା ବେଳେ ବ୍ଲକର ବିଭିନ୍ନ ପଞ୍ଚାୟତରେ ୧୧ଟି ପ୍ରାଥମିକ ପଶୁ ଚିକିତ୍ସା କେନ୍ଦ୍ର ଅଛି। ସେଥି ମଧ୍ୟରୁ ୯ଟି ପ୍ରାଥମିକ ପଶୁଚିକିତ୍ସା କେନ୍ଦ୍ରରେ ପ୍ରାଣି ଚିକିତ୍ସକ ନଥିବାରୁ ଚିକିତ୍ସା କେନ୍ଦ୍ର ଗୁଡିକରେ ତାଲା ଝୁଲୁଛି। ଯାହାଫଳରେ ଗାଈ ଗୋରୁ ରଖିଥିବା ଚାଷୀମାନେ ଡାକ୍ତରଙ୍କ ସହିତ ପରାମର୍ଶ କରିପାରୁ ନାହାନ୍ତି। କଣାସ ଠାରେ ଥିବା ମୁଖ୍ୟ ପଶୁଚିକିତ୍ସା କେନ୍ଦ୍ରରେ ମୁଖ୍ୟ ପଶୁ ଚିକିତ୍ସକ ପଦବୀ ଖାଲିପଡ଼ିଥିବା ବେଳେ ଅତିରିକ୍ତ ପଶୁ ଚିକିତ୍ସକ ଡାକ୍ତର ଅନୁଗତ ଜେନା ଗାଈ ମୃତ୍ୟୁ ସମ୍ପର୍କରେ ପଚାରିବାରୁ ସେ କୁହନ୍ତି ମୁଁ ଆଜି ଗାଁ ମୃତ୍ୟୁ ସମ୍ପର୍କରେ ଖବର ପାଇଛି ଆସନ୍ତାକାଲି ଶାସନ ଗ୍ରାମକୁ ଯାଇ ବୁଲା ଗୋରୁଗାଈ ମାନଙ୍କୁ ପରୀକ୍ଷା କରିବି।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜୟନ୍ତୀ



**ଟାଙ୍ଗୀ-ଚୌଦ୍ୱାର, ୧୭।୧୧ (ସଂଚାର ବ୍ୟୁରୋ) :** ଶ୍ରୀଶ୍ରୀ ଠାକୁର ଅନୁକୁଳଚନ୍ଦ୍ରଙ୍କର ୧୩୭ ତମ ଜନ୍ମ ଜୟନ୍ତୀ ଚୌଦ୍ୱାରରେ ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ବ୍ଲକର ୩୭ଟି ଗ୍ରାମର ବାସିନ୍ଦାଙ୍କ ଦ୍ୱାରା ଚୌଦ୍ୱାର ପୌରପାଳିକା ୧୨ ନମ୍ବର ୱାର୍ଡ଼ ଓଟିଏମ୍ କଲୋନୀସ୍ଥିତ ଗୋପବନ୍ଧୁ ହାଇସ୍କୁଲ ପଡ଼ିଆରେ ଆୟୋଜିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପ୍ରଭାତରୁ ସମୂହ ପ୍ରାର୍ଥନା, ସଙ୍ଗୀତାଞ୍ଜଳି, ନଗର ସଂକୀର୍ତ୍ତନ, ସତ୍‌ସଂଗ ଆଦି ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଦେବେନ୍ଦ୍ର ବେହେରାଙ୍କ ପରିଚାଳନାରେ ଆୟୋଜିତ ଶ୍ରଦ୍ଧାଲୋଚନା ସଭାରେ ସୃଷ୍ଟିଧର ବିଶ୍ୱାଳ, ସନ୍ତୋଷ ମହାନ୍ତି, ବୈରାଗୀ ଚରଣ ସାହୁ ପ୍ରମୁଖ ଠାକୁରଙ୍କ ନୀତି ଆଦର୍ଶ ସମ୍ପର୍କରେ ଆଲୋଚନା କରି ଏକ ସଂସ୍କାର ଯୁକ୍ତ ପରିବାର ଓ ସଂସ୍କାରଯୁକ୍ତ ସମାଜ ଗଠନ ପାଇଁ ଠାକୁରଙ୍କ ବିଚାରଧାରା ଓ ପ୍ରେରିତ ମାର୍ଗ ଅନୁସରଣ କରିବା ପାଇଁ ଉପସ୍ଥିତ ଭକ୍ତ ମାନଙ୍କୁ ନିବେଦନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅରୁଣ କୁମାର ଭୂୟାଁ, କ୍ଷୀରୋଦ ତ୍ରିପାଠୀ, ସୁରେନ୍ଦ୍ର ସ୍ୱାଇଁ, କାହ୍ନୁ ଚରଣ ଦାସ, କୃତିବାସ ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସତ୍‌ସଂଗ ଆଲୋଚନା କରିଥିଲେ।

ଆୟୋଜିତ ମାତୃ ସମ୍ମିଳନୀରେ ହଜାର ହଜାର ସଂଖ୍ୟାରେ ମହିଳା ଭକ୍ତ ଯୋଗଦେଇ ଭଜନ ଓ ସତ୍‌ସଂଗରେ ଅଂଶ ଗ୍ରହଣ କରିଥିଲେ। ପିଲା ମାନଙ୍କଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ ବିଚିତ୍ରା ପରିବେଷଣ କରା ଯାଇଥିଲା। ଦିବ୍ୟଜ୍ୟୋତି ସାହୁ, ସୁକାନ୍ତ ସୁତାରଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ସବରେ ୭ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଅଂଶ ଗ୍ରହଣ କରି ଆନନ୍ଦ ବଜାରରେ ପବିତ୍ର ପ୍ରସାଦ ସେବନ କରିଥିଲେ।

## ରାଏଡିହି ପଞ୍ଚାୟତ ଲକ୍ଷେଘର ସମାଜ ପକ୍ଷରୁ

# ନୂଆଁଖାଇ ଭେଟଘାଟ-୨୦୨୪ ଅନୁଷ୍ଠିତ

**ସୁନ୍ଦରଗଡ, ୧୭।୧୧ (ସଂଚାର ବ୍ୟୁରୋ) :** ରବିବାର ଅପରାହ୍ନ ୧ଟା ସମୟରେ ରାଏଡିହି ପଞ୍ଚାୟତ ଲକ୍ଷେଘର ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ-୨୦୨୪ ମହା ଆଡମ୍ବର ସହକାରେ ଅନୁଷ୍ଠିତ ହୋଇ ଯାଇଛି । ସହସ୍ର ବର୍ଷ ଧରି ଜାତି ନାମରେ ଶିକ୍ଷା, ଖାଦ୍ୟ, ବାସଗୃହ ସହ ସାମାଜିକ ସହ ବାସସ୍ଥାନରୁ ବଞ୍ଚିତ କରାଯାଇଥିଲା । ଡ. ଭୀମରାଓ ଆମ୍ବେଦକରଙ୍କ ଲଢ଼େଇ ବଳରେ ଶିକ୍ଷା ଅଧିକାର ମିଳିଲା। କିନ୍ତୁ ଆଜି ବି ଦଳିତଙ୍କୁ ଜାତିଭେଦରୁ ମୁକୁଳିବାକୁ ଅନେକ ବାଟ ବାକି ରହିଛି। ତେଣୁ ଏଥିପାଇଁ ଆମ୍ବେଦକରଙ୍କ ବାଣୀ ଅନୁସାରେ, ଶିକ୍ଷିତ, ସଂଗଠିତ ହୋଇ ସଂଘର୍ଷ କରିବାକୁ ପଡ଼ିବ। ନିଜର ପ୍ରକୃତ ପରିଚୟ ଖୋଜି ଆଗକୁ ବଢ଼ିବାକୁ ପଡ଼ିବ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମାଜର ଜିଲ୍ଲା ସଭାପତି ପ୍ରଫୁଲ୍ଲ ସୁନ୍ୟାନୀ ଯୋଗଦାନ କରି ଥିବା ବେଳେ



ମୁଖ୍ୟ ବକ୍ତା ଷଷ୍ଠୀ ମହାନନ୍ଦ ଯୋଗଦାନ କରି ସମାଜ ବିଷୟରେ ବର୍ଣ୍ଣନା କରିଥିଲେ ।

ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ସଭାପତି ବିଶ୍ୱମ୍ବର ମହାନନ୍ଦିଆ, ତପନ ମହାନନ୍ଦିଆ, ଲମ୍ବୋଦର ବୁଡ଼ା, ଅଶୋକ ବୁଡ଼ା, ଅମର ସିଂ, ଜଗତରାମ ତାଜନ୍, ଗୋପାଳପୁର ଲ୍ୟାମ୍ପସ ଏମ.ଡି ଶ୍ରବଣ ଗର୍ଡ଼ିଆ, ସନାତନ ମହାନନ୍ଦିଆ, ବିନୋଦ ବାଦି ପ୍ରମୁଖ ଯୋଗଦାନ କରିଥିଲେ। ଝିଅ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିଲା। ଗତକାଲି ବିଭିନ୍ନ ବିଭାଗରେ ପ୍ରତିଯୋଗିତା ହୋଇଥିବା ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଚନ୍ଦ୍ରମଣି ମହନନ୍ଦିଆ ମଞ୍ଚ ପରିଚାଳନା କରିଥିବା ବେଳେ ଡିଲେଶ୍ୱର ଜୟପୁରିଆ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହୋଇଥିଲା ।

## କ୍ୟାରିୟର୍ କାଉନ୍‌ସେଲିଂ ପ୍ରୋଗ୍ରାମ୍



**କଳାହାଣ୍ଡି, ୧୭।୧୧ (ସଂଚାର ବ୍ୟୁରୋ) :** ଜୁନାଗଡ଼ ବ୍ଲକ ଅନ୍ତର୍ଗତ କୁରୁଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର ରେ ବୃତ୍ତିଗତ ପରାମର୍ଶ କାର୍ଯ୍ୟକ୍ରମ ବିଭିନ୍ନ ବିଭାଗରୁ ଆସିଥିବା ଅଧିକାରୀ ମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବରିଷ୍ଠ ଜେଲ୍ ଅଧୀକ୍ଷକ ପ୍ରେମାନନ୍ଦ ବାଗ, ରାଜନୀତି ବିଜ୍ଞାନର ସହକାରୀ ପ୍ରଫେସର୍ ଡକ୍ଟର୍ ପବିତ୍ର ବାଗ,ଅବସର ପ୍ରାପ୍ତ ଟ୍ରେଜେରୀ ଅଫିସର୍ ମହେଶ୍ୱର ମାଝୀ, ଅତିରିକ୍ତ କମିଶନର୍( ବନ୍ଦୋବସ୍ତ ବିଭାଗ) ଅଗସ୍ତି ପ୍ରଧାନ,ଗୋରା ମହାନନ୍ଦ (ଅବସର ପ୍ରାପ୍ତ ବ୍ୟାଙ୍କ ଅଫିସର୍), ରାମ ନାଏକ (ଅବସରପ୍ରାପ୍ତ ସଂପ୍ରସାରଣ ଅଧିକାରୀ, କୃଷି ବିଭାଗ), ବସନ୍ତ ନାଏକ (ଅବସରପ୍ରାପ୍ତ ସଂପ୍ରସାରଣ ଅଧିକାରୀ, କୃଷି ବିଭାଗ), ହୃଷିକେଶ ମେହେର, ପ୍ରଧାନ ଶିକ୍ଷକ, କୁରୁଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମସ୍ତେ ମଞ୍ଚାସୀନ ହୋଇଥିଲେ। ସମସ୍ତ ମଞ୍ଚାସୀନ ଅତିଥିମାନେ ଦଶମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀଙ୍କୁ କିପରି ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ପାଠ ପଢ଼ିଲେ ଆମେ ସଫଳତାର ଶିଖରକୁ ପହଞ୍ଚି ପାରିବା ତାହା ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ବିଜ୍ଞାନ ଶିକ୍ଷକ ତଥା ଏନ୍. ସି.ସି ଅଫିସର୍ ସନ୍ତୋଷ କୁମାର ମେହେର ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷକ ଗୋପାଳ କୃଷ୍ଣ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

# ନୂଆପଡ଼ାରେ ଜାତୀୟ ପ୍ରେସ୍ ଦିବସ ପାଳିତ

**ନୂଆପଡ଼ା, ୧୭।୧୧ (ସଂଚାର ବ୍ୟୁରୋ) :** ନୂଆପଡ଼ାରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ସ୍ଥାନିୟ ସଦଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସମାରୋହରେ ସମ୍ମାନୀତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର, ବନଖଣ୍ଡ ଅଧିକାରୀ ମହାଦେବ ବଡାଇକ ଏଣ୍ଡ୍ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡ଼ଃ ଫଣିନ୍ଦମ୍ ଦେଓ ଅଂଶ ଗ୍ରହଣ କରିଥିଲେ। ଅତିଥି ମାନେ ଏ ବର୍ଷ ପାଇଁ ଥିବା ବିଷୟ ବସ୍ତୁ ଗଣ ମାଧ୍ୟମର ପରିବର୍ତ୍ତନଶୀଳ ସ୍ୱରୂପ ଉପରେ ବିଶଦ ଆଲୋଚନା କରିଥିଲେ।

ଅତିରିକ୍ତ ଜିଲ୍ଲାପାଳ କହିଥିଲେ ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ



ସ୍ତମ୍ଭ । ସାମ୍ବାଦିକ ମାନେ ସେମାନଙ୍କ କର୍ତ୍ତବ୍ୟ ଠିକ୍ ଭାବରେ ନିଭାଇଲେ ଜିଲ୍ଲାର ପ୍ରଗତି ହେବ। ଏହି ଅବସରରେ ସମାଜ ଜିଲ୍ଲା ପ୍ରତିନିଧି ସିମାଞ୍ଚଳ ମହାପାତ୍ର ନିଜ ବକ୍ତବ୍ୟ ରଖିଥିଲେ ଏବଂ ଓଟିଭି ସାମ୍ବାଦିକ କୁନାଲ ଚରଣ ବେହେରା ସ୍ୱରଚିତ କବିତା ପାଠ କରିଥିଲେ। ସାମ୍ବାଦିକ ମାନେ ଜିଲ୍ଲା ତଥା ଜନସାଧାରଣଙ୍କ ସମସ୍ୟା ଠିକ୍ ଭାବରେ ପ୍ରତିଦିନ ଉପସ୍ଥାପନ କରୁଥିବାରୁ ଜିଲ୍ଲାପାଳ ସେମାନଙ୍କ ପ୍ରଶଂସା କରିଥିଲେ । ଆଗାମୀ ଦିନରେ ଆହୁରି କର୍ତ୍ତବ୍ୟନିଷ୍ଠ ଭାବରେ କର୍ମ ସଂପାଦନ କରି ଜିଲ୍ଲାର ସର୍ବବିଧ ଉନ୍ନତିରେ ପ୍ରଶାସନକୁ ସହଯୋଗ କରିବା ପାଇଁ ଜିଲ୍ଲାପାଳ ସାମ୍ବାଦିକ ମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଜିଲ୍ଲାପାଳ ସାମ୍ବାଦିକ ମାନଙ୍କୁ ସେମାନଙ୍କ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାର କାର୍ଡ ପ୍ରଦାନ କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ସ୍ୱାଗତ ସମ୍ଭାଷଣ ଦେବା ସହିତ ସଭା ସଂଯୋଜନା କରିଥିଲେ। ସାମ୍ବାଦିକ ବିଭୁଦତ୍ତ ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ସଭାରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ଜିଲ୍ଲାସ୍ତରୀୟ ସାମ୍ବାଦିକ ତଥା ଜିଲ୍ଲାର ସମସ୍ତ ବ୍ଲକର ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥଲେ। ବରିଷ୍ଠ ରାଜସ୍ୱ ସହାୟକ ବିଭୁଦତ୍ତ ମିଶ୍ର ଏବଂ ସୂଚନା ଲୋକ ସମ୍ପର୍କ ବିଭାଗର ସମସ୍ତ କର୍ମଚାରୀ ସଭା ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରେସ ଦିବସରେ ବୃକ୍ଷ ରୋପଣ ଓ ସ୍ୱଚ୍ଛ ଭାରତ ଅଭିଯାନ

**ଡେଲାଙ୍ଗ, ୧୭।୧୧ (ସଂଚାର ବ୍ୟୁରୋ) :** ମେକ୍ ଇନ୍ ଇଣ୍ଡିଆ ଆଣ୍ଡ ମିଡ଼ିଆ ପରିବାର ଏବଂ ଡେଲାଙ୍ଗ ପ୍ରେସ କ୍ଲବ ମିଳିତ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ପ୍ରେସ ଦିବସ ଶନିବାର ପୂର୍ବାହ୍ନରେ ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ବାବା ବଣିବକ୍ରେଶ୍ୱର ପୀଠ, କୁଆପଦା ଠାରେ ପାଳିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ତଥା ରାଜ୍ୟସରକାରଙ୍କ ପ୍ରକୃତିବନ୍ଧୁ ପ୍ରାପ୍ତ ଦିଲ୍ଲୀପ କୁମାର ଧାଉଡ଼ିଆଙ୍କ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ ତଥା ସାରସ୍ୱତ ସାଧକ ରମେଶ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ସ୍ୱଚ୍ଛ ଭାରତ ଅଭିଯାନ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସହିତ "ସୁସ୍ଥ ସମାଜ ଗଠନରେ ମିଡ଼ିଆର ଭୂମିକା "ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ସାମ୍ବାଦିକ, ସାହିତ୍ୟିକ, ସମାଜସେବୀ, ଶିକ୍ଷାବିତ, ବୁଦ୍ଧିଜୀବୀ ସହିତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସାମିଲ ହୋଇ ଉତ୍ସାହର ସହିତ ଜାତୀୟ ପ୍ରେସ ଦିବସ ପାଳନ କରିଥିଲେ।

ବରିଷ୍ଠ ସାମ୍ବାଦିକ ତଥା ପ୍ରେସ କ୍ଲବ ସଭାପତି ପ୍ରସନ୍ନ ତ୍ରିପାଠୀ, ସାମ୍ବାଦିକ ସିଦ୍ଧାର୍ଥ ବଳବନ୍ତରାୟ, ବରିଷ୍ଠ ସାମ୍ବାଦିକ



ରଶ୍ମିରଞ୍ଜନ ପ୍ରଧାନ ବିଭୁତି ଭୂଷଣ ହରିଚନ୍ଦନ, ଜନପ୍ରତିନିଧି ପ୍ରଶାନ୍ତ କୁମାର ରାଉତରାୟ, ସମାଜସେବୀ ବେଣୁଧର ମଙ୍ଗରାଜ, ବାବୁରାମ ଦାସ, ବିକ୍ରମ ଜେନା, ସୁନୀଲ ମିଶ୍ର, ରବୀନ୍ଦ୍ର କୁମାର ସାହୁ ପ୍ରଭୃତି ଏଥିରେ ଯୋଗଦେଇଥିଲେ। ସାମାଜିକକର୍ମୀ ଗଙ୍ଗାଧର ନିଶଙ୍କ ଏବଂ ସମାଜସେବୀ କଲ୍ୟାଣୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରରେ ସହଯୋଗ କରିଥିଲେ। ଶେଷରେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଦିଲ୍ଲୀପ କୁମାର ଧାଉଡ଼ିଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।